


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-353 ♦SUNDAY ♦21 JUNE 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୫୩ ♦ରବିବାର ♦୨୧ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ନିର୍ମାଣାଧୀନ ମନ୍ଦିର ଛାତ ଭୁଶୁଡ଼ି ୭ ମୃତ, ୩୦ ଆହତ

■ ପରଭଣୀ, ୨୦।୬ (ଏଜେନ୍ସି): ମହାରାଷ୍ଟ୍ରର ପରଭଣୀ ଜିଲ୍ଲାର ଯଶୱାଡିଠାରେ ଆଜି ଏକ ନିର୍ମାଣାଧୀନ ହନୁମାନ ମନ୍ଦିରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ଅତିକମରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ଏଥିରେ ଅନ୍ୟ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ୪୦ ଜଣ ଶ୍ରଦ୍ଧାଳୁ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା କୁହାଯାଉଛି । ମନ୍ଦିର ପରିସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

**ଫସି ରହିଛନ୍ତି ୪୦ ଶ୍ରଦ୍ଧାଳୁ**

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଯଶୱାଡି ଗ୍ରାମର ଏହି ନିର୍ମାଣାଧୀନ ହନୁମାନ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଧାର୍ମିକ ଉତ୍ସବ ପାଳନ କରୁଥିଲେ । ଏହି ସମୟରେ ହଠାତ୍ ମନ୍ଦିରର କଂକ୍ରିଟ୍ ଛାତଟି ଭୁଶୁଡ଼ି ପଡ଼ିଥିଲା, ଯାହାଫଳରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ । ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁର୍ଘଟଣାରେ ଆହତ ହୋଇଥିବା ୩୦ ଜଣ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବିଭିନ୍ନ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତମାନଙ୍କ ମଧ୍ୟରୁ ପ୍ରାୟ ୬ ଜଣ ଶ୍ରଦ୍ଧାଳୁଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ନିର୍ମାଣ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ନିମ୍ନମାନର ସାମଗ୍ରୀର ବ୍ୟବହାର ଯୋଗୁଁ ଏହି ଛାତଟି ଭୁଶୁଡ଼ିଛି କି ନାହିଁ, ସେ ନେଇ ଅନୁସନ୍ଧାନ କରାଯାଉଛି ।



### ରାଷ୍ଟ୍ରପତିଙ୍କ ଜନ୍ମଦିନରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ୪୭,୬୦୦ କୋଟିର ପ୍ରକଳ୍ପ ଭେଟି

# ଓଡ଼ିଶା ପୂର୍ବୋଦୟର ପ୍ରବେଶ ଦ୍ୱାର

■ ବାରିପଦା, ୨୦।୬ (ସମିସ): ରାଜ୍ୟରେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ବିଜେପି ନେତୃତ୍ୱାଧୀନ କେନ୍ଦ୍ରରେ ୧୨ ବର୍ଷ ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନେଇ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି । ରାଇରଙ୍ଗପୁରର ଦାଣ୍ଡବୋଷ ବିମାନ ବନ୍ଦର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୭ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି ।

ଶକ୍ତି, ଗମନାଗମନ, ଶିଳ୍ପ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ନଗର ଉନ୍ନୟନ କ୍ଷେତ୍ରର ମୋଟ ୭୨ଟି ପ୍ରକଳ୍ପର ମିଳିତ ଭାବେ ଉନ୍ମୋଚନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ । ଏଥିରେ ମୁଖ୍ୟତଃ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ, ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (ଦୁଇଟି ୬୬୦ ମେଗାୱାଟ୍ ୟୁନିଟ୍) ଓ ଝାରସୁଗୁଡ଼ାରେ ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପ ସାମିଲ ରହିଛି । ଭୁବନେଶ୍ୱରରେ ଏକ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ଓ କଟକ-ଭୁବନେଶ୍ୱରକୁ ଯୋଡୁଥିବା କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଅଂଶବିଶେଷ । ନୂଆପଡ଼ାରୁ ଘାଟିପଡ଼ା ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥର ୪-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, କୁସୁମଡିହି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଇଣ୍ଡୋର ବ୍ୟାଡମିଣ୍ଟନ୍ କମ୍ପ୍ଲେକ୍ସର ମଧ୍ୟ ଶୁଭାରମ୍ଭ ହୋଇଛି । ଏଥିସହ ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର, ନୟାଗଡ଼ ଟାଉନ୍ ବାଇପାସ୍, ରାଇରଙ୍ଗପୁରରେ ଆଦିବାସୀ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି । ▶ପୃଷ୍ଠା-୭



## 'ସୌର ଗ୍ରାମ' ହେବ ପାହାଡ଼ପୁର

■ ବାରିପଦା, ୨୦।୬(ସମିସ): ଆଦିବାସୀ ବହୁଳ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ସୁପରିଚିତ ପାହାଡ଼ପୁର ଗାଁକୁ ଏବେ 'ସୋଲାର ଭିଲେଜ' ବା ସୌର ଗ୍ରାମରେ ପରିଣତ କରାଯିବ । ପାହାଡ଼ପୁରର ସମସ୍ତ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ । ଏଥିସହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଉନ୍ନତି ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି ବୋଲି ସେ ଦୋହରାଇଛନ୍ତି । ସୂର୍ଯ୍ୟ ମନ୍ଦିର କୋଣାର୍କ ଭଳି ସୋଲାର ଗ୍ରାମ ପାହାଡପୁର ପ୍ରସିଦ୍ଧି ଲାଭ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

### ମମତାଙ୍କୁ ବିଦ୍ରୋହୀଙ୍କ ଆଉ ଏକ ଝଟ୍‌କା

# ଟିଏମ୍‌ସିର ୪୪୦ କୋଟିର ଆକାଉଣ୍ଟ ଅଚଳ

■ କୋଲକାତା, ୨୦।୬ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ଟିଏମ୍‌ସି ପାଇଁ ବିପଦ ବଢ଼ିବାରେ ଲାଗିଛି । ପ୍ରଥମେ ବିଧାନସଭାରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଭାଗ ହେଲା । ପୁଣି ଲୋକସଭାରେ ମଧ୍ୟ ୨୦ ଜଣ ଟିଏମ୍‌ସି ସାଂସଦ ବିଦ୍ରୋହ କରିଛନ୍ତି । ଏହାକୁ ନେଇ ଟିଏମ୍‌ସି ଗଭୀର ସଙ୍କଟ ଦେଇ ଗତି କରୁଥିବା ବେଳେ ଆଜି ଏହାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିଦେଇଛି ପୁଲିସ । ତିନିଟି ଘରୋଇ ବ୍ୟାଙ୍କରେ ରହିଥିବା ଏହି ଆକାଉଣ୍ଟରେ ୪୪୦ କୋଟି ଟଙ୍କା ରହିଛି । ଟିଏମ୍‌ସି ଏହି ଆକାଉଣ୍ଟରୁ ଅର୍ଥ ଉଠାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହି ପାଣ୍ଠିକୁ ବେଆଇନ ସୂତ୍ରରୁ ଅର୍ଥ ଆସିଛି ବୋଲି କେତେକ ବିଦ୍ରୋହୀ ବିଧାୟକ ଅଭିଯୋଗ ଆଣିବା ପରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।



**ବିଦ୍ରୋହୀଙ୍କ ଦାବି ପରେ ପୁଲିସ କାର୍ଯ୍ୟାନୁଷ୍ଠାନ**

**ପାଣ୍ଠିର ଉତ୍ସ ସଂପର୍କରେ ହେବ ଯାଞ୍ଚ**

ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଜମା ହୋଇଥିବା ବିପୁଳ ପରିମାଣର ଅର୍ଥର ଉତ୍ସ ଉପରେ ପ୍ରଶ୍ନ ଉଠାଇଛନ୍ତି ଟିଏମ୍‌ସିର ବିଦ୍ରୋହୀ ବିଧାୟକ । ସେମାନେ ପୁଲିସରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଆର୍ଥିକ କାରବାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ । ବିଶେଷକରି ଏହି ଅର୍ଥ ବୈଧ ଉତ୍ସରୁ ଆସିଛି ନା କୌଣସି ବେଆଇନ କାର୍ଯ୍ୟକଳାପ, ଯଥା ସନ୍ଦେହଜନକ କଟ୍-ମନି, ସରକାରୀ ପାଣ୍ଠିର ହେରଫେର କିମ୍ବା ବିଭିନ୍ନ ଦୁର୍ନୀତିରୁ ଆସିଛି, ତାହାର ଯାଞ୍ଚ କରିବାକୁ ସେମାନେ ଅନୁରୋଧ କରିଛନ୍ତି । କ୍ଷମତାର ଅପବ୍ୟବହାର, ଅସାଧୁ ଆର୍ଥିକ କାରବାର ଏବଂ ବେଆଇନ ଅର୍ଥ ସଂଗ୍ରହ ମାଧ୍ୟମରେ ଏହି ପାଣ୍ଠି ସବୁ ସଂଗ୍ରହ ହୋଇଛି ବୋଲି ବିଦ୍ରୋହୀ ବିଧାୟକ ସନ୍ଦେହ ପ୍ରକଟ କରିଛନ୍ତି । ଏହି ଅଭିଯୋଗ ପରେ ୪୪୦ କୋଟି ଟଙ୍କାର ଏହି ପାଣ୍ଠି ଏବେ ତଦନ୍ତ ପରିସରଭୁକ୍ତ ହୋଇଛି । ତଦନ୍ତକାରୀ ଅଧିକାରୀମାନେ ଏହି ଅର୍ଥର ପ୍ରକୃତ ଉତ୍ସ ଏବଂ ସମ୍ପୃକ୍ତ ଆକାଉଣ୍ଟ ମାଧ୍ୟମରେ ହୋଇଥିବା ସମସ୍ତ ଆର୍ଥିକ କାରବାରର ସତ୍ୟତା ଜାଣିବାକୁ ଚେଷ୍ଟା କରୁଛନ୍ତି ।

ତେବେ ଏହି ଘଟଣାରେ ଟିଏମ୍‌ସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । କିନ୍ତୁ ମମତା ବାନାର୍ଜୀଙ୍କ ଜଣେ ବିଶ୍ୱସ୍ତ ବିଧାୟକ କହିଛନ୍ତି ଯେ ପୁଲିସ କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ମିଳିଛି; ତେବେ ଆନୁଷ୍ଠାନିକ ଖବରକୁ ଅପେକ୍ଷା କରିଛୁ । 'ଆମେ ଶୁଣିଛୁ ଯେ ୩ଟି ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି ।' ବରିଷ୍ଠ ଟିଏମ୍‌ସି ନେତା ଅରୂପ ବିଶ୍ୱାସ ଆକାଉଣ୍ଟଗୁଡ଼ିକର ସୁରକ୍ଷା ଏବଂ କାରବାର ସ୍ଥଗିତ ରଖିବା ପାଇଁ ବ୍ୟାଙ୍କକୁ ଚିଠି ଲେଖିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । ଦଳ ମଧ୍ୟରେ ନେତୃତ୍ୱ ବିବାଦର ସମାଧାନ ନ ▶ପୃଷ୍ଠା-୭

**ରାୟଗଡ଼ା ଲଜ୍ଜା**

### ଗଭୀର କ୍ଷୋଭ ପ୍ରକାଶ କଲେ ନବୀନ

# ଓଡ଼ିଶା ବିଚଳିତ, ଲଜ୍ଜିତ, ଚିନ୍ତିତ

■ ଭୁବନେଶ୍ୱର, ୨୦।୬ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଜଣେ ଯୁବତୀଙ୍କ ସହ ଘଟିଥିବା ବର୍ବୋରଚିତ କାଣ୍ଡକୁ ନେଇ ସାରାଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି । ଗତ ଦୁଇବର୍ଷ ଧରି ମହିଳା ହିଂସା, ଆକ୍ରମଣକୁ ନେଇ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇ ଆସୁଥିବା ବେଳେ ପୁଣିଥରେ ସମାନ ଧରଣର ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି । ଏପରି ସ୍ପର୍ଶକାତର ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାୟଗଡ଼ା, କଲ୍ୟାଣସିଂହପୁରରେ ଦିଲ୍ଲୀର ଛାତ୍ରୀଙ୍କ ସହ ଘଟିଥିବା ଜଘନ୍ୟ, ବର୍ବରୋଚିତ କାଣ୍ଡ ସମଗ୍ର ଓଡ଼ିଶାକୁ ବିଚଳିତ, ଲଜ୍ଜିତ ଓ ▶ପୃଷ୍ଠା-୭



> ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ
>
> କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି

## ରେଡ୍ ଫ୍ଲାଗ୍ ଘୋଷଣା ପାଇଁ ଏସ୍‌ପିଙ୍କ ସୁପାରିସ

■ ରାୟଗଡ଼ା, ୨୦।୬ (ସମିସ): ରାୟଗଡ଼ାରେ ଦିଲ୍ଲୀର ଜଣେ ଗବେଷିକା ଯୁବତୀ ସ୍ଥାନୀୟ ଯୁବକଙ୍କ ଅଶାଳୀନ ଆଚରଣର ଶିକାର ହେବା ଘଟଣାରେ କଲ୍ୟାଣସିଂହପୁର ଥାନାରେ ମୋଟ ଚାରିଟି ମାମଲା ରୁଜୁ ହୋଇଥିବା ବେଳେ ପ୍ରାରମ୍ଭିକ ତଦନ୍ତରୁ ୪୦ରୁ ୫୦ ଜଣ ବ୍ୟକ୍ତି ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସିସିଟିଭି ଫୁଟେଜ, ଭିଡିଓ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ପୂର୍ବରୁ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଶୁକ୍ରବାର ପୁଣି ମାମଲାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ▶ପୃଷ୍ଠା-୭

### ମିଳିଲାନି ରକ୍ତ

## ଚାଲିଗଲା ଶିଶୁପୁତ୍ରର ଜୀବନ

■ ଧର୍ମଗଡ଼, ୨୦।୬ (ସମିସ): ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଯୋଗୁଁ ଏକ ୩ ବର୍ଷର ଶିଶୁପୁତ୍ରର ଜୀବନ ଚାଲିଯାଇଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରୁ ଆସିଛି ଏହି ଦୁଃଖଦ ଖବର । ମୃତ ଶିଶୁ ହେଉଛନ୍ତି କୋକସରା ଥାନା ଛତାଗୋହିଲା ଗ୍ରାମର ପ୍ରିୟାଂଶୁ ଦୁର୍ଗା (୩) । ସୂଚନା ଅନୁସାରେ, ଧର୍ମଗଡ଼ ମେଡିକାଲରେ ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ପଡ଼ିଥିଲା । ଗତ କିଛିଦିନ ହେବ ରକ୍ତଭଣ୍ଡାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଧର୍ମଗଡ଼ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ଧର୍ମଗଡ଼ ମେଡିକାଲ ଛକରେ ଶବ ରଖି ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି । ଯାହାଫଳରେ ରାସ୍ତାର ଦୁଇ ପାଶ୍ୱର୍ରେ ଗାଡ଼ି ମୋଟର ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ମୃତକଙ୍କ ▶ପୃଷ୍ଠା-୭

**ପରିବାର ଓ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**







## ପାଗ ଭିଡୁଛି ମୌସୁମୀ

### ୨୪ ବେଳକୁ ବଢ଼ିବ ବର୍ଷା ପରିମାଣ

■ ଭୁବନେଶ୍ୱର, ୨୦।୬ (ସମିସ): ଚଳିତ ମୌସୁମୀ ଋତୁରେ ଏପର୍ଯ୍ୟନ୍ତ ପ୍ରଥମ ଲଘୁଚାପ ସୃଷ୍ଟି ହୋଇନାହିଁ । ସାଧାରଣତଃ ମୌସୁମୀ ଛୁଇଁବା ପରେ ଉତ୍ତର ପଶ୍ଚିମ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀକୁ ଅଧିକ ଶକ୍ତିଶାଳୀ କରିଥାଏ ଓ ବର୍ଷା ପରିମାଣ ମଧ୍ୟ ବଢ଼ିଥାଏ । ମାତ୍ର ଚଳିତ ବର୍ଷ ଏପର୍ଯ୍ୟନ୍ତ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ମୌସୁମୀ ଅଧିକ ସକ୍ରିୟ ହୋଇପାରିନାହିଁ । ଯାହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ମୌସୁମୀ ବର୍ଷାର ସ୍ୱାଭାବିକ ରୂପ ଦେଖିବାକୁ ମିଳିନାହିଁ । ମାତ୍ର ୨୩ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଏମିତି କି ଏହି ସମୟରେ ମୌସୁମୀ ସକ୍ରିୟ ହେବା ସହ ବାକି ଥିବା ଜିଲ୍ଲାଗୁଡ଼ିକୁ ମଧ୍ୟ ମୌସୁମୀ ଅଗ୍ରସର ▶ପୃଷ୍ଠା-୭

# ପୁଣି ହର୍ମୁଜ ବନ୍ଦ କଲା ଇରାନ

■ ତେହେରାନ, ୨୦।୬ (ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ବୁଝାମଣା ପରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଥିବା ବେଳେ ଏଥିରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ । ବୁଝାମଣାରେ ରହିଥିବାର ସର୍ତ୍ତର ଉଲ୍ଲଂଘନ କରି ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଏଥିରେ କ୍ଷୁବ୍ଧ ହୋଇ ପୁଣି ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିବାକୁ ଘୋଷଣା କରିଛି ଇରାନ । ଇରାନର ମିଳିତ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଶାନ୍ତି ବୁଝାମଣାରେ ଆମେରିକା ଗ୍ୟାରେଣ୍ଟି ଦେଇଥିଲା । ମାତ୍ର ଏହାକୁ ପାଳନ କରିବାରେ ଆମେରିକା ସଂପୂର୍ଣ୍ଣ ରୂପେ ବିଫଳ ରହିଛି । ତେଣୁ ଏହାର ପ୍ରତିବାଦ ଜଣାଇ ହର୍ମୁଜ ସମୁଦ୍ର ପଥକୁ ସମସ୍ତ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦିଆଯାଇଛି । ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଶାନ୍ତି ଚୁକ୍ତି ସତ୍ତ୍ୱେ ଲେବାନନରୁ ହଟୁନି ଇସ୍ରାଏଲ ।




ଏହାସହିତ ଆକ୍ରମଣ ମଧ୍ୟ ଜାରି ରଖିଛି, ଯାହାଦ୍ୱାରା ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଛନ୍ତି । ଗତକାଲି ଇସ୍ରାଏଲ ଆକ୍ରମଣରେ ଲେବାନନରେ ୧୬ ଜଣ ପ୍ରାଣ ହରାଇଛନ୍ତି ।

ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ୧୧୧ ଧରି ଦିନ ଧରି ଚାଲିଥିବା ଯୁଦ୍ଧ ଓ ଉତ୍ତେଜନା ବନ୍ଦ ଲାଗି ତିନି ଦିନ ତଳେ ଇରାନ ଏବଂ ଆମେରିକା ଶାନ୍ତି ରାଜିନାମାରେ ସ୍ୱାକ୍ଷରିତ କରିଥିଲେ । ଏହାସହିତ ବନ୍ଦ ପଡ଼ିଥିବା ହର୍ମୁଜ ସମୁଦ୍ର ପଥ ଖୋଲିଯାଇଥିଲା । ହର୍ମୁଜ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ ପରିବହନ ହୋଇଥାଏ । ଇରାନର ଏଭଳି ପଦକ୍ଷେପ ଫଳରେ ତୈଳ ଦରରେ ପୁଣି ବୃଦ୍ଧି ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି ।

# ୧୬ଟି ମିଶ୍ରିତ ଔଷଧ ଉପରେ ନିଷେଧାଦେଶ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଶରେ ୧୬ଟି ଫିକ୍ସଡ୍-ଡୋଜ୍ କମ୍ବିନେସନ୍ (ଏଫ୍‌ଡିସି) ବା ମିଶ୍ରିତ ଔଷଧର ଉତ୍ପାଦନ, ବିକ୍ରି ଏବଂ ବଣ୍ଟନ ଉପରେ ତତ୍କାଳ ପ୍ରତିବନ୍ଧକ ଲଗାଇଛନ୍ତି। ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ'ର ଧାରା ୨୬ଏ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ 'ଡ୍ରଗ୍ସ ଟେକ୍ନିକାଲ ଆଡଭାଇଜରି ବୋର୍ଡ' (ଡିଟିଏବି) ର ଏକ ବିଶେଷଜ୍ଞ କମିଟି ଏହି ଔଷଧଗୁଡ଼ିକର କ୍ଲିନିକାଲ୍ ଡାଟା ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ଏହି ୧୬ଟି ନିର୍ଦ୍ଦିଷ୍ଟ କମ୍ବିନେସନ୍ ଔଷଧର କୌଣସି ଚିକିତ୍ସାଗତ ଲାଭ ନାହିଁ, ବରଂ ଏହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ଏହି ବୈଜ୍ଞାନିକ ସମୀକ୍ଷା ରିପୋର୍ଟ ଆଧାରରେ ବଜାରରୁ ଏହି ସବୁ ସମ୍ଭାବ୍ୟ କ୍ଷତିକାରକ ଔଷଧକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ସରକାର ତୁରନ୍ତ ବ୍ୟାନ୍ କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ପୁଅକୁ ଜାମିନ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ବଣ୍ଡି ସଞ୍ଜୟ କୁମାରଙ୍କ ପୁଅ ଭଗୀରଥଙ୍କୁ ଏକ ପୋକ୍ସୋ ମାମଲାରେ ହାଇଦ୍ରାବାଦର ଏକ ଅଦାଲତ ଜୁନ୍ ୨୫ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ନିଜର ବିବିଏ ପରୀକ୍ଷାରେ ହାଜର ହେବା ପାଇଁ ଶୁକ୍ରବାର ଦିନ ତାଙ୍କୁ କୋର୍ଟରୁ ଏହି ସାମୟିକ ଆଶ୍ୱସ୍ତି ମିଳିଛି। ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଗତ ମେ ୮ ତାରିଖରେ ପେଟ୍‌ବସିରାବାଦ୍ ପୁଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ପୋକ୍‌ସୋ ଆକ୍ଟ ଅଧୀନରେ ମାମଲା ରୁଜୁ ହେବା ପରେ ମେ ୧୬ ରେ ଭଗୀରଥଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ତାଙ୍କ ସ୍ୱୀକାରୋକ୍ତି ଆଧାରରେ ପୁଲିସ ମାମଲାରେ ଅଧିକ ସଙ୍ଗୀନ ଦଫା ଯୋଡ଼ିଛି। ଅନ୍ୟପକ୍ଷରେ ଭଗୀରଥ ଏହି ସମସ୍ତ ଆରୋପକୁ ମିଥ୍ୟା ବୋଲି କହିବା ସହ ଏକ ଓଲଟା ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ଝିଅ ଏବଂ ତାଙ୍କ ପରିବାର ଲୋକେ ବିବାହ ପାଇଁ ଚାପ ପକାଇବା ସହ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇ ଟଙ୍କା ଦାବି କରୁଥିଲେ। ଏହି ଆଧାରରେ ପୁଲିସ ଏକ ଏଫ୍‌ଆଇଆର୍ ମଧ୍ୟ ରୁଜୁ କରିଛି ଏବଂ ଘଟଣାର ତଦନ୍ତ ଜାରି ରହିଛି।

# ଖାନ୍ ସାର୍‌ଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଲେ କୋର୍ଟ

ପାଟନା, ୨୦।୬(ଏଜେନ୍ସି): କୋଚିଂ ସେଣ୍ଟର ଗୁଳିକାଣ୍ଡ ମାମଲାରେ ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ ଓରଫ 'ଖାନ୍ ସାର୍'ଙ୍କୁ ବିହାରର ଏକ ଅଦାଲତ ଶନିବାର ସାମୟିକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କର ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଅଦାଲତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୁଲିସକୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କର ଗିରଫଦାରୀ ଉପରେ ରୋକ୍ ଲାଗିଛି। ଚଳିତ ମାସ ଜୁନ୍ ଦୁଇ ତାରିଖ ରାତିରେ ପାଟନାସ୍ଥିତ ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ କୋଚିଂ ସେଣ୍ଟର ବାହାରେ କିଛି ଦୁର୍ବୃତ୍ତ ପଥରମାଡ଼ ଏବଂ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ସେଣ୍ଟରର ଦୁଇଜଣ ସୁରକ୍ଷାକର୍ମୀ ଫାଙ୍କା ଗୁଳିଚାଳନା କରିଥିବା ଭିଡିଓ ସାମ୍ନାକୁ ଆସିଥିଲା। ଏହି ଆଧାରରେ ପାଟନା ପୁଲିସ ଦୁଇ ସୁରକ୍ଷାକର୍ମୀଙ୍କୁ ଗିରଫ କରିବା ସହ ଘଟଣାକୁ ଉସୁକାଇବା ଅଭିଯୋଗରେ ଖାନ୍ ସାର୍ ଏବଂ ଅନ୍ୟ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଛାତ୍ରମାନଙ୍କୁ ବିଭିନ୍ନ କୋଚିଂ ସେଣ୍ଟର ମଧ୍ୟରେ ଥିବା ବ୍ୟବସାୟିକ ଶତ୍ରୁତାର ସୁଯୋଗ ନନେବାକୁ ଏବଂ କାହା ଦ୍ୱାରା ପ୍ରଭାବିତ ନହେବାକୁ ଅନୁରୋଧ କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପରେ ହିଁ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହେବ।

# ୩ ମହଲାରୁ ଡେଇଁ ସଫ୍ଟଓୟାର୍ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

ପୁଣେ, ୨୦।୬(ଏଜେନ୍ସି): ପୁଣେର ମାଣିକବାଗ୍ ଅଞ୍ଚଳରେ ଜଣେ ୨୭ ବର୍ଷୀୟା ମହିଳା ସଫ୍ଟଓୟାର୍ ଇଞ୍ଜିନିୟର ଏକ ଆବାସିକ ବିଲ୍ଡିଂର ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ (ସେ ମଧ୍ୟ ଜଣେ ଆଇଟି ପ୍ରଫେସନାଲ୍) ଏବଂ ଶାଶୁଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ସିଂହଗଡ଼ ରୋଡ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ଧାରା ୧୦୮ (ଆତ୍ମହତ୍ୟା ପାଇଁ ଉସୁକାଇବା) ଅଧୀନରେ ସ୍ୱାମୀ, ଶାଶୁ ଏବଂ ଅନ୍ୟ କେତେକ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁସାରେ, ଏକ ସଫ୍ଟଓୟାର୍ କମ୍ପାନୀରେ କାମ କରିବା ସମୟରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା ଏବଂ ନଭେମ୍ବର ୨୦୨୪ରେ ସେମାନେ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ହିଁ ସ୍ୱାମୀ ଏବଂ ଶାଶୁ ଘର ଲୋକ ଛୋଟ ଛୋଟ କଥାକୁ ନେଇ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ଅନେକ ସମୟରେ ମାଡ଼ ମାରୁଥିଲେ।

# ୨୦ ବର୍ଷର ମାମଲା, ୧୨୮ ସାକ୍ଷୀ; ମିଳିଲାନି ପ୍ରମାଣ

## ପବନରାଜେ ହତ୍ୟାକାଣ୍ଡ: ସମସ୍ତ ଅଭିଯୁକ୍ତ ଖଲାସ

ମୁମ୍ବଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ରର ପ୍ରମୁଖ ରାଜନେତା ପବନରାଜେ ନିମ୍ବାଲକରଙ୍କ ବହୁଚର୍ଚ୍ଚିତ ହତ୍ୟା ମାମଲାରେ ଶନିବାର ଏକ ସ୍ୱତନ୍ତ୍ର ଅଦାଲତ ରାୟ ଶୁଣାଇଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଚାଲିଥିବା ଏହି ଆଇନଗତ ଲଢେଇ ପରେ ଅଦାଲତ ପୂର୍ବତନ ସାଂସଦ ପଦ୍ମସିଂହ ପାଟିଲଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସମ୍ପୂର୍ଣ୍ଣ ଖଲାସ କରିଛନ୍ତି। ଘଟଣା ଅନୁସାରେ, ୨୦୦୬ ମସିହା ଜୁନ୍ ୩ ତାରିଖରେ ନଭି ମୁମ୍ବାଇଠାରେ କଂଗ୍ରେସ ନେତା ଜେ ନିମ୍ବାଲକର ଏବଂ ତାଙ୍କ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏବଂ ଏକ ଚିନି କଳର ପରିଚାଳନା ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ପବନରାଜେଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନସିପି ନେତା ପଦ୍ମସିଂହ ପାଟିଲଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଯାଇଥିଲା। ଦୀର୍ଘ ଦିନର ବିଚାର ପ୍ରକ୍ରିୟା ମଧ୍ୟରେ ସାମାଜିକ କର୍ମୀ ଆନ୍ନା ହଜାରେଙ୍କ ସମେତ ପ୍ରାୟ ୧୨୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ଅଦାଲତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅପରପକ୍ଷରେ, ସିବିଆଇ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବ ବୋଲି ସ୍ପଷ୍ଟ କରିଛି।

# ଶାନ୍ତି ଚୁକ୍ତିକୁ ଇସ୍ରାଏଲ ବିପଦ



■ ଆମେରିକା ଗୁଇନ୍ଦା ସଂସ୍ଥାର ଚେତାବନୀ
■ ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲର ଆକ୍ରମଣ, ଲେବାନନ୍‌ରେ ୭, ଗାଜାରେ ୨ ମୃତ

ୱାସିଂଟନ, ୨୦।୬(ଏଜେନ୍ସି): ଆମେରିକାର ଗୋଇନ୍ଦା ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ନେତନ୍ୟାହୁ ଇରାନ ସହ ହୋଇଥିବା ଶାନ୍ତି ଚୁକ୍ତିକୁ ବିପଦରେ ପକାଇପାରନ୍ତି। ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି ଯେ ଇସ୍ରାଏଲ ସହ ଆମେରିକାର ସମ୍ପର୍କ ସର୍ବଦା ସୁଦୃଢ଼ ରହିଛି ଏବଂ ନେତନ୍ୟାହୁ ଜଣେ ସାହସୀ ନେତା। ଅନ୍ୟ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଇସ୍ରାଏଲ ଉପରେ ତାଙ୍କର ସମ୍ପୂର୍ଣ୍ଣ ପ୍ରଭାବ ରହିଛି ଏବଂ ସେ ନେତନ୍ୟାହୁଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରଣ କରିପାରିବେ। ତେବେ ଗୋଇନ୍ଦା ରିପୋର୍ଟ ଅନୁସାରେ, ଇସ୍ରାଏଲରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଯୋଗୁଁ ନେତନ୍ୟାହୁ ନିଜର ରାଜନୈତିକ ସ୍ଥିତି ବଞ୍ଚାଇବା ପାଇଁ ଲେବାନନରୁ ସେନା ହଟାଇବାକୁ ଚାହୁଁନାହାନ୍ତି ଏବଂ ହିଜବୁଲ୍ଲା ବିରୋଧରେ ଆକ୍ରମଣ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇରାନ ସହ ହୋଇଥିବା ଶାନ୍ତି ବୁଝାମଣାକୁ ଏହା ଦୁର୍ବଳ କରିପାରେ ବୋଲି ଆମେରିକା ପ୍ରଶାସନ ଆଶଙ୍କା ପ୍ରକାଶ କରିଛି। ବର୍ତ୍ତମାନ ଆମେରିକା ଏବଂ କତାରର ମଧ୍ୟସ୍ଥତାରେ ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି। କିନ୍ତୁ ହିଜବୁଲ୍ଲା ଏହି ନିୟମ ପାଳନ ନକଲେ ଇସ୍ରାଏଲ ପୁଣି ଆକ୍ରମଣ କରିବ ବୋଲି ସ୍ପଷ୍ଟ କରିଛି, ଯାହା ଆଗାମୀ ଦିନରେ ଏହି ଅଞ୍ଚଳର ଶାନ୍ତି ପ୍ରକ୍ରିୟାକୁ ଅଧିକ ଜଟିଳ କରିପାରେ।

ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ 'ଯୋଦ୍ଧା ପ୍ରଧାନମନ୍ତ୍ରୀ' ଭାବେ ଅଭିହିତ କରି ସର୍ବସାଧାରଣରେ ପ୍ରଶଂସା କରିଛନ୍ତି। ଲେବାନନରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ମତାନ୍ତର ଚାଲିଥିବା ଚର୍ଚ୍ଚା ହେଉଥିବା ବେଳେ ଟ୍ରମ୍ପଙ୍କ ଏହି ବୟାନ ସାମ୍ନାକୁ ଆସିଛି।

ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ଚାଲିଥିବା କୂଟନୈତିକ ଆଲୋଚନା ମଧ୍ୟରେ ଶନିବାର ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ୍ ପୁନର୍ବାର ଜୋରଦାର ବିମାନ ଆକ୍ରମଣ କରିଛି। ଯୁଦ୍ଧ ବିରତି ଚୁକ୍ତି ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଏହି ଆକ୍ରମଣରେ ଦୁଇଜଣ ଶିଶୁଙ୍କ ସମେତ ଅତିକମରେ ସାତଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ଶନିବାର ଗାଜାର ଏକ ଅପାର୍ଟମେଣ୍ଟ ଉପରେ ଇସ୍ରାଏଲ ଆକ୍ରମଣରେ ୨ ଜଣ ନାବାଳିକା ଭଉଣୀ ମୃତ୍ୟୁ ବରଣ କରିଛନ୍ତି। ଏହି ଘଟଣା ଯୋଗୁଁ ଆମେରିକା-ଇରାନ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ପ୍ରକ୍ରିୟା ଏବେ ସଙ୍କଟ ମଧ୍ୟକୁ ଚାଲିଯାଇଛି। ଲେବାନନ୍‌ର ଜାତୀୟ ସମ୍ବାଦ ସଂସ୍ଥା ଅନୁଯାୟୀ, ଇସ୍ରାଏଲ୍‌ର ଏହି ଆକ୍ରମଣ ଦକ୍ଷିଣ ଲେବାନନ୍‌ର ନବାତିୟା ଏବଂ ଆଖପାଖ ଗ୍ରାମଗୁଡ଼ିକ ଉପରେ ହୋଇଛି, ଯେଉଁଥିରେ ଅନେକ ଲୋକ ଏବେ ମଧ୍ୟ ଭଙ୍ଗାରୁଜା ସ୍ଥାନରେ ମାଟିତଳେ ଦବି ରହିଛନ୍ତି। ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି ଯେ, ହିଜବୁଲ୍ଲା ପକ୍ଷରୁ ସେମାନଙ୍କ ସେନା ଉପରକୁ ଗୁଳିବର୍ଷା କରାଯିବା ପରେ ଏହି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପରପକ୍ଷରେ, ହିଜବୁଲ୍ଲା କହିଛି ଯେ ଯଦି ଇସ୍ରାଏଲ୍ ସେନା ଲେବାନନ୍ ଛାଡ଼ିବାକୁ ପ୍ରତିଶ୍ରୁତି ଦିଏ, ତେବେ ସେମାନେ ମଧ୍ୟ ଆକ୍ରମଣ ବନ୍ଦ କରିବେ। ଏହି ସାମ୍ପ୍ରତିକ ହିଂସାକାଣ୍ଡ ଯୋଗୁଁ ସୁଇଜରଲ୍ୟାଣ୍ଡଠାରେ ହେବାକୁ ଥିବା ଆମେରିକା ଏବଂ ଇରାନର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସ୍ଥଗିତ ହୋଇଯାଇଛି। ଇରାନ କହିଛି ଯେ ଲେବାନନ୍‌ରେ ଆକ୍ରମଣ ସମ୍ପୂର୍ଣ୍ଣ ବନ୍ଦ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ଆଗକୁ ବଢ଼ିପାରିବ ନାହିଁ। ବର୍ତ୍ତମାନ କାତାର ଓ ଆମେରିକା ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଉଭୟ ପକ୍ଷ ମଧ୍ୟରେ ସ୍ଥାୟୀ ସନ୍ତ୍ରାସ ବିରତି ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।


# ବ୍ରିକ୍ସ ସୁରକ୍ଷା ଉପଦେଷ୍ଟା ସମ୍ମିଳନୀ ଆୟୋଜନ କରିବ ଭାରତ



ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆସନ୍ତା ଜୁନ୍ ୨୨ ଓ ୨୩ ତାରିଖରେ ଭାରତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ସ୍ତରୀୟ ବୈଠକ ଆୟୋଜନ କରିବାକୁ ଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶନିବାର ଏହି ସୂଚନା ଦେଇଛି। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଧ୍ୟକ୍ଷତା କରିବେ। ଚଳିତ ବର୍ଷ ଏହି ବୈଠକର ମୁଖ୍ୟ ବିଷୟବସ୍ତୁ 'ଆଜିର ବିଶ୍ୱ ସମ୍ମୁଖୀନ ହେଉଥିବା ଅଣ-ପାରମ୍ପରିକ ସୁରକ୍ଷା ଆହ୍ୱାନ' ରଖାଯାଇଛି। ସାମରିକ ବିପଦ ବ୍ୟତୀତ ବିଶ୍ୱବ୍ୟାପୀ ଦେଖାଦେଉଥିବା ଜଟିଳ ସୁରକ୍ଷା ସମସ୍ୟା ଉପରେ ଏଥିରେ ରଣନୈତିକ ଆଲୋଚନା ହେବ। ବିଶେଷ କରି ବୈଷୟିକ ପ୍ରଗତି ଯୋଗୁଁ ସୃଷ୍ଟି ହେଉଥିବା ସାଇବର ଆକ୍ରମଣ, ସୂଚନା ସୁରକ୍ଷା, ଡିଜିଟାଲ ଭିତ୍ତିଭୂମିର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଭଳି ଗମ୍ଭୀର ବିଷୟ ଉପରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନେ ମତାମତ ବିନିମୟ କରିବେ। ଏହା ସହିତ ସନ୍ତ୍ରାସବାଦ ବିରୋଧୀ ଲଢେଇ ଏବଂ ସୂଚନା ପ୍ରଯୁକ୍ତିର ସୁରକ୍ଷିତ ବ୍ୟବହାର ପାଇଁ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ସମୀକ୍ଷା ମଧ୍ୟ ଏହି ବୈଠକରେ କରାଯିବ। ଡିଜିଟାଲ କ୍ଷେତ୍ରରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଗୋଇନ୍ଦା ସୂଚନା ଆଦାନପ୍ରଦାନ ଏବଂ ପାରସ୍ପରିକ ସହଯୋଗକୁ ଅଧିକ ମଜଭୁତ କରିବା ଦିଗରେ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

# ପୁଣି ଟାର୍ଗେଟ କଲେ ଟ୍ରମ୍ପ

## ଜବାବ ଦେଲେ ମେଲୋନୀ



ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ କୂଟନୈତିକ ବିବାଦ ବଢ଼ିବାରେ ଲାଗିଛି। ଫ୍ରାନ୍ସରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ମେଲୋନୀ ତାଙ୍କ ସହ ଫଟୋ ଉଠାଇବା ପାଇଁ ନେହୁରା ହୋଇଥିଲେ ବୋଲି ଟ୍ରମ୍ପ ଦେଇଥିବା ବୟାନକୁ ମେଲୋନୀ ଖଣ୍ଡନ କରିବା ସହ ତାଙ୍କୁ ସମାଲୋଚନା କରିଛନ୍ତି। ନିଜର ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ, ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନୀ ନିଜ ଦେଶରେ ହ୍ରାସ ପାଉଥିବା ଲୋକପ୍ରିୟତାକୁ ବଢ଼ାଇବା ପାଇଁ ତାଙ୍କ ସହ ଏକ ଫଟୋ ଉଠାଇବାକୁ ବାରମ୍ବାର ଅନୁରୋଧ କରିଥିଲେ। ଏହାସହ ଟ୍ରମ୍ପ ଇଟାଲୀର ଆଭିମୁଖ୍ୟକୁ ସମାଲୋଚନା କରି କହିଛନ୍ତି ଯେ, ଆମେରିକା ଇଟାଲୀର ସୁରକ୍ଷା ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରୁଥିଲେ ମଧ୍ୟ ମେଲୋନୀ ସରକାର ଆମେରିକୀୟ ସାମରିକ ବିମାନକୁ ଇଟାଲୀର ରନୱେ ବ୍ୟବହାର କରିବାକୁ ଅନୁମତି ଦେଇନଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ପାଇଁ ଆମେରିକାର ପ୍ରୟାସକୁ ସମର୍ଥନ ନ କରିବା ଯୋଗୁଁ ମେଲୋନୀଙ୍କ ଲୋକପ୍ରିୟତା କମୁଛି ବୋଲି ଟ୍ରମ୍ପ କଟାକ୍ଷ କରିଛନ୍ତି। ଇରାନ ବିରୋଧରେ ବିଜୟ ପରେ ମେଲୋନୀ ଟ୍ରମ୍ପଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ଏହି ବୟାନକୁ କପୋଳକଳ୍ପିତ ବୋଲି ମେଲୋନୀ କହିଛନ୍ତି। 'ମୋର ଲୋକପ୍ରିୟତା ଆପଣଙ୍କ ଚିନ୍ତାର ବିଷୟ ନୁହେଁ, ମୁଁ ପରାମର୍ଶ ଦେବି ଯେ ଆପଣ ନିଜ ଲୋକପ୍ରିୟତା ଉପରେ ଧ୍ୟାନ ଦିଅନ୍ତୁ' ବୋଲି ମେଲୋନୀ କହିଛନ୍ତି। ତାଙ୍କର ଲୋକପ୍ରିୟତା ଇଟାଲୀର ଜାତୀୟ ସ୍ୱାର୍ଥ ରକ୍ଷା କରିବା ଉପରେ ନିର୍ଭର କରେ, ଟ୍ରମ୍ପଙ୍କ ସହ ସମ୍ପର୍କ ଉପରେ ନୁହେଁ। ଇଟାଲୀ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ସାମରିକ ଘାଟି ବ୍ୟବହାର ଚୁକ୍ତିନାମା ଉଲ୍ଲଂଘନ ହେବ ନାହିଁ ବୋଲି ସେ କହିଛନ୍ତି।



# ଧାରଣା ଜାରି ପାଇଁ କକ୍ରୋଚ୍ ପାର୍ଟିକୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ପରୀକ୍ଷା ପରିଚାଳନାରେ ଅନିୟମିତତା ଏବଂ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି) ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ତେବେ ବିକ୍ଷୋଭ ପାଇଁ ଧାରଣାସ୍ଥଳର ଅନୁମତି ସମୟ ନେଇ ବିବାଦ ଦେଖା ଦେଇଛି। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ପୁଲିସର ନିର୍ଦ୍ଦେଶ ସତ୍ତ୍ୱେ ପ୍ରତିବାଦ ସ୍ଥଳ ଛାଡିବାକୁ ସଫା ମନା କରିଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ଶନିବାର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ପ୍ରତିବାଦ ପାଇଁ ଅନୁମତି ଦିଆଯାଇଥିଲା। ଧାରଣାର ସମୟ ସୀମା ବୃଦ୍ଧି ପାଇଁ ଦୀପକେ ଆବେଦନ କରିଥିଲେ। ମାତ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମତି ମିଳି ନଥିଲା ଏବଂ ସେମାନେ ଧାରଣାସ୍ଥଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦୀପକେ ଅଟଳ ରହିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ସେ ଧାରଣାସ୍ଥଳ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରିଛନ୍ତି। ସେପଟେ ଧାରଣା ସ୍ଥଳରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଛାତ୍ରଛାତ୍ରୀ ଏବଂ ସମର୍ଥକ ପହଞ୍ଚିଛନ୍ତି। ସେମାନେ ଥାଳି ଓ ଚାମଚ ବଜାଇ ସରକାରଙ୍କ ବିରୋଧରେ ପ୍ରତିବାଦ କରିଛନ୍ତି।

# ନିଟ୍ ପରୀକ୍ଷା ବିଭ୍ରାଟ: ନାଗପୁର ଛାତ୍ରଙ୍କ ପାଇଁ ଆବୁଧାବୀ କେନ୍ଦ୍ର

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପୂର୍ବରୁ ଜଣେ ପ୍ରାର୍ଥୀଙ୍କ ପରୀକ୍ଷା କେନ୍ଦ୍ରକୁ ନେଇ ସୃଷ୍ଟି ହୋଇଥିବା ବଡ଼ ବିଭ୍ରାଟର ସମାଧାନ ହୋଇଛି। ନାଗପୁରର ଜଣେ ଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଭୁଲବଶତଃ ସୁଦୂର ଆବୁଧାବିରେ ହୋଇଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଅଭିଷେକ ସିଂହ ଶନିବାର ଏହା ସଂଶୋଧନ ହୋଇଥିବା ସ୍ପଷ୍ଟ କରିଛନ୍ତି। ନାଗପୁରର ପରୀକ୍ଷାର୍ଥୀ ଅବଦୁଲ୍ଲା ମହମ୍ମଦ ତାଲିବ ନିଜର ପ୍ରବେଶ ପତ୍ର ଡାଉନଲୋଡ୍ କରିବା ପରେ ତାଙ୍କର ପରୀକ୍ଷା କେନ୍ଦ୍ର ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବିରେ ଥିବା ଏକ ବିଦ୍ୟାଳୟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଛାତ୍ର ଓ ତାଙ୍କ ପରିବାର ଚିନ୍ତାରେ ପଡ଼ିଯାଇଥିଲେ। ସେମାନେ ସଂସ୍ଥାର ସହାୟତା କେନ୍ଦ୍ର ସହ ଯୋଗାଯୋଗ କରିବା ପରେ ଶନିବାର ସୁଦ୍ଧା ତାଙ୍କୁ ନାଗପୁରରେ ହିଁ ଏକ ନୂତନ ପରୀକ୍ଷା କେନ୍ଦ୍ର ଆବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରକାଶ ପାଇବା ଅଭିଯୋଗ ପରେ ଏହାକୁ ବାତିଲ କରାଯାଇଥିଲା। ଏବେ ଜୁନ୍ ୨୧ ତାରିଖରେ ସାରା ଦେଶରେ ପୁନଃ ପରୀକ୍ଷା କରାଯାଉଛି। ଏଥିପାଇଁ ବିମାନବନ୍ଦର ଭଳି ସୁରକ୍ଷା, ପ୍ରଶ୍ନପତ୍ର ଗାଡ଼ିରେ ଜିପିଏସ୍ ଟ୍ରାକିଂ ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ନଜର ରଖାଯିବା ସହ ଶନିବାର ଏକ ପୂର୍ବ ପ୍ରସ୍ତୁତି ଅଭ୍ୟାସ ମଧ୍ୟ କରାଯାଇଛି। ଏହି ପୁନଃ ପରୀକ୍ଷାରେ ପ୍ରାୟ ୨୨ ଲକ୍ଷରୁ ଅଧିକ ସମଗ୍ର ଦେଶର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ପରୀକ୍ଷାର୍ଥୀମାନଙ୍କ ଯାତାୟାତ ପାଇଁ ବିଭିନ୍ନ ରାଜ୍ୟରେ ମାଗଣା ବସ୍ ସେବା ଏବଂ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥା ପରୀକ୍ଷାର୍ଥୀମାନଙ୍କୁ କୌଣସି ଗୁଜବ ପ୍ରତି ଧ୍ୟାନ ନଦେବାକୁ ଅନୁରୋଧ କରିଛି।

# ଢାକାରେ ହିନ୍ଦୁଙ୍କ ବିଶାଳ ପ୍ରତିବାଦ



ଢାକା, ୨୦।୬(ଏଜେନ୍ସି): ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଛବି ଅବମାନନା ଏବଂ ଗାଇବାନ୍ଧା ଜିଲ୍ଲାରେ ଏକ ୮୧ ଫୁଟ୍‌ର ଶ୍ରୀରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ପ୍ରତିବାଦରେ ଶୁକ୍ରବାର ଢାକାରେ ହଜାର ହଜାର ହିନ୍ଦୁ ସମ୍ପ୍ରଦାୟର ଲୋକ ବିଶାଳ ମଶାଲ ଶୋଭାଯାତ୍ରା କରିଛନ୍ତି। 'ହିନ୍ଦୁ ମହାଜୋଟ'ର ଆହ୍ୱାନରେ ସାହବାଗରୁ ପ୍ରେସ୍ କ୍ଲବ୍ ପର୍ଯ୍ୟନ୍ତ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିଛି କଠୋରପନ୍ଥୀ ସଙ୍ଗଠନର ଧମକ ଯୋଗୁଁ ରାଧା ଗୋବିନ୍ଦ ମନ୍ଦିର କମିଟି ପକ୍ଷରୁ ଚାଲିଥିବା ରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ସାମାଜିକ ସହସ୍ରତା ରକ୍ଷା ପାଇଁ ବାଧ୍ୟ ହୋଇ ସ୍ଥଗିତ ରଖାଯାଇଛି। ଏହା ସହ ରାମଙ୍କ ଛବିକୁ ଅପମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଆନ୍ଦୋଳନକାରୀମାନେ ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ବିଏନପି ସରକାରଙ୍କୁ ୭୨ ଘଣ୍ଟାର ଅଲ୍ଟିମେଟମ୍ ଦେଇଛନ୍ତି। ଦାବି ପୂରଣ ନହେଲେ ଦେଶର ୬୪ଟି ଯାକ ଜିଲ୍ଲାରେ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବାଂଲାଦେଶରେ ଚଳିତ ବର୍ଷ ଜାନୁଆରୀ ୧ ରୁ ମାର୍ଚ୍ଚ ୩୧ ମଧ୍ୟରେ ପ୍ରାୟ ୧୩୩ଟି ସାମ୍ପ୍ରଦାୟିକ ହିଂସା ମାମଲା ସାମ୍ନାକୁ ଆସିଛି, ଯାହା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଟିଏମ୍‌ସି ନେତା ଜାହାଙ୍ଗୀରଙ୍କ ପତ୍ନୀ ଗିରଫ

କୋଲକାତା, ୨୦।୬(ଏଜେନ୍ସି): ପଶ୍ଚିମବଙ୍ଗର ଫାଲ୍‌ତା ଅଞ୍ଚଳର ବାହୁବଳୀ ପୂର୍ବତନ ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କ ପତ୍ନୀ ସରିନା ବିବିଙ୍କୁ ଶନିବାର ସକାଳେ ପୁଲିସ ଗିରଫ କରିଛି। ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ହୋଇଥିବା ଆକ୍ରମଣ ତଥା ଥାନାରେ ହୋଇଥିବା ହିଂସାତ୍ମକ ପ୍ରତିବାଦ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଗତ ଜୁନ୍ ୮ ତାରିଖରେ ନେପାଳ ସୀମାରୁ ଗିରଫ ହୋଇଥିବା ଜାହାଙ୍ଗୀର ଖାନଙ୍କୁ ପୁଲିସ ଅଣ୍ଟାରେ ଦଉଡ଼ି ବାନ୍ଧି ରାସ୍ତାରେ ଚଲାଉଥିବାରୁ ତାଙ୍କ ପତ୍ନୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଥାନା ଉପରେ ଆକ୍ରମଣ କରି ସ୍ୱାମୀଙ୍କୁ ମୁକ୍ତ କରିବା ପାଇଁ ସରିନା ବିବି ପ୍ରତିବାଦର ନେତୃତ୍ୱ ନେଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ହିଂସାକାଣ୍ଡ ମାମଲାରେ ବର୍ତ୍ତମାନ ସୁଦ୍ଧା ୨୭ ଜଣଙ୍କୁ ଗିରଫ କରାଯାଇ ସାରିଲାଣି। ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହି ଘଟଣାକୁ ଗୁରୁତର ସହ ନେଇ ସରିନାଙ୍କ ବିରୋଧରେ ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ମାମଲା ରୁଜୁ କରିବାକୁ ଏବଂ ଦୋଷୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଷେକ ବାନାର୍ଜୀଙ୍କ ଅତି ନିକଟତର କୁହାଯାଉଥିବା ଜାହାଙ୍ଗୀର ଖାନ୍ ନିର୍ବାଚନ ସମୟରେ ବିବାଦକୁ ଆସିଥିଲେ। ପଶ୍ଚିମବଙ୍ଗରେ ସରକାରୀ ପରିବର୍ତ୍ତନ ପରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ନୂତନ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ବାହୁବଳୀ ନେତାଙ୍କ ପରିବାର ଉପରେ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

# ଉଦ୍ଧବଙ୍କ ସମର୍ଥନରେ ବାହାରିଲେ ରାଜ୍

ମୁମ୍ବଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଏବଂ ଆଶ୍ଚର୍ଯ୍ୟଜନକ ସମୀକରଣ ଦେଖିବାକୁ ମିଳିଛି। ଶିବସେନା (ଉଦ୍ଧବ ଗୋଷ୍ଠୀ) ର ୬ ଜଣ ଲୋକସଭା ସାଂସଦଙ୍କ ବିଦ୍ରୋହ ପରେ ଏବେ ଉଦ୍ଧବ ଠାକରେଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ତାଙ୍କ ସମ୍ପର୍କୀୟ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ସି) ମୁଖ୍ୟ ରାଜ୍ ଠାକରେ। ରାଜନୈତିକ ଫାଇଦା ପାଇଁ ଜନପ୍ରତିନିଧିମାନଙ୍କୁ ଭାଙ୍ଗିବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ମୁମ୍ବାଇରେ ଏକ ସଭାକୁ ସମ୍ବୋଧିତ କରି ରାଜ୍ ଠାକରେ କହିଛନ୍ତି ଯେ କ୍ଷମତା ପାଇଁ ରାଜନୀତି ଏବେ ଚରମ ସୀମାରେ ପହଞ୍ଚିଛି ଏବଂ ବିଧାୟକ ତଥା ସାଂସଦମାନଙ୍କୁ ଅପହରଣ କରିବା ଭଳି ଏହି ଖେଳରେ ଆମେ ମହାରାଷ୍ଟ୍ରର ପରମ୍ପରା ଓ ଇତିହାସକୁ ଭୁଲିଯାଉଛୁ।



ସୂଚନାଯୋଗ୍ୟ ଯେ, ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଶିବସେନା (ଉଦ୍ଧବ ଗୋଷ୍ଠୀ)ର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ରହି ବିଦ୍ରୋହର ଆଭାସ ଦେଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ଉଦ୍ଧବ ଠାକରେ ମଧ୍ୟ କହିଥିଲେ ଯେ ସେ ଦଳର ସଭାପତି ପଦ ଛାଡ଼ିବାକୁ ପ୍ରସ୍ତୁତ, କିନ୍ତୁ ଦଳର ସୁପ୍ରିମୋ ପଦ କୌଣସି ଚୋର ହାତକୁ ଯିବାକୁ ଦେବେ ନାହିଁ। ବିଦ୍ରୋହୀ ସାଂସଦମାନଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଏହି ନୂତନ ସଙ୍କଟ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମୟରେ ପାର୍ଥକ୍ୟ ଭୁଲି ଦୁଇ ଠାକରେ ଭାଇ ଏକାଠି ହେବା ମହାରାଷ୍ଟ୍ର ରାଜନୀତିକୁ ଏକ ନୂଆ ମୋଡ଼ ଦେଇଛି।

# ଭେଣ୍ଟିଲେଟରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

## ୫୨ ସେମିଷ୍ଟାର ବିଳମ୍ବ; ଅନିଶ୍ଚିତତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଭୁବନେଶ୍ୱର, ୨୦।୬ (ବିଶ୍ୱଜିତ୍ ଗାଇଗରିଆ):

ପିଲାଙ୍କ ପାଠପଢ଼ା ସହିତ ପାଠ୍ୟକ୍ରମର ଅବଧି ସରିଲାଣି; ମାତ୍ର ସେମିଷ୍ଟାର ପରୀକ୍ଷା ହେଉନି। ୨ ବର୍ଷିଆ ପାଠ୍ୟକ୍ରମ ସରି ୩ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ୪ ବର୍ଷିଆ ପାଠ୍ୟକ୍ରମର ଶେଷ ବର୍ଷର ପଢୁଥିବା ଛାତ୍ରଛାତ୍ରୀଙ୍କ ମାତ୍ର ୨ଟି ସେମିଷ୍ଟାର ସରିଛି। ଗୋଟିଏ କି ଦୁଇଟି ନୁହେଁ, ସମୁଦାୟ ୫୨ ଟି ସେମିଷ୍ଟାର ପରୀକ୍ଷା ଅଟକି ରହିଛି।

■ ନର୍ସିଂ, ଫାର୍ମାସୀ, ଆୟୁର୍ବେଦ ଓ ହୋମିଓପାଥି ପାଠ୍ୟକ୍ରମ ପ୍ରଭାବିତ
■ ନିଯୁକ୍ତି, ଇଣ୍ଟର୍ନଶିପ୍ ଓ କ୍ୟାମ୍ପସ୍ ପ୍ଲେସମେଣ୍ଟରୁ ବଞ୍ଚିତ ଛାତ୍ରଛାତ୍ରୀ

ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷାର ମାନଦଣ୍ଡ ସମ୍ଭାଳୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏହି ବିକଳ ଚିତ୍ର ଦେଖିବାକୁ ମିଳିଛି। ଗୁରୁତର ପ୍ରଶାସନିକ ସଙ୍କଟ ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ଏକାଡେମିକ୍ କ୍ୟାଲେଣ୍ଡର ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନାମଲେଖାଇଥିବା ବିଏସ୍‌ସି ନର୍ସିଂ ପିଲାଙ୍କ ୩ ବର୍ଷ ପାଠପଢ଼ା ସରି ଶେଷ ବର୍ଷର ପାଠପଢ଼ା ଆରମ୍ଭ ହେଲାଣି। ଏଯାଏଁ ୬ ଟି ସେମିଷ୍ଟାର ପରୀକ୍ଷା ସରିବା ସ୍ଥାନରେ ମାତ୍ର ୨ଟି ସେମିଷ୍ଟାର ପରୀକ୍ଷା ସରିଛି। ଅବଶିଷ୍ଟ ୪ଟି ସେମିଷ୍ଟାର ପରୀକ୍ଷା ହୋଇନାହିଁ ଏବଂ କେବେ ହେବ ତାହାର ମଧ୍ୟ କୌଣସି ଠିକଣା ନାହିଁ। ଅନୁରୂପ ଭାବେ ଏହି ପାଠ୍ୟକ୍ରମରେ ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ମାତ୍ର ଗୋଟିଏ ସେମିଷ୍ଟାର ସରିଥିବାବେଳେ ୩ଟି ବାକି ରହିଛି। କେବଳ ବିଏସ୍‌ସି ନର୍ସିଂ ନୁହେଁ, ପିବି ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ମଧ୍ୟ ସମାନ ଅବସ୍ଥା। ୨୦୨୩-୨୪ରେ ନାମଲେଖାଇଥିବା ପିଲାଙ୍କ ପାଠପଢ଼ା ୨୦୨୫ ରୁ ସରିଲାଣି। ବର୍ଷେ ହେବ ସେମାନେ ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ମଧ୍ୟ ଆସୁନାହାନ୍ତି। ମାତ୍ର ସେମାନଙ୍କ ଦ୍ୱିତୀୟବର୍ଷ ପରୀକ୍ଷା ଏବେ ଯାଏଁ ହୋଇନାହିଁ। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ପାଠପଢ଼ା ସରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମର ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମ ପାଇଁ ୨୦୨୩-୨୪ରେ ନାମଲେଖାଇଥିବା ପିଲାମାନେ ୨୦୨୫ରୁ ପଢ଼ା ସାରିଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନାହିଁ। ବିଫାର୍ମ ଓ ଏମ୍. ଫାର୍ମ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ହେଉ ନ ଥିବାରୁ ପ୍ରମାଦ ଗଣୁଛନ୍ତି।

ଆୟୁର୍ବେଦ ପାଠ୍ୟକ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ପିଲାଙ୍କ ଅବସ୍ଥା ସବୁଠାରୁ ଦୁର୍ଭାଗ୍ୟଜନକ। ସାଢ଼େ ୫ ବର୍ଷିଆ ଏହି ପାଠ୍ୟକ୍ରମ ପାଇଁ ୨୦୨୩-୨୪ ରେ ସ୍ନାତକ ପାଇଁ ନାମଲେଖାଇଥିବା ପିଲାଙ୍କ ବର୍ଷକୁ ଗୋଟିଏ ଲେଖାଏଁ ମୋଟ୍ ୪ଟି ପରୀକ୍ଷା ସରିବା କଥା। ମାତ୍ର କେବଳ ଗୋଟିଏ ବାର୍ଷିକ ପରୀକ୍ଷା ସରିଥିବାବେଳେ




ଅବଶିଷ୍ଟ ୩ଟି ପରୀକ୍ଷା ଏଯାଏଁ ହୋଇପାରିନି। ପିଲା ଶେଷ ବର୍ଷର ପାଠ ପଢୁଥିବାବେଳେ ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇନାହାନ୍ତି। ୨୦୨୪-୨୫ ପିଲାଙ୍କ ପ୍ରଥମ ପରୀକ୍ଷା ଜାରି ରହିଥିବାବେଳେ ଅବଶିଷ୍ଟ ୩ଟି ପରୀକ୍ଷା କେବେ ହେବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆୟୁର୍ବେଦରେ ସ୍ନାତକ ପିଲାଙ୍କ ମୋଟ୍ ୧୦ଟି ପରୀକ୍ଷା ପେଣ୍ଡିଂ ଥିବାବେଳେ ସ୍ନାତକୋତ୍ତର ପିଲାଙ୍କ ୫ଟି ପରୀକ୍ଷା ବାକି ରହିଛି। ଏନୁରୂପ ଭାବେ ହୋମିଓପାଥି ସ୍ନାତକ ପାଠ୍ୟକ୍ରମରେ ୨୦୨୩-୨୪ ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ସରିଥିବାବେଳେ ଆହୁରି ୧୧ଟି ପରୀକ୍ଷା ପେଣ୍ଡିଂ ରହିଛି। ସେହିପରି ସ୍ନାତକୋତ୍ତର ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ହୋଇଥିବାବେଳେ ଆଉ ୫ଟି ପରୀକ୍ଷା କରିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି।

ପରୀକ୍ଷା ଏବଂ ଫଳ ପ୍ରକାଶ ବିଳମ୍ବ ହେବାରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ନର୍ସିଂ ଓ ଫାର୍ମାସି କ୍ଷେତ୍ରରେ ନିଯୁକ୍ତି, ଇଣ୍ଟର୍ନଶିପ୍, କ୍ୟାମ୍ପସ୍ ପ୍ଲେସମେଣ୍ଟ ଓ ଉଚ୍ଚତର ଅଧ୍ୟୟନ ପାଇଁ ମାର୍କସିଟ୍ ଓ ସର୍ଟିଫିକେଟ୍ ଆବଶ୍ୟକ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପରୀକ୍ଷା କେବେ ହେବ ଏବଂ ଫଳ କେବେ ପ୍ରକାଶ ପାଇବ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୟଙ୍କର ମାନସିକ ଚାପରେ ରହିଛନ୍ତି। ନିଜର ଭବିଷ୍ୟତ ପ୍ରତି ଅନିଶ୍ଚିତତା ଘୋଟି ରହିଥିବାବେଳେ ବୟସ ସୀମାଭିତ୍ତିକ ନିଯୁକ୍ତି ସୁଯୋଗ ହରାଇବାର ଆଶଙ୍କା ବଢ଼ିଛି। ବିଶେଷଜ୍ଞମାନଙ୍କ ମତରେ, ନର୍ସିଂ ଓ ଫାର୍ମାସି କ୍ଷେତ୍ର ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ଏହି କ୍ଷେତ୍ରର ଶିକ୍ଷାର୍ଥୀଙ୍କ ପରୀକ୍ଷା ଓ ଶିକ୍ଷା ପ୍ରକ୍ରିୟା ବିଳମ୍ବ ହେବା ଅର୍ଥ ଭବିଷ୍ୟତରେ ଦକ୍ଷ ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପଲବ୍ଧତା ଉପରେ ମଧ୍ୟ ପ୍ରଭାବ ପଡ଼ିବ। ପ୍ରାୟ ୫୨ ରୁ ଅଧିକ ସେମିଷ୍ଟାର ପରୀକ୍ଷା ବିଳମ୍ବ ନେଇ ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡିଜେ ସାଉଣ୍ଡ ନେଲା ମହିଳାଙ୍କ ଜୀବନ



ପାଟଣାଗଡ଼,୨୦।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ ଥାନା ବ୍ରହ୍ମପୁରାସ୍ଥିତ ସହରାପଡ଼ାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଡିଜେଗାଡି ସାଉଣ୍ଡରେ ପଡାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସହରାପଡାର ଲୋଚନା ବାହୁ(୪୫)।

■ ମୃତ୍ୟୁକୁ ନେଇ ଉତ୍ତେଜନା
■ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ

ପାଟଣାଗଡ଼ ସହରାପଡାରେ ଗୋଟିଏ ବାହାଘର ଥିଲା। ବିଳମ୍ବିତ ରାତିରେ ନବବଧୂଙ୍କୁ ମନ୍ଦିର ଦର୍ଶନ ପାଇଁ ନେବା ସମୟରେ ଅତ୍ୟଧିକ ସାଉଣ୍ଡରେ ଡିଜେ ବଜାଯାଉଥିଲା। ଏହି ସମୟରେ ଲୋଚନା ତାଙ୍କ ନାତୁଣୀକୁ ସ୍ନାନ କରାଉଥିଲେ। ଡିଜେ ସାଉଣ୍ଡ ତାଙ୍କୁ ବ୍ୟଥିତ କରୁଛି, ତେଣୁ ଡିଜେ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ; କିନ୍ତୁ ବରପକ୍ଷ ତାଙ୍କ କଥାକୁ ନ ମାନି ଆହୁରି ସାଉଣ୍ଡ ଦେଇ ଡିଜେ ବଜାଇ ଚାଲିଥିଲେ। କିଛି ସମୟ ପରେ ଲୋଚନା ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପାଟଣାଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରୁ ବଲାଙ୍ଗିର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଲୋଚନାଙ୍କ ଅବସ୍ଥା ସଙ୍କଟାପନ୍ନ କହିବାରୁ ପୁଣି ପାଟଣାଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଲୋଚନାଙ୍କ ମୃତ୍ୟୁ ଘଟିଥିଲା।

ପରିବାର ଲୋକେ ଡିଜେ ସାଉଣ୍ଡ ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ସହରାପଡାରେ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱର ଯାନବାହାନ ଅଟକି ରହିଥିଲା। ଘଟଣାସ୍ଥଳକୁ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରାୟ ଘଣ୍ଟା ପରେ ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାୟକ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଡିଜେ ଗାଡି ଡ୍ରାଇଭର ଓ ଅପରେଟର ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ

# ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୬୯୨.୮୬ କୋଟି

ବାରିପଦା, ୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପଶ୍ଚିମବଙ୍ଗର ହୁଗୁଳିସ୍ଥ ତାରକେଶ୍ୱରଠାରେ ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮, ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶାର ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆଜି ୬୯୨.୮୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀ ବିହନ, ସାର, କୀଟନାଶକ ଓ ଚାଷ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ସମସ୍ତ ଯୋଗ୍ୟ କୃଷକଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬ ,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ ରୂପେ ପାଳନ କରାଯାଉଛି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରସ୍ଥ ମହତାବ ଭବନ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ସମ୍ବୋଧନ କରି କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି



ରବିଋତୁରେ ମଧ୍ୟ ଚାଷୀଙ୍କଠାରୁ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ଚାଷୀ ବିଭିନ୍ନ ଫଳ, ପନିପରିବା ଚାଷ କରି ବିଦେଶକୁ ରପ୍ତାନି କରି ଭଲ ରୋଜଗାର କରିଛନ୍ତି ଓ ଚାଷୀ ହସିଲେ ଦେଶ ହସିବ ଉକ୍ତିକୁ ସତ୍ୟରେ ପରିଣତ କରିପାରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, ଚଳିତ ବର୍ଷ ଏଲ୍-ନିନୋର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି। ତେଣୁ ଚାଷୀମାନେ ସ୍ୱଳ୍ପ ଅବଧିଯୁକ୍ତ ଫସଲ କିସମ ଚାଷ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଫସଲ ଉତ୍ପାଦନ ପ୍ରଭାବିତ ହେବନାହିଁ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଆହ୍ୱାନ ଅନୁଯାୟୀ ଡାଲି ଓ ତୈଳ ଜାତୀୟ ଫସଲ ରାଜ୍ୟରେ ଅଧିକ ପରିମାଣରେ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଓଡ଼ିଶାକୁ ଡାଲି ଓ ତେଲରେ ଆତ୍ମନିର୍ଭର ପଥରେ ଅଗ୍ରସର କରିବ ଓ ସରକାର ଏହାକୁ ଏମଏସପି ଦରରେ ଚାଷୀଙ୍କଠାରୁ ସଂଗ୍ରହ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇ କହିଥିଲେ, ସମସ୍ତ ଯୋଗ୍ୟ ଚାଷୀ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ନିଜକୁ ପଞ୍ଜୀକରଣ କରାନ୍ତୁ ଓ ଯୋଜନାର ଲାଭ ଉଠାନ୍ତୁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସାକସେନା, ବିଭାଗୀୟ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଏମ୍ କିଷାନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଜାତୀୟ କୃଷି ଅନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଛି।

# ହତ୍ୟା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

## ୫ ଗିରଫ : ଦେଶୀ ପିସ୍ତଲ, ଗୁଳି, ଖୋକା, ଟାଙ୍ଗିଆ, ଫାର୍ସା, ମୋବାଇଲ ଜବତ

ରାଉରକେଲା,୨୦।୬(ସମିସ): ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ଅଞ୍ଚଳର ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡର ୭୨ ଘଣ୍ଟା ପରେ ରାଉରକେଲା ପୁଲିସକୁ ମିଳିଛି ସଫଳତା। ହତ୍ୟା ଘଟଣାରେ ୫ ଜଣ ଅଭିଯୁକ୍ତ ଥିଲେ ମଧ୍ୟ ଦୁଇ ଜଣ ଫେରାର ହେଉଥିବା ବେଳେ ପୁଲିସ ଏନକାଉଣ୍ଟରରେ ଆହତ ହୋଇଛନ୍ତି। ପୁଲିସ ଗତକାଲି ରାତିରେ ମୁଖ୍ୟ ଅଭିଯୁକ୍ତ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ୫ ଜଣଙ୍କ ମଧ୍ୟରୁ ୨ ଅଭିଯୁକ୍ତ ଫେରାର ହେଉଥିବାବେଳେ ପୁଲିସ ଭ୍ୟାନକୁ ଦେଖି ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଅଭିଯୁକ୍ତଙ୍କ ଡାହାଣଗୋଡ଼ର ଆଣ୍ଠୁରେ ଗୁଳି ବାଜିଛି। ଆହତ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସୁଶାନ୍ତ ନାୟକ ଓରଫ୍ ନଣ୍ଡା ବାବୁ(୩୦) ଏବଂ ଚିନୁ ହରିପ୍ପା(୨୩)। ଉଭୟଙ୍କ ଘର ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ନିକଟସ୍ଥ ନାରାୟଣପାଲ୍ଲୀ ବସ୍ତିରେ। ଉଭୟଙ୍କୁ ଗିରଫ କରାଯିବା ସହ ପୁଲିସ ସୁରକ୍ଷା ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଏକ ମାଗାଜିନ, ଗୋଟିଏ ଜୀବନ୍ତ ଗୁଳି, ୨ଟି ଖୋକା(ଫୁଟା ଗୁଳି), ୨ଟି ଟାଙ୍ଗିଆ, ଗୋଟିଏ ଫାର୍ସା, ମୋବାଇଲ ଫୋନ୍ ଜବତ କରାଯାଇଛି। ଅନ୍ୟ ତିନି ଅଭିଯୁକ୍ତ ହେଲେ ସେକ୍ଟର-୭ ଥାନା ଅଧୀନ ସେକ୍ଟର- ୫ର କବିସମ୍ରାଟପାଲ୍ଲୀ ବସ୍ତିର ରୋହିତ ମୁଖି (୩୨), ସେକ୍ଟର-୭ ଥାନା ଅଧୀନ



ସେକ୍ଟର-୫ର ଗୋଲଘର ନିକଟ ଗଞ୍ଜାମପାଲ୍ଲୀ ବସ୍ତିର ରୋହିତ ହରିପା(୨୩) ଏବଂ ଝିରପାଣି ଥାନା ଅଧୀନ ପମ୍ପ ହାଉସ୍ ଅଞ୍ଚଳର ଜନସନ୍ ନାଗ୍ (୨୬)। ଗିରଫ ସୁଶାନ୍ତ ନାୟକଙ୍କ ନାମରେ ସେକ୍ଟର-୭ ଥାନାରେ ୩ଟି ମାମଲା ରହିଥିବାବେଳେ ରୋହିତ ହରିପ୍ପାଙ୍କ ନାଁରେ ସେକ୍ଟର-୭ ଥାନାରେ ଗୋଟିଏ ମାମଲା ଏବଂ ରୋହିତ ମୁଖିଙ୍କ ନାଁରେ ସେକ୍ଟର-୩ ଥାନାରେ ୨ଟି ମାମଲା ଏବଂ ଜନସନ୍ ନାଗଙ୍କ ନାଁରେ ଝିରପାଣି ଥାନାରେ ଗୋଟିଏ ମାମଲା ରହିଛି।

■ ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଗିରଫ



ମହାକାଳପଡ଼ା,୨୦।୬ ( ସମିସ): ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ଉପରେ ଆକ୍ରମଣ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି। ମହାକାଳପଡ଼ା ପୁଲିସକୁ ଚକ୍‌ମା ଦେଇ ବିଶ୍ୱଜିତ୍ ଭୁବନେଶ୍ୱର ଅଞ୍ଚଳରେ ଲୁଚି ବୁଲୁଥିଲେ। କୌଣସି ସୂତ୍ରରୁ ଖବର ପାଇ ମହାକାଳପଡ଼ା ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ପୁଲିସ ଅତର୍କିତ ଭାବେ ଘେରିଯିବାରୁ ବିଶ୍ୱଜିତ୍ ଖସିଯିବାକୁ ବାଟ ପାଇ ନ ଥିଲେ। ପୁଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଆଜି ଅଭିଯୁକ୍ତ ହିମାଂଶୁ ଶେଖର ପ୍ରଧାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ବ୍ଲକ୍ କାର୍ଯ୍ୟାଳୟର ବିଡିଓଙ୍କ ଅଫିସରେ ସରପଞ୍ଚ ଚାମେଲୀ ଓଝାଙ୍କ ସହ ବଚସା ଓ ଆକ୍ରମଣ ଘଟଣାରେ ବିଶ୍ୱଜିତ୍ ମୁଖ୍ୟ ଅଭିଯୁକ୍ତ ଥିଲେ। ଘଟଣା ପରଠାରୁ ସେ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ ନାକେଦମ୍ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ଆଇନକୁ ନିଜ ହାତକୁ ନେବାକୁ କାହାରିକୁ ଅନୁମତି ଦିଆଯାଇନାହିଁ। ଅଭିଯୁକ୍ତ ଯେତେ ବଡ଼ ହେଲେ ବି ତାଙ୍କୁ ଗିରଫ କରାଯିବ। ବିଶ୍ୱଜିତଙ୍କୁ ମିଶାଇ ତିନିଜଣ ଗିରଫ ହେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଜୋର ଧରିଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧିଦଳ

ଭୁବନେଶ୍ୱର,୨୦।୬(ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍ ଗୋପାଳନ୍‌ଙ୍କୁ ସାକ୍ଷାତ କରି ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶୀ ଓ ଜନବିଶ୍ୱାସୀ କରିବା ପାଇଁ ନିବେଦନ କରିଛନ୍ତି।

ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆପ୍ ମାଧ୍ୟମରେ ଗଣନା ଫର୍ମର ଡିଜିଟାଲ ନଥିକରଣ ସମ୍ପୂର୍ଣ୍ଣ ହେବା ପରେ ସମ୍ପୃକ୍ତ ଭୋଟରଙ୍କୁ ତୁରନ୍ତ ଏକ ସ୍ୱୀକୃତି ବାର୍ତ୍ତା ପଠାଯିବାକୁ ବିଜେଡି ଅନୁରୋଧ କରିଛି। ଏହାଦ୍ୱାରା ଭୋଟରମାନେ ନିଜ ଫର୍ମ ସଫଳତାର ସହ ଗ୍ରହଣ ଏବଂ ନଥିଭୁକ୍ତ ହୋଇଥିବାର ନିଶ୍ଚିତତା ପାଇପାରିବେ, ଯାହା ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିବ। ଦ୍ୱିତୀୟତଃ ଭୋଟର ତାଲିକା ସଂଶୋଧନ ସମୟରେ ଦାବି



ଓ ଆପତ୍ତି ପର୍ଯ୍ୟାୟରେ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ରାସନ କାର୍ଡକୁ ଅତିରିକ୍ତ ସୂଚକ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛି। ଏହାଦ୍ୱାରା ଅଧିକ ସଂଖ୍ୟକ ଯୋଗ୍ୟ ଭୋଟର ନିଜର ପରିଚୟ ଓ ଯୋଗ୍ୟତା ସ୍ଥାପନ କରି ନିର୍ବାଚନୀ ଅଧିକାରର ସୁବିଧାଜନକ ପ୍ରୟୋଗ କରିପାରିବେ। ସେହିପରି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ, ତ୍ୱରିତ ସମସ୍ୟା ସମାଧାନ ଏବଂ ସୁଚାରୁ ସମନ୍ୱୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଗୋଷ୍ଠୀ ଗଠନ କରିବାକୁ ବିଜେଡି ପ୍ରସ୍ତାବ ଦେଇଛି।

ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ସହିତ ଭୋଟରମାନଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏହା ଅଧିକ ଦକ୍ଷ, ଅନ୍ତର୍ଭୁକ୍ତିମୂଳକ ଓ ସଫଳ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗଠନରେ ସହାୟକ ହେବ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି।

**ସ୍ୱଚ୍ଛ ଓ ଜନବିଶ୍ୱାସୀ ହେଉ ଭୋଟର ତାଲିକା ସଂଶୋଧନ**

ପ୍ରତିନିଧି ମଣ୍ଡଳୀରେ ବିଜେଡିର ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ସୁଲତା ଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ବିଜୟ ନାୟକ, ମିଡିଆ ସେଲ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ରବି ସାମଲ ସାମିଲ ଥିଲେ।

# ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘରକୁ ଆଖିବୁଜା ଗୁଳିମାଡ଼

ତରଭା/ଡୁଙ୍ଗୁରିପାଲି,୨୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦଙ୍କ ଘର ଉପରକୁ ଦୁର୍ବୃତ୍ତ ଆଖିବୁଜା ଗୁଳି ମାଡ କରିଛନ୍ତି। ଶୁକ୍ରବାର ରାତି ୧୧ଟାରୁ ସାଢେ ୧୧ଟା ମଧ୍ୟରେ ଏହି ଘଟଣା ଘଟଇଛି। କେତେକ ଅସାମାଜିକ ବ୍ୟକ୍ତି ଗୋଟିଏ କାରରେ ଆସି ବିନିକା ଥାନା ଅଧୀନ ସିଂଘିଯୁବା ଗ୍ରାମରେ ଥିବା ଶ୍ରୀମତୀ ନନ୍ଦଙ୍କ ଘର ଉପରକୁ ଗୁଳି ମାଡ଼ କରିଥିଲେ। ପ୍ରଥମେ ସେମାନେ



ଘର ସମ୍ମୁଖ ଲୁହା ଗ୍ରିଲ୍ ବାଡେଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଘର ଭିତରେ ଥିବା ଗାଡ଼ି ଓ ବାହାରେ ଥିବା ଏକ ଗାଡ଼ି ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତ ଗୋଟିଏ ଗାଡିର ଚାଳକ ସାଇଡ୍ କାଚ ଭାଙ୍ଗି ଚୁରମାର କରିବା ସହ ଘର ଗେଟ୍ ପାଖରେ ଥିବା ଏକ ସଟରକୁ ଗୁଳି କରିଥିବା ଦେଖିବାକୁ ମିଳିଛି। ଗଲାବେଳେ ସେମାନେ ବ୍ଲାଙ୍କ ଫାୟାରିଂ କରି ଘଟଣାସ୍ଥଳରୁ ପଳାଇଥିଲେ। ଏହି ଖବର ପାଇ ବିନିକା ପୁଲିସ ପହଞ୍ଚିଥିଲା। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ମଧ୍ୟ ରାତି ପ୍ରାୟ ୨ଟାରେ ପହଞ୍ଚି ଘଟଣା ସ୍ଥଳ ଅନୁଧ୍ୟାନ କରି ଫେରିଥିଲେ। ଏତେ ବଡ଼ କାଣ୍ଡ ଘଟିଯିବା ପରେ ମଧ୍ୟ କାରଣ ଅସ୍ପଷ୍ଟ ରହିବା ସହ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ। ଘର ସମ୍ମୁଖରେ ଏତେ ଗୁଳି ଫୁଟିଥିଲେ ମଧ୍ୟ ପରିବାର କେହି ପଦାକୁ ବାହାରି ନ ଥିବାରୁ କାହାରି ଜୀବନହାନି ଘଟିନାହିଁ। ଶନିବାର ସକାଳୁ ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି କେ କେ ହରି ପ୍ରସାଦ, ଏସଡିପିଓ କଲ୍ୟାଣୀ ବେହେରା, ରାମପୁର ଥାନା ଆଇଆଇସି ବିନୋଦିନି ବେହେରା, ବିନିକା ଥାନା ଆଇଆଇସି ଅନିତା କିଡୋ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦଙ୍କ ପରିବାର ସହ ଆଲୋଚନା କରିଥିଲେ। ପୁଲିସ ଘର ପାଖରେ ଥିବା ବିଭିନ୍ନ ସିସି ଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନଭିନ୍ କରିଛି। ଘଟଣାସ୍ଥଳରୁ ପୁଲିସ ୨୨ଟି ଗୁଳି ଓ ଖୋକା ଜବତ କରିଥିବା ଏସ୍‌ପି ଶ୍ରୀ ନାୟକ କହିଛନ୍ତି।

# ଅପରାଧୀଙ୍କ ରିମୋଟ୍‌ରେ ଚୌଦ୍ୱାର ଜେଲ୍

ଚୌଦ୍ୱାର,୨୦।୬(ସମିସ): ଦିନକୁ ଦିନ ଅଶାନ୍ତ ହେଉଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ମଣ୍ଡଳକାରାଗାରରେ ଚାଲିଛି କ'ଣ? କାହିଁକି ଜେଲ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି? ବାରମ୍ବାର ଏହି କାରାଗାର କାହିଁକି ଚର୍ଚ୍ଚାକୁ ଆସୁଛି? ଏଭଳି ଅନେକ ପ୍ରଶ୍ନ ଠିଆ କରାଇଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ଜେଲରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ବନ୍ଦୀ ଜୀବନ ବିତାଉଥିବାବେଳେ ଜେଲ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଏଠାରେ ବିଭିନ୍ନ ସମୟରେ ଏକାଧିକ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏଠାରେ ବିଭିନ୍ନ ସମୟରେ କଏଦୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା, ମରଣାନ୍ତକ ଆକ୍ରମଣ କରାଯିବା, କଏଦୀ ଆତ୍ମହତ୍ୟା କରିବା, ଜେଲ ପାଚେରୀ ଡେଇଁ ଫିଲ୍ମ ଷ୍ଟାଇଲରେ ଫେରାର ହୋଇଯିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଶେଷ କରି କାରାଗାରର ଅଧିକାରୀମାନଙ୍କ ମଧ୍ୟରେ ଚାଲିଥିବା ସମନ୍ୱୟର ଅଭାବ ଅପରାଧୀଙ୍କୁ ସୁହାଉଛି। ତେଣୁ ଅପରାଧୀମାନେ ସେମାନଙ୍କର ଅପରାଧିକ କାର୍ଯ୍ୟକଳାପ ଜେଲ୍ ଭିତରୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି।

ଚୌଦ୍ୱାର ମଣ୍ଡଳ କାରାଗାରରେ ନିଶା ଦ୍ରବ୍ୟ ମିଳିବା, କଏଦୀମାନଙ୍କ ପାଖରୁ ଛୁରୀ ଆରିପାତ ଆଦି ଜବତ ଘଟଣା ନୂଆ ନୁହେଁ; ମାତ୍ର ଏସବୁ କଏଦୀମାନଙ୍କ ନିକଟରେ ପହଞ୍ଚୁଛି କେମିତି? ଯାହା ଦ୍ୱାରା ଦୁଇଜଣ ବିହାରୀ କଏଦୀ ୨୦୨୫ ମସିହା ଅକ୍ଟୋବର ମାସ ଦୁର୍ଗାପୂଜା ସମୟରେ କାରାଗାରର ସୁଉଚ୍ଚ ପାଚେରୀ ଡେଇଁ ଫେରାର ହେବାରେ ସଫଳ ହେଲେ। ସେମାନେ ଫେରାର ହେବା




ପାଇଁ କରୁଥିବା ଯୋଜନା ସମ୍ପର୍କରେ କାରାଗାର ଅଧିକାରୀ ଓ କର୍ମଚାରୀ କେହିବି ସୁରାକ ପାଇ ପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ତେବେ କଏଦୀ ପାଚେରୀ ଡେଇଁଯିବା ପରେ ଜେଲ ଭିତରେ ଆରମ୍ଭ ହୋଇଥିଲା ଅସଲ ଯୁଦ୍ଧ। ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ଓ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା କାଦୁଅ ଫିଙ୍ଗା ରାଜନୀତି। ପରସ୍ପରକୁ ଦୋଷ ଦେଇ ନିଜକୁ ଏହି ଘଟଣାରୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ଶ୍ରୀମତୀ ଦାଶଙ୍କୁ ଜେଲରୁ ବଦଳି କରାଯାଇଥିଲେ ମଧ୍ୟ ଉଭୟଙ୍କ ଯୁଦ୍ଧ ଏଯାଏ ଶେଷ ହୋଇନାହିଁ। ଏପରିକି ଜଣେ ମହିଳା କଏଦୀଙ୍କ ସୁନାଗହଣା ଗାଏବ ହେବା ନେଇ ଉଭୟେ ରାଜନୀତି ଆରମ୍ଭ କରିଦେଇଥିଲେ। ସମ୍ପୃକ୍ତ କଏଦୀଙ୍କୁ ଥାନାରେ ଏତଲା ଦେବା ପାଇଁ ଉଭୟ ଅଧିକାରୀ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ପରାମର୍ଶ ଦେଇଥିଲେ। ଜଣେ ଜେଲ ଫେରନ୍ତା କଏଦୀଙ୍କ କହିବା ଅନୁଯାୟୀ ଚୌଦ୍ୱାର ମଣ୍ଡଳକାରାଗାର ଏବେ ନିଶା ବେପାରର ପେଣ୍ଠସ୍ଥଳ ପାଲଟି ଯାଇଛି। କିଛି ୱାର୍ଡରମାନେ ଜେଲ ଭିତରେ କଏଦୀଙ୍କୁ ସିଗାରେଟ ଗୋଟିକୁ ୪୦ଟଙ୍କା, ଗୁଟୁଖା ୧ପାଉଚ୍‌କୁ ୧୫ଟଙ୍କାରେ ବିକ୍ରି କରୁଛନ୍ତି। ଏଥିସହିତ ଦୁର୍ଦ୍ଦାନ୍ତ ଅପରାଧୀମାନେ ଜେଲ ଭିତରେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବା ଜଣାପଡ଼ିଛି। ଜେଲ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀମାନେ ମୋବାଇଲ ବ୍ୟବହାର କରି ବାହାର ଅପରାଧ ଜଗତକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଆସୁଛି। ତେବେ ଏହି ମଣ୍ଡଳ କାରାଗାରରେ ଏସବୁ ଚାଲିଥିବାବେଳେ ଜେଲ କର୍ତ୍ତୃପକ୍ଷ, ସରକାର ଓ ଡିଜିପି ଏଥିପ୍ରତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ତମ୍ବା କେବୁଲ ଚୋରି କରି ୩ ଗିରଫ

■ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ



ଅନୁଗୋଳ,୨୦।୬(ସମିସ): ବିକ୍ରମପୁର ଥାନା ଅଞ୍ଚଳରେ ଶିଳ୍ପ ତମ୍ବା କେବୁଲ ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ମାମଲାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ପ୍ରାୟ ୧.୩୦ ଲକ୍ଷ ଟଙ୍କାର ଚୋରା ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁମନ୍ତ ଦଳେଇ (୨୩), ରାଜା ଜେନା (୨୧) ଓ କୁଶ ବେହେରା (୧୯)।ଏମାନେ ସମସ୍ତେ ବିକ୍ରମପୁର ଥାନା ଅନ୍ତର୍ଗତ ଭଞ୍ଜ କଲୋନି ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି।ପୁଲିସର ସୂଚନା ଅନୁଯାୟୀ, ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୨୦୦ କିଲୋଗ୍ରାମ ବା ୨ କ୍ୱିଣ୍ଟାଲ ଓଜନର ୫ ବଣ୍ଡଲ ଶିଳ୍ପ ତମ୍ବା କେବୁଲ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ସାମଗ୍ରୀର ବଜାର ମୂଲ୍ୟ ପ୍ରାୟ ୧.୩୦ ଲକ୍ଷ ଟଙ୍କା ହେବ। ପୁଲିସ ପକ୍ଷରୁ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

# ଦୁଇ କଣ୍ଟେନର ମୁହାଁମୁହିଁ ଧକ୍କା, ଜଣେ ମୃତ



ବଅଁରପାଳ,୨୦।୬(ସମିସ): ୫୫ନଂ ଜାତୀୟ ରାଜପଥର ବଅଁରପାଳ ଛକ ନିକଟ ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖରେ ଦୁଇ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତି ୧ ଟାରେ ଟାଟା କମ୍ପାନୀ ଆଡୁ ଏକ ୧୮ ଚକିଆ କଣ୍ଟେନର ବଅଁରପାଳ ଛକ ଆଡ଼େ ଯାଉଥିଲା। ଏହି ସମୟରେ ତାଳଚେର ଆଡୁ ଆସୁଥିବା ଏକ ମାଲ ବୋଝେଇ କଣ୍ଟେନର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ଦୁଇ କଣ୍ଟେନରର କେବିନ ସମ୍ପୂର୍ଣ ଭାଙ୍ଗିରୁଜି ଯାଇଛି। ତାଳଚେର ଆଡୁ ଆସୁଥିବା କଣ୍ଟେନର ଚାଳକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ରାସ୍ତା ମଝିରେ ଘଟିଥିବାରୁ ଉଭୟ ପାଶ୍ୱର୍ରେ ଯାନବାହାନ ଅଟକିବାରୁ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖା ଯାଇଥିଲା। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ମେସିନ ସାହାଯ୍ୟରେ ଦୀର୍ଘ ୪ ଘଣ୍ଟା ପରିଶ୍ରମ କରି ଉଭୟ ଗାଡ଼ିକୁ ରାସ୍ତା ପାଶ୍ୱର୍କୁ ଆଣିଥିଲେ ଓ ମୃତ ଚାଳକଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଅବରୋଧ ହଟିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୁଲିସ ଦୁଇ ଗାଡ଼ି ଜବତ କରି ଘଟଣାର ତଦନ୍ତ କରୁଛି।

# କିଶୋରନଗର ବ୍ଲକସ୍ତରୀୟ କୃଷକ ସମ୍ବାଦ



କିଶୋରନଗର,୨୦।୬(ସମିସ): କିଶୋରନଗର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଦେବବ୍ରତ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ସମ୍ପର୍କରେ ଆଲୋଚନା କରିବା ସହ ଚାଷୀମାନେ ବିଭାଗର ବିଭିନ୍ନ ଯୋଜନାର ଫାଇଦା ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସହକାରୀ କୃଷି ଅଧିକାରିଣୀ ଦୀପ୍ତିମୟୀ ସିଂହ। ଏହି ଅବସରରେ କିଛି ଫଳଚାଷୀଙ୍କୁ କାର୍ଯ୍ୟାଦେଶ ଓ ମତ୍ସ୍ୟ ଚାଷୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ନିଶିପ୍ରଭା ବେହେରା, ସହକାରୀ ମତ୍ସ୍ୟ ଅଧିକାରିଣୀ ସୁଭାଶିନୀ ବେହେରା, ସହକାରୀ ପ୍ରାଣୀ ସମ୍ପଦ ଅଧିକାରିଣୀ ବିଘ୍ନା ବୈନ୍ଦତୀକା ଯୋଗଦେଇ ନିଜ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ରୁ ମିଳୁଥିବା ସୁବିଧା ସୁଯୋଗ ନେବାକୁ ଚାଷୀଙ୍କୁ ସଚେତନ କରାଇଥିଲେ।ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର କର୍ମଚାରୀ, ଭିଏଡବ୍ଲ୍ୟୁ, କୃଷକ ସାଥୀ, କୃଷିମିତ୍ର ଓ ଚାଷୀଭାଇମାନେ ଉପସ୍ଥିତ ଥିଲେ।

# ପିଏମ୍ କିଷାନ୍‌ର ୨୩ତମ କିସ୍ତି ବିତରଣ

ଅନୁଗୋଳ,୨୦।୬(ସମିସ):



ଜିଲ୍ଲା କୃଷି ବିଭାଗ ଏବଂ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପିଏମ୍ କିଷାନ୍‌ନିଧି ଯୋଜନାର ୨୩ତମ କିସ୍ତି ବିତରଣ ସମାରୋହ ଶନିବାର ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। କୋଲକାତାର ହୁଗୁଳିଠାରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ କିସ୍ତି ବିତରଣ କରିଛନ୍ତି, ଯାହାର ସିଧାପ୍ରସାରଣ ଅପରାହ୍ନରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକଙ୍କ ଉନ୍ନତି ନିମେନ୍ତ ଉଦ୍ଦିଷ୍ଟ ଏହି ଯୋଜନା ପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝୀ ଯୋଗଦେଇଥିଲେ। ପିଏମ୍ କିଷାନ୍‌ନିଧି ଯୋଜନା ଦ୍ୱାରା ଜିଲ୍ଲାର ସମୁଦାୟ ୧ ଲକ୍ଷ ୨୫ ହଜାର ୩୫୬ ହିତାଧିକାରୀ ଉପକୃତ ହୋଇଛନ୍ତି। କୃଷକଙ୍କ ଆକାଉଣ୍ଟକୁ ପ୍ରାୟ ୨୫ କୋଟି ୭ ଲକ୍ଷ ୧୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

ପ୍ରକାଶ ଥାଉ କି, ପ୍ରଥମ ପର୍ଯ୍ୟାୟରେ କ୍ଷେତ ବଞ୍ଚାଅ ଅଭିଯାନ ଅନ୍ତର୍ଭୁକ୍ତ ଏକ ଜୈବିକ କୃଷି ସମ୍ବନ୍ଧୀୟ କର୍ମଶାଳାର ଆୟୋଜନ କରାଯାଇଥିଲା, ଯେଉଁଥିରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଜୈବିକ କୃଷିର ଉପକାରିତା ଏବଂ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝୀ ଯୋଗଦେଇ ଜୈବିକ କୃଷିର ବିଭିନ୍ନ ଦିଗ ଯଥା ରାସାୟନିକ ସାରର ସନ୍ତୁଳିତ ବ୍ୟବହାର, ସବୁଜ ସାରର ବ୍ୟବହାର, ଜିଆଖତ ଉତ୍ପାଦନ, ଜୈବିକ କୃଷିରେ ଗୋପାଳନର ଭୂମିକା, ମାଟିର ଉର୍ବରତା ରକ୍ଷା କରିବାରେ ଜଳ ସଂରକ୍ଷଣ ଓ ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥଲେ। ଏହା ବ୍ୟତୀତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରାମାଣିକ ପ୍ରାକୃତିକ କୃଷିର ପ୍ରଶିକ୍ଷକ ଶ୍ରୀ ପର୍ଶୁରାମ ପ୍ରଧାନ ନିଜର ଅନୁଭବକୁ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ଦଳାଇ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଜୟଶଙ୍କର ପ୍ରଧାନ, ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ କୁମାର ଘୋଷଙ୍କ ସମେତ କୃଷକ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜାତି-ଜନଜାତି କାର୍ଯ୍ୟକ୍ରମ

କଣିହାଁ,୨୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ଶନିବାର କଣିହାଁ ପଞ୍ଚାୟତ ସମିତି ପ୍ରାଙ୍ଗଣରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜାତି-ଜନଜାତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି ଅବସରରେ ବିଭାଗ ଅଧୀନ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଷ୍ଟଲ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ଓ ଲାଭ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେରେଙ୍ଗ ପଞ୍ଚାୟତର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୭ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିବାବେଳେ ଜଣେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କମିଟି ସଦସ୍ୟ ଏ. ବି. ଚନ୍ଦନ ସ୍ୱରାଜ, ଜିଲ୍ଲା ସଂଯୋଜକ ଅର୍ଜୁନ କିସ୍କୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିରାଣୀ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ, ସରପଞ୍ଚ ଧରଣୀଧର ବେହେରା, ବିରୁ ପ୍ରଧାନ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଙ୍ଗଳ ବିଭାଗର ଅଧିକାରୀମାନେ ପରିଚାଳନା କରିଥିଲେ।



# ତାଳଚେର ଥର୍ମାଲରେ ସୁରକ୍ଷା କାର୍ଯ୍ୟଦକ୍ଷତା ଏବଂ ବୈଧାନିକ ଅନୁପାଳନ



ତାଳଚେର,୨୦।୬(ସମିସ): ପ୍ରକଳ୍ପରେ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ବୈଧାନିକ ଅନୁପାଳନର ସ୍ଥିତି ସମୀକ୍ଷା କରିବା ପାଇଁ ୧୭ ଜୁନ୍ ୨୦୨୬ରେ ଏନଟିପିସି, ତାଳଚେର ଥର୍ମାଲରେ ଅନୁଗୁଳର କାରଖାନା ଉପ ନିର୍ଦ୍ଦେଶକଙ୍କ ସହିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏନଟିପିସି, ଟିଟିପିପି, ଭେଲ ଟିଟିପିପି ଏବଂ ନିୟୋଜିତ ଉପ-ଏଜେନ୍ସିଗୁଡ଼ିକର ସୁରକ୍ଷା ଅଧିକାରୀମାନେ ଏହି ପ୍ରକଳ୍ପରେ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ବୈଧାନିକ ଅନୁପାଳନର ସ୍ଥିତି ସମୀକ୍ଷା କରିଥିଲେ। ଏହି ବୈଠକରେ କର୍ମକ୍ଷେତ୍ର ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା, ପ୍ରଯୁଜ୍ୟ କାରଖାନା ନିୟମ ଏବଂ ନିୟମାବଳୀ ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରି ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ସୁରକ୍ଷା କାର୍ଯ୍ୟଦକ୍ଷତା ସମୀକ୍ଷା, ବିପଦ ଚିହ୍ନଟ ଏବଂ ବିପଦ ହ୍ରାସ ପଦକ୍ଷେପ, କର୍ମଚାରୀ ସୁରକ୍ଷା ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ, ଜରୁରୀକାଳୀନ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ସୁରକ୍ଷା ଅଭ୍ୟାସରେ ନିରନ୍ତର ଉନ୍ନତି ପାଇଁ ସୁଯୋଗ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଆଲୋଚନା ସମୟରେ, କାରଖାନା ଉପ ନିର୍ଦ୍ଦେଶକ ସୁରକ୍ଷା କର୍ମଚାରୀଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିଥିଲେ ଏବଂ କଠୋର ବୈଧାନିକ ଅନୁପାଳନ, ନିୟମିତ ସୁରକ୍ଷା ଯାଞ୍ଚ, ବିପଦ ମୂଲ୍ୟାଙ୍କନ ଏବଂ ସୁରକ୍ଷା ପରିଚାଳନା ପ୍ରଣାଳୀର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ବିଭାଗ ଚାଲୁଥିବା ସୁରକ୍ଷା ପଦକ୍ଷେପ, ତାଲିମ କାର୍ଯ୍ୟକ୍ରମ, ଦୁର୍ଘଟଣା ନିବାରଣ ପଦକ୍ଷେପ ଏବଂ ଅନୁପାଳନ ସ୍ଥିତି ଉପରେ ଅପଡେଟ୍ ଉପସ୍ଥାପନ କରିଥିଲା। କର୍ମକ୍ଷେତ୍ର ସୁରକ୍ଷା ପ୍ରତି ଉଦାହରଣୀୟ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ, କାରଖାନାର ଉପ ନିର୍ଦ୍ଦେଶକ ସୁରକ୍ଷା-ସଚେତନ ଅଧିକାରୀମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ଏବଂ ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରିଥିଲେ। ପ୍ରକଳ୍ପରେ ଗ୍ରହଣ କରାଯାଇଥିବା ସୁରକ୍ଷା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରି, ଉପ ନିର୍ଦ୍ଦେଶକ ନିରନ୍ତର ସତର୍କତା ବଜାୟ ରଖିବା, ସୁରକ୍ଷା ଅଡିଟ୍ ସୁଦୃଢ଼ କରିବା ଏବଂ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପରେ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ, ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରତିବଦ୍ଧତା ସହିତ ଶୂନ୍ୟ ଦୁର୍ଘଟଣା ହାସଲ କରିବା ଏବଂ ଶିଳ୍ପରେ ସୁରକ୍ଷା ଉତ୍କର୍ଷତା ପାଇଁ ଏନଟିପିସି, ତାଳଚେର ଥର୍ମାଲକୁ ଏକ ମାନଦଣ୍ଡ ଭାବେ ପ୍ରତିଷ୍ଠା କରିବା ପାଇଁ। ସିନିୟର ସଞ୍ଜୟ କୁମାର ଗୁପ୍ତା, ସିଦ୍ଧାର୍ଥ ଗନ୍ତାୟତଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

# ନାବାଳିକା ଅପହରଣ ଅଭିଯୋଗ

ବଅଁରପାଳ,୨୦।୬(ସମିସ): ବଅଁରପାଳ ଥାନା ନୂଆହତା ଗ୍ରାମ ଡିହସାହିର ଜଣେ ନାବାଳିକାଙ୍କୁ ସେହି ସାହିର ଜଣେ ବୟସ୍କ ଲୋକ ଅପହରଣ କରି ଅନ୍ୟତ୍ର ରଖିଥିବା ନେଇ ନାବାଳିକାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ ତାଙ୍କ ୧୫ ବର୍ଷୀୟ ନାବାଳିକା ଝିଅ ଗତ ୧ ତାରିଖ ମଧ୍ୟାହ୍ନରେ ଘରେ କେହି ନ ଥିବା ସମୟରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସେହିଦିନଠାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଶେଷରେ ଝିଅକୁ ତାଙ୍କ ସାହିର ଶୁକଦେବ ନାଏକ (୪୦) ଅପହରଣ କରି ନେଇ ଖଇରାପଶି ଗାଁର ଗଣେଶ ନାଏକଙ୍କ ଘରେ ରଖିଥିବା ଖବର ପାଇଥିଲେ। ଝିଅକୁ ଉଦ୍ଧାର କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ଟାୱାର ଆଙ୍ଗେଲ ଓ ପାର୍ଟସ ଚୋରି

ବଅଁରପାଳ,୨୦।୬(ସମିସ): ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମରେ ଚାଲିଥିବା ଟାୱାର ନିର୍ମାଣ କାର୍ଯ୍ୟସ୍ଥଳରୁ ଦୁର୍ବୃତ୍ତମାନେ ଲୁହା ଆଙ୍ଗେଲ ଓ ପାର୍ଟସ ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହେଇଛି। ଓପିଟିସିଏଲଠାରୁ କାମ ନେଇଥିବା କ୍ରୋମା ଇନଫ୍ରା ଲିମିଟେଡ୍ ବୁଢ଼ାପଙ୍କ ଗ୍ରାମରେ ଟାୱାର ନିର୍ମାଣ କରୁଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତ ନିର୍ମାଣସ୍ଥଳରେ ପହଞ୍ଚି ରାତ୍ର ଜଗୁଆଳି ଥିବା ସତ୍ତ୍ୱେ ସେଠାରେ ଗଛିତ ଥିବା ଲୁହା ଆଙ୍ଗେଲ ଓ ପାର୍ଟସ ଚୋରି କରି ନେଇଥିଲେ। ୪.୭ ମେଟ୍ରିକ ଟନ ଓଜନର ଲୁହା ସାମଗ୍ରୀ ଚୋରି ହୋଇଥିବା କମ୍ପାନୀର ସାଇଟ୍ ଇନଚାର୍ଜ ସନନ୍ତ କୁମାର ବେହେରା ଲିଖିତ ଅଭିଯୋଗ କରିଛନ୍ତି।

# ପରିବାର ସହ ପିସିସିଏଫଙ୍କ ସାତକୋଶିଆ କୋର୍ ଅଞ୍ଚଳ ଭ୍ରମଣ

■ ଅଞ୍ଚଳବାସୀଙ୍କ ନାପସନ୍ଦ

ଜଗନ୍ନାଥପୁର,୨୦।୬(ସମିସ): ଓଡ଼ିଶାର ୱାଇଲ୍ଡ ଲାଇଫ ପିସିସିଏଫ ଅଚାନକ ଅନୁଗୋଳ ଜିଲ୍ଲା ସାତକୋଶିଆ ପରିଦର୍ଶନ କରିଛନ୍ତି। ବୁଧବାର ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତିର ସଦସ୍ୟବୃନ୍ଦ, ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ସରପଞ୍ଚ, ପୁରୁଣାକୋଟ ସରପଞ୍ଚ, ଜଗନ୍ନାଥପୁର ସରପଞ୍ଚ, ଟାଇଁଶି ସରପଞ୍ଚ ଓ ସାତକୋଶିଆ ଅଭୟାରଣ୍ୟର ଅଧିବାସୀମାନେ ଅନୁଗୋଳ ବିଧାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର ଯାଇ ପ୍ରକୃତି ଭବନରେ ୱାଇଲ୍ଡ ଲାଇଫ ପିସିସିଏଫ ପ୍ରେମକୁମାର ଝାଙ୍କୁ ଭେଟି ସାତକୋଶିଆ ପରିବେଶ ସମ୍ବେଦନଶୀଳ କ୍ଷେତ୍ର ବିଜ୍ଞପ୍ତିରେ ପରିବର୍ତ୍ତନ ପାଇଁ ଦାବି ଜଣାଇ ଆସିବା ପରେ ଶୁକ୍ରବାର ରାତିରେ ପିସିସିଏଫ୍‌ଙ୍କ ଅଚାନକ ସାତକୋଶିଆ ଗସ୍ତ ସାତକୋଶିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ପିସିସିଏଫ ତାଙ୍କ ପରିବାର ସହ ଆସି ଟିକରପଡ଼ାରେ ମହାନଦୀ କୂଳରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ରର ବନ ବିଭାଗର ବଙ୍ଗଳାରେ ରାତ୍ରିଯାପନ କରିଥିଲେ। ଶନିବାର ସକାଳେ ସେଠାରୁ ବାହାରି ପୁରୁଣାକୋଟ ଦେଇ ଟୁଲୁକା ଓ ରାଇଗୁଡ଼ା ଆଦି ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ପିସିସିଏଫ ପରିବାର ସହ ଅଭୟାରଣ୍ୟର କୋର୍ ଏରିଆକୁ ଯାଇଥିବାରୁ ସ୍ଥାନୀୟ ବାସିନ୍ଦା ନାପସନ୍ଦ ଏହାକୁ କରିଛନ୍ତି। ସାତକୋଶିଆ ବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ଯେ କେବଳ ସରକାରୀ ବଡ଼ବାବୁମାନେ ଓ ତାଙ୍କ ପରିବାର, ପରିଜନ ବର୍ଗ ଅଭୟାରଣ୍ୟର କୋର୍ ଏରିଆରେ ବୁଲି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଓ ଜଙ୍ଗଲୀ ଜନ୍ତୁଙ୍କୁ ଦେଖି ଉପଭୋଗ କରୁଛନ୍ତି। ତେବେ ସାଧାରଣ ଜନତା ଓ ପର୍ଯ୍ୟଟକଙ୍କୁ ସେଥିରୁ କିପରି ବଞ୍ଚିତ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମେଡିକାଲରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ



କିଶୋରନଗର,୨୦।୬(ସମିସ): କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀମାନଙ୍କ ପିଇବା ପାଣିର ବ୍ୟବସ୍ଥା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ସପ୍ତାହ ହେଲା ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ମୋଟର ଅଚଳ ଯୋଗୁଁ ରୋଗୀମାନେ ଥଣ୍ଡା ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସରକାରଙ୍କ ୨ ବର୍ଷର ସଫଳତା ବଖାଣିଲେ ମନ୍ତ୍ରୀ

ଅନୁଗୋଳ,୨୦।୬(ସମିସ):




ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଅନୁଗୋଳ ସର୍କିଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସରକାରଙ୍କ ୨ ବର୍ଷର ସଫଳତା ବଖାଣିଛନ୍ତି। ମନ୍ତ୍ରୀ ପାତ୍ର କହିଲେ ଯେ ଓଡ଼ିଶାରେ ସରକାର ଗଠନ ହେବା ପରେ ଗତ ୨ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟର ସର୍ବାଙ୍ଗୀନ ବିକାଶ, ଜନକଲ୍ୟାଣ ଏବଂ ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବା ଦିଗରେ ଯୁଗାନ୍ତକାରୀ ସଫଳତା ହାସଲ କରିଛି। ସରକାର ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀ ଭାଇମାନଙ୍କଠାରୁ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଧାନ ସଂଗ୍ରହ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରି ୩.୨୮ କୋଟି ହିତାଧିକାରୀଙ୍କୁ ମାସିକ ଅତିରିକ୍ତ ୫ କେଜି ସହ ମୋଟ ୧୦ କେଜି ଚାଉଳ ପ୍ରଦାନ କରାଯାଉଛି। ଦୀର୍ଘଦିନରୁ ବନ୍ଦ ଥିବା ନୂତନ ରାସନ କାର୍ଡ ପୋର୍ଟାଲ ଖୋଲି ୧୦ ଲକ୍ଷ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ୨ ବର୍ଷରେ ୨୦,୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସହାୟତା ଦିଆଯାଇଛି। ମଧୁବାବୁ ପେନସନ ଯୋଜନାରେ ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ମାସିକ ଭତ୍ତାକୁ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩ କୋଟି ୪୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା କ୍ୟାସଲେସ ଚିକିତ୍ସା ସୁବିଧା ମିଳୁଛି। ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବହୁ ପ୍ରକଳ୍ପ ପାଇଁ ସରକାର ହାତଖୋଲି ଟଙ୍କା ଯୋଗାଇ ଦେଇଥିବା ମନ୍ତ୍ରୀ ପାତ୍ର ପ୍ରକାଶ କରିଥିଲେ। ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲାପାଳ ଅବଦାଲ ଏମ ଅଖତର ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ୨ଗିରଫ



ତାଳଚେର,୨୦।୬(ସମିସ): ତାଳଚେର ଟାଉନ ଥାନା ଅନ୍ତର୍ଗତ ପୌରାଞ୍ଚଳ ୱାର୍ଡ ନଂ-୨ ବ୍ରାହ୍ମଣଶାସନ ଡିଗଲ ମିଶ୍ରଙ୍କ ଘରେ ଦୀର୍ଘ ୧୫ ବର୍ଷ ହେବ ଭଡ଼ାରେ ସଞ୍ଜୟ ପାଲ ଓ ତାଙ୍କ ଧର୍ମପତ୍ନୀ ସତ୍ୟଭାମା ପାଲ ରହି ଆସୁଥିଲେ। ଗତ ୧୮ ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ ତଳ ମହଲାକୁ ଯାଇ ସେ ଘର ମାଲିକଙ୍କ ସହ ବାର୍ତ୍ତାଳାପ କରୁଥିଲେ। ପ୍ରାୟ ୮ଟାରେ ସେ ତାଙ୍କ କୋଠରିକୁ ଫେରିଲା ବେଳକୁ ଘରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ତାଙ୍କର ସମସ୍ତ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଚୋରି ହୋଇଥିବା ଅଳଙ୍କାର ମଧ୍ୟରେ ଗୋଟିଏ ସୁନାଚେନ୍, ୪ଟି ସୁନାମୁଦି, ୨ଟି କାନଫୁଲ, ୨ଟି ସୁନାଚୁଡ଼ି, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ରୁପାକଙ୍କଣ ଓ ୨ ଯୋଡ଼ା ରୁପା ପାଉଁଜି ରହିଛି। ମୋଟ ୬୦ଗ୍ରାମ ଓଜନର ସୁନା ଏବଂ ୮୦ଗ୍ରାମ ଓଜନର ରୁପା ଅଳଙ୍କାର ଚୋରି ହୋଇଛି। ଏ ସମ୍ପର୍କରେ ଅଭିଯୋଗ ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ବହ୍ଲର ଗ୍ରାମର ଦିବ୍ୟରଞ୍ଜନ ବଳ (୩୦) ଓ ତାଳଚେର ପୌରାଞ୍ଚଳର ୱାର୍ଡ ନଂ-୨ ବ୍ରାହ୍ମଣଶାସନର ସୋହନଶ୍ରୀ ମିଶ୍ର (୨୧) ଙ୍କୁ ପୁଲିସ ଗିରିଫ କରି କୋର୍ଟ ଚାଲାଣ କରିଛି।

## ବଳଦେବଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡ ସହ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବ ପୁରୀ ତାଳଧ୍ୱଜ ରଥର ଚକ

କେନ୍ଦ୍ରାପଡ଼ା, ୨୦।୬(ସମିସ)



ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ରଥ ନିର୍ମାଣ କମିଟି ସହ ଯାତ୍ରୀ ନିବାସ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟ ବୋର୍ଡର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଯୋଗଦେଇ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ଭୋଇ ମହାରଣାଙ୍କୁ ରଥ ନିର୍ମାଣର ଅନୁଧ୍ୟାନ ପାଇଁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଭୁବନେଶ୍ୱର ଆଇଆଇଟିର ଇଞ୍ଜିନିୟର ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ମଧ୍ୟ ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି। ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ, ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥର ଏକ ଚକ ଅଣାଯାଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁରକ୍ଷିତ ଭାବେ ସଂରକ୍ଷିତ ରଖାଯିବ। ଏଥିସହ ରଥଦାଣ୍ଡ ନିକଟରେ ଚାଲିଥିବା କଲଭର୍ଟ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ସେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ପଙ୍କ ଉଦ୍ଧାର, ସଫେଇ ଓ ଚନ୍ଦନ ତାଳ ମନ୍ଦିରର ମରାମତି କାର୍ଯ୍ୟ ସହ ସେବାୟତଙ୍କ ପକ୍ଷରୁ ଉଠାଯାଇଥିବା ନୀତି ସମ୍ପର୍କିତ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର କୁଇନ୍ ଜେନା, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ସେବାୟତ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ।

## ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲ-ପୋଖରିଆପଡ଼ା ରାସ୍ତାରୁ ଜବରଦଖଲ ଉଚ୍ଛେଦ ଶେଷ



ପଟ୍ଟାମୁଣ୍ଡାଇ,୨୦।୬(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ତିନିଦିନ ଧରି ଚାଲିଥିବା ଜବରଦଖଲ ଉଚ୍ଛେଦ ଆଜି ଶେଷ ହୋଇଛି। ଗତକାଲି ଜବରଦଖଲ ଉଚ୍ଛେଦ ବନ୍ଦ ଥିବା ସ୍ଥାନରୁ ଆଜି ସରକାରୀ ଜାଗା ମାପ କରାଯାଇ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ଜେସିବି ଦ୍ୱାରା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପ୍ରଥମ ଦିନ ୩୦୦ ମିଟର, ଦ୍ୱିତୀୟ ଦିନ ୪୦୦ ମିଟର ଉଚ୍ଛେଦ କାର୍ଯ୍ୟ କରାଯାଇଥିବାବେଳେ ଆଜି ବାକିଥିବା ୭୦୦ ମିଟର ଜବରଦଖଲ ଉଚ୍ଛେଦ କରାଯାଇ ଏହି ଅଭିଯାନ ସମାପ୍ତ କରାଯାଇଛି। ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲଠାରୁ ପୋଖରିଆପଡା ଗାଁ ଦଣ୍ଡା ମୁଣ୍ଡ ପର୍ଯ୍ୟନ୍ତ ମୋଟ ୧୩୦୦ ମିଟର ଉଚ୍ଛେଦ କରାଯାଇଥିବା ବୋଲି ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ବାଗ କହିଛନ୍ତି। ଏହି ମାପଚୁପ ଓ ଜବରଦଖଲ ଉଚ୍ଛେଦ କାମରେ ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ, ପଟ୍ଟାମୁଣ୍ଡାଇ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ, ଅମିନ ବବୁଲ ପଢ଼ିହାରୀ, ପୌରାଞ୍ଚଳ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାମାଲ, ଅମିନ ବିପିନ ସେଠୀ, ଜନସ୍ୱାସ୍ଥ୍ୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ, ପ୍ରଫୁଲ୍ଲ ଦାଶଙ୍କ ସହିତ ପୁଲିସ ଫୋର୍ସ ସାମିଲ ଥିଲେ।

## ଚାମେଲୀ ଓଝା ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଜିଲ୍ଲା ସରପଞ୍ଚ ସଂଘ



କେନ୍ଦ୍ରାପଡ଼ା, ୨୦।୬(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ଘଟିଥିବା ଘଟଣାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ସଂଘ ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ପ୍ରଦାନ କରାଯାଇ ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ଗତ ୧୧ ତାରିଖରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ସରପଞ୍ଚ ଚାମେଲୀଙ୍କ ପ୍ରତି ଅସଦାଚରଣ କରାଯାଇଥିଲା ଓ ପରେ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିବା ଅଭିଯୋଗ କରାଯାଇଥିଲା। ପୁଲିସ ହେପାଜତରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା ସରପଞ୍ଚ ସଂଘ ଘଟଣାର ନ୍ୟାୟିକ ତଦନ୍ତ, ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ, ଚାମେଲୀ ଓଝାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଓ ଜନପ୍ରତିନିଧିଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ନିର୍ଯାତନା ରୋକିବା ପାଇଁ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛି। ରାଜ୍ୟପାଳ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ସରପଞ୍ଚ ଚାମେଲୀ ଓଝାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଜନପ୍ରତିନିଧିଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲା ସରପଞ୍ଚ ସଂଘ ଆଶା ପ୍ରକାଶ କରିଛି।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ



ପଟ୍ଟାମୁଣ୍ଡାଇ,୨୦।୬(ସମିସ): ରାଜ୍ୟର ବିଜେପି ସରକାରଙ୍କ ଦୁଇବର୍ଷ ପୂରଣ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକରେ ଚାରିଦିନ ଓ ବିଭିନ୍ନ ପଞ୍ଚାୟତରେ ୩ଦିନ ଧରି ସରକାରଙ୍କ ପୂର୍ତ୍ତି ଉତ୍ସବ ପାଳିତ ହେଉଛି। ଗତକାଲି ପଟ୍ଟାମୁଣ୍ଡାଇ ବ୍ଲକରେ ରାଜ୍ୟ ସରକାରଙ୍କ ପୂର୍ତ୍ତି ଉତ୍ସବ ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ତ୍ତି ଉତ୍ସବର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରି ରାଜ୍ୟ ସରକାର ବିଗତ ୨ବର୍ଷ ମଧ୍ୟରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ, ନୂତନ ଜନ କଲ୍ୟାଣକାରୀ ଯୋଜନା ଏହାର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ସୂଚନା ଦେଇଥିଲେ। ବିଡିଓ ଶୀତଳ ଅଗ୍ରୱାଲ ଏହି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଏସଏସଓ ସୁଧାଂଶୁ ପ୍ରଧାନ ସମ୍ପର୍କ ସୂଚନା ଦେଇଥିବାବେଳେ ସମାଜମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିପିକା ପ୍ରିୟଦର୍ଶନୀ ବେହେରା ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କ ପ୍ରକାଶ କରିଥିଲେ। ଆଜି ଦ୍ୱିତୀୟ ଦିନରେ କୃଷି ବିକାଶ କର୍ମଶାଳା କୃଷି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଳ ଅଗ୍ରୱାଲ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ବେହେରା, ଉଦ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ସେଠୀ, ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସରୋଜିନୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ଓ ପ୍ରସନ୍ନ ରାଉତ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ବଳ ପ୍ରମୁଖ ଯୋଗ ଦେଇଥିଲେ। ଜିପିଡିଓ ରଞ୍ଜିତ ପରିଡା ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଯୋଗ ଦେଇଥିବା ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ପଞ୍ଚୁପାଣ୍ଡବ,୨୦।୬(ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସଞ୍ଚପୁର ଗ୍ରାମରେ ଥିବା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷକ ଗୟାଧର ସାହୁ, ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ, କୁଶିଆପାଳ ସରକାରୀ ଉଚ୍ଚବିଦ୍ୟାଳୟରେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀ ବନଜା ରାଉତ ଓ ସହକାରୀ ଶିକ୍ଷୟିତ୍ରୀ ପୁନମ ସ୍ୱାଇଁ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। କୁଶିଆପାଳ କ୍ଲଷ୍ଟରର ସିଆରସିସି ହରେକୃଷ୍ଣ କରଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏ ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଭ୍ରାଲିନ ଜେନା, କମଳାକାନ୍ତ ସାହୁ, ସଂଯୁକ୍ତା ସାହୁ, ଦାଶରଥି ସିଂ ଓ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ମହିଳାଙ୍କ ମୃତଦେହ ନଦୀରୁ ଉଦ୍ଧାର



ମହାକାଳପଡ଼ା,୨୦।୬ (ସମିସ): ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସାନଗାଁ ଗ୍ରାମର ଜଣେ ମହିଳା ସକାଳୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ବହୁତ ସମୟ ଖୋଜାଖୋଜି ପରେ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନିଖୋଜ ମହିଳା ଜଣକ ରେବି ନାଥ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଖବର ପାଇ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ରେବି ନାଥଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ମୃତଦେହ ଉଦ୍ଧାର ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## ଏସିଏଫ୍‌ଙ୍କ ବଦଳି ପ୍ରତିବାଦରେ ଧାରଣା



ରାଜନଗର,୨୦।୬(ସମିସ): ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ବଦଳି ପ୍ରତିବାଦରେ ଭିତରକନିକା ମୁଖ୍ୟ ଫାଟକ ସାମ୍ନାରେ ଡାଙ୍ଗମାଳ, ଖମାର ସାହି, କୃଷ୍ଣନଗର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଧାରଣାରେ ବସିଛନ୍ତି। ଚଳିତ ମାସ ୧୫ ତାରିଖ ଦିନ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭିତରକନିକା ଏସିଏଫ ମାନସ ଦାସଙ୍କ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଭିତରକନିକାର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ସେମାନଙ୍କ କହିବା କଥା ହେଲା ପୂର୍ବରୁ ଭିତରକନିକା ଅବହେଳିତ ହୋଇ ରହିଥିଲା। ଏ ଅଞ୍ଚଳର ଲୋକେ ଜୀବଜନ୍ତୁଙ୍କୁ ଶିକାର କରିବାଠୁ ଆରମ୍ଭ କରି ଅନାୟାସରେ ଜଙ୍ଗଲ ନଷ୍ଟ କରୁଥିଲେ। ମାନସ ଦାସ ଏଠାରେ ଯୋଗଦେବା ପରେ ଭିତରକନିକାର ବିକାଶ ହେବା ସହ ଜଙ୍ଗଲ ଓ ବାନ୍ୟଜନ୍ତୁଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି ହୋଇପାରିଛି। ସରକାର ଏହି ବଦଳି ନିର୍ଦ୍ଦେଶକୁ ପୁନର୍ବିଚାର କରନ୍ତୁ। ଭିତରକନିକା ମୁଖ୍ୟ ଫାଟକରେ ତାଲା ପଡିଥିବାରୁ ବନବିଭାଗର ସମସ୍ତ ସରକାରୀ କାର୍ଯ୍ୟ ଠପ ହୋଇଯାଇଛି। ତୁରନ୍ତ ଏସିଏଫ ମାନସ ଦାସଙ୍କ ବଦଳିକୁ ବାତିଲ କରିବା ନେଇ ଡିଏଫଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ଲକ୍ଷ୍ମୀଧର ବାରିକ, ସୁରେଖା ବିଶ୍ୱାଳ, ଦ୍ରୌପଦୀ ବାରିକ, ରବୀନ୍ଦ୍ର ସିଂ, ରମେଶ ବେହେରା, ସୁଦର୍ଶନ ଦାସ, ଶ୍ରୀଚରଣ ଦାସ, ପ୍ରଭାତ ବେହେରା, ରାଜକିଶୋର ବେହେରା, ସୁଶାନ୍ତ ବେହେରା ପ୍ରମୁଖ କହିଛନ୍ତି।

## ଜିଲ୍ଲାସ୍ତରୀୟ ପୋଷଣ ଯୋଜନାର ଶୁଭାରମ୍ଭ



ରାଜନଗର,୨୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ସହଯୋଗରେ ଶନିବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ ଏହାକୁ ଉଦଘାଟନ କରି ଏହି ଜାତୀୟ ନିକ୍ଷୟ ପୋଷଣ ଯୋଜନା ଦ୍ୱାରା ପ୍ରତି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ କରାଯିବ ବୋଲି କହିଥିଲେ। ପ୍ରତି ମାସରେ ଯକ୍ଷ୍ମା ରୋଗୀ ପରିବାରକୁ ରୋଗନିରୋଧ ପୁଷ୍ଟିକର ଖାଦ୍ୟ ୧ କିଲୋ ଅମୂଲ, ୩ କିଲୋ ଅଟା, ୩ କିଲୋ ଡାଲି, ୧ ଲିଟର ତେଲ ଓ ୫୦୦ ଗ୍ରାମର ବାଦାମ ବଣ୍ଟନ କରାଯିବ। ଆଜି ପାରାଦୀପର ଇଫକୋ ଲିମିଟେଡ୍ ପକ୍ଷରୁ ପ୍ରାଥମିକ ସ୍ତରରେ ୪୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ଏହି କିଟ୍ସ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ବିଭାଗ ଅଧିକାରୀ ଡାକ୍ତର ଶ୍ୟାମସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ବିତ୍ତ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଡିପିସି ବିଶ୍ୱରଞ୍ଜନ ଦାସ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗୀଙ୍କୁ ଏହି କିଟ୍ସ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ବିପିଏମ ଶ୍ରୀକାନ୍ତ ଦାସ, ଏସଟିଏସ ଦୀପକ ନାୟକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ପରିଚାଳନା କରିଥିଲେ।

## ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ



ଡେରାବିଶ, ୨୦।୬(ସମିସ):ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନମିତା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ଏବିଡିଓ ମୃଣ୍ମୟ ରାଉତ, ବ୍ଲକ ଯୋଗାଣ ଅଧିକାରୀ ସ୍ୱରୁପ ଦାସ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ଯୋଗଦେଇ ସରକାରଙ୍କ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ଏ ଅବସରରେ ଅତିଥିମାନେ ୧୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିବାବେଳେ ୬ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ୍, ୧୫ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ୍, ୭ ଜଣଙ୍କୁ ଭତ୍ତା, ୧୫ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ୍ ବଣ୍ଟନ କରିଥିଲେ। ସେହିପରି ସଂଶୋଧିତ ପଟ୍ଟା ୬ ଜଣଙ୍କୁ ପ୍ରଦାନ କରାଯାଇଥିବାବେଳେ ଜଣଙ୍କୁ ବିବିଧ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର କର୍ମଚାରୀ ଶଶିଭୂଷଣ ରଣା, ସୌଭାଗ୍ୟ ରାଉତ, ସଂଗ୍ରାମ ଜେନା, ଅଜୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ହାଟସାହି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟକୁ ନେଇ ବିବାଦ

# ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ



ରାଜକନିକା/ଓଳାଭର,୨୦।୬(ସମିସ): ରାଜକନିକା ବ୍ଲକ ଅଧୀନ ହାଟସାହି ପଞ୍ଚାୟତରେ ଫାସିଲିଟି ସେଣ୍ଟର ନିର୍ମାଣକୁ ନେଇ ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି। ଶୁକ୍ରବାର ସମିତି ସଭ୍ୟଙ୍କ ସମେତ ଶତାଧିକ ଗ୍ରାମବାସୀ ଏକ ସାମ୍ବାଦିକ ସମ୍ମିଳନୀ କରି ସରପଞ୍ଚ ସୀତାରାଣୀ ଦାସଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଫାସିଲିଟି ସେଣ୍ଟର କାମ ପାଇଁ ପ୍ରଥମେ ସହମତି ଦେଇଥିବା ସରପଞ୍ଚ ପରେ ଲାଞ୍ଚ ଦାବି କରିଥିଲେ ଓ ଦାବି ପୂରଣ ନ ହେବାରୁ କାମ ବନ୍ଦ କରାଯାଇଥିଲା। ଏହାଛଡ଼ା ମନରେଗା କାମରେ ମେସିନ ବ୍ୟବହାର, ବୃକ୍ଷରୋପଣ ଯୋଜନା ଓ ଅନ୍ନପୂର୍ଣ୍ଣା ଖେଳ ପଡ଼ିଆ କାର୍ଯ୍ୟରେ ଅନିୟମିତତା ସହ ସରକାରୀ ଜମି ଦଖଲ ଭଳି ଅନେକ ଅଭିଯୋଗ ଉଠାଯାଇଛି। ଏହାର ନିରପେକ୍ଷ ତଦନ୍ତ ପାଇଁ ଗ୍ରାମବାସୀ ସରକାରଙ୍କୁ ଦାବି କରିଛନ୍ତି। ଗତ ଦୁଇମାସ ଧରି ଫାସିଲିଟି ସେଣ୍ଟର ନିର୍ମାଣକୁ ନେଇ ସରପଞ୍ଚ ଓ ବ୍ଲକ ପ୍ରଶାସନ ମଧ୍ୟରେ ଟଣାଓଟରା ଲାଗି ରହିଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ନୂତନ ଅଭିଯୋଗ ଘଟଣାକୁ ଆହୁରି ଚର୍ଚ୍ଚାକୁ ଆଣିଛି। ଅନ୍ୟପକ୍ଷରେ ସରପଞ୍ଚ ସୀତାରାଣୀ ଦାସ ସମସ୍ତ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଅଭିଯୋଗକାରୀ ଏହାର ପ୍ରମାଣ ଦିଅନ୍ତୁ। ତଦନ୍ତ ହେଲେ ସତ୍ୟ ପଦାକୁ ଆସିବ।

## ବାଲୁଙ୍କେଶ୍ୱର ପୀଠରେ ବାର୍ଷିକ ଯଜ୍ଞ ଉତ୍ସବ



ଡେରାବିଶ, ୨୦।୬(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମର ଆରାଧ୍ୟ ଦେବ ବାଲୁଙ୍କେଶ୍ୱରଙ୍କ ପୀଠରେ ୧୦ମ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପବିତ୍ର ଶୀତଳଷଷ୍ଠୀ ଅବସରରେ ଆୟୋଜିତ ଏହି ଯଜ୍ଞର ଶୁଭାରମ୍ଭ ଗତ ବୁଧବାର ଅଙ୍କୁରାରୋପଣରୁ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ଗୁରୁବାର ସକାଳେ କଳସ ଯାତ୍ରା ପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ଶୁକ୍ର ଓ ଶନିବାର ଷୋଡ଼ଶ ଉପଚାରରେ ବିଭିନ୍ନ ପୂଜା କରାଯିବା ସହ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ଦୁଃଖିଶ୍ୟାମ ପଣ୍ଡା, ମନୋରଞ୍ଜନ ପଣ୍ଡା, ବିଷ୍ଣୁଚରଣ ପଣ୍ଡା, ଦେବରାଜ ପଣ୍ଡା, ପାଗଳ ଶତପଥୀ ପ୍ରମୁଖ ନିର୍ବାହ କରିଥିବାବେଳେ ବିଜୟ ପଣ୍ଡା ଓ ଦେବଦତ୍ତ ପଣ୍ଡା ପରିଚାଳନା କରିଥିଲେ।

## ● ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

## ସମନ୍ୱିତ କୃଷି ପଦ୍ଧତି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



କେନ୍ଦ୍ରାପଡ଼ା, ୨୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଜୈବିକ କୃଷିର ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକର ବ୍ୟବହାର, ପ୍ରମାଣିକରଣ ଓ ବଜାର ସୁଯୋଗ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ରଘୁରାମ ଆର୍. ଆୟର ସମନ୍ୱିତ କୃଷି ପଦ୍ଧତି ଓ ଜୈବିକ ସାରର ଅଧିକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଆଧୁନିକ ଓ ବୈଜ୍ଞାନିକ କୃଷି ପଦ୍ଧତି ଅବଲମ୍ବନ କରି କୃଷକମାନେ ଆୟ ବୃଦ୍ଧି କରିପାରିବେ ବୋଲି ସେ ମତ ରଖିଥିଲେ। କର୍ମଶାଳାରେ କୃଷି, ପଶୁପାଳନ, ମତ୍ସ୍ୟ ଓ ମୃତ୍ତିକା ସଂରକ୍ଷଣ ବିଭାଗର ବିଶେଷଜ୍ଞ ଧାନ, ମୁଗ, ବିରି, ଫୁଲ, କଦଳୀ ଓ ଛତୁ ଚାଷ ସହ କୁକୁଡ଼ା ପାଳନ ଓ ସମନ୍ୱିତ କୃଷି ପଦ୍ଧତି ଅବଲମ୍ବନ କରି ଅଧିକ ଆୟ ହାସଲ କରିବା ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏ ଅବସରରେ ପାଞ୍ଚଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୫୦ରୁ ଅଧିକ ଚାଷୀ ଯୋଗଦେଇ ଜୈବିକ କୃଷି ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଜକନିକା,୨୦।୬(ସମିସ): ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତର ଗୋପୀନାଥ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଶୋବନ୍ତ ପଲାଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ମେ' ମାସରେ ଅବସର ନେଇଥିବା ଏହି ଶିକ୍ଷକଙ୍କୁ ଆଜି ସ୍କୁଲ ମଧ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜକନିକା ବିଇଓ ରତିକାନ୍ତ ସେନାପତି, କୋଇଲିପୁର ସରପଞ୍ଚ ଅରୁଣ ରାଉତ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧିତ କରିଥିଲେ।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବକଙ୍କ ମୃତ୍ୟୁ ଘଟଣା

# ତଦନ୍ତରେ ବିଳମ୍ବକୁ ନେଇ ଉଠୁଛି ପ୍ରଶ୍ନ

କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ, ୨୦।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘଟିଥିବା ଯୁବକ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣାକୁ ପ୍ରାୟ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏହାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଠିବାରେ ଲାଗିଛି। ନିକିରାଇ ଥାନା ଅଧୀନ ବେଣୀପୁର ପଞ୍ଚାୟତର ରାଏତୁଣ୍ଡି ଗ୍ରାମର ଭରତ ଦାସଙ୍କ ପୁଅ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁକୁ ନେଇ ଆରମ୍ଭରୁ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଆସୁଥିବାବେଳେ ତଦନ୍ତର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ସୂଚନା ସାମ୍ନାକୁ ନ ଆସିବା ଚିନ୍ତା ବଢ଼ାଇଛି। ଶ୍ରୀଚନ୍ଦନଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଅନ୍ୟକୌଣସି କାରଣ ସହ ଜଡ଼ିତ, ତାହାର ନିଷ୍କର୍ଷ ଏ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସମ୍ମୁଖକୁ ଆସି ନ ଥିବାରୁ ବିଭିନ୍ନ ପ୍ରକାର ସନ୍ଦେହ ଓ ଆଲୋଚନା ଦେଖାଦେଇଛି। ତଦନ୍ତ ବିଭିନ୍ନ ଦିଗରୁ ଚାଲିଥିବା କୁହାଯାଉଥିବାବେଳେ ଏହାର ବିଳମ୍ବକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ସମୟରେ ମହାକାଳପଡ଼ା ବ୍ଲକର ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଚାଲିଥିବା ବିବାଦ ରାଜ୍ୟରୁ ଦିଲ୍ଲୀ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାକୁ ନେଇ ପ୍ରଶାସନ ଚାପରେ ରହିଥିବା ନେଇ ମଧ୍ୟ ରାଜନୈତିକ ଓ ସାମାଜିକ ମହଲରେ ଚର୍ଚ୍ଚା ହେଉଛି। ବିଭିନ୍ନ ସଂଗଠନ, ସରପଞ୍ଚ ସଂଘ, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ନେତୃତ୍ୱରେ ପ୍ରତିନିଧି ଦଳ, ବିଭିନ୍ନ ଦଳର ନେତା ଓ ବିଧାୟକ ଚାମେଲୀ ଓଝାଙ୍କ ପ୍ରତି ହୋଇଥିବା ଅନ୍ୟାୟର ଅଭିଯୋଗ ଉଠାଇ ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଚାମେଲୀ ଓଝାଙ୍କୁ ନ୍ୟାୟ ଦାବିରେ ରାଜ୍ୟ ସରକାର, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଏଭଳି ପରିସ୍ଥିତିରେ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣାର ତଦନ୍ତ କୁଆଡ଼େ ଉଭେଇଗଲା। ଶୀଘ୍ର ଓ ନିରପେକ୍ଷ ତଦନ୍ତ କରାଯାଇ ପରିବାରକୁ ନ୍ୟାୟ ପ୍ରଦାନ କରିବା ସହ ଚାମେଲୀ ଓଝା ପ୍ରସଙ୍ଗରେ ଉଠିଥିବା ଅଭିଯୋଗର ମଧ୍ୟ ସଠିକ ତଦନ୍ତ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ସମ୍ବେଦନଶୀଳ ଏହି ଦୁଇଟି ପ୍ରସଙ୍ଗରେ ସତ୍ୟାସତ୍ୟ ସ୍ପଷ୍ଟ ହେବା ଓ ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯିବାକୁ ଜିଲ୍ଲାବାସୀ ଆଶା ପ୍ରକାଶ କରୁଛନ୍ତି।

### ଚାମେଲୀ ଓଝା ପ୍ରସଙ୍ଗରେ ଉଭେଇଗଲା



# ଅଧଘଣ୍ଟାର କଟକ



କୃଷ୍ଣ କୁମାର ମହାନ୍ତି

କୀର୍ତ୍ତି ପାଇଁ କଟକ କେବଳ ଗୋଟେ ସହର ନଥିଲା। ଥିଲା ତା'ର ଅଧଘଣ୍ଟିଆ ଦୁନିଆର ଗୋଟେ ନନ୍ଦନକାନନ।

ପ୍ରତି ଶନିବାର ବାଲେଶ୍ୱରରୁ ସକାଳ ୯ଟା ବସ୍ ଧରି ସେ ଧାଇଁ ଆସେ କଟକ। ତିନି ଘଣ୍ଟାର ରାସ୍ତା। କେତେବେଳେ ସରିଯାଏ ଜାଣି ପାରେନା। ବସ୍‌ରେ ବସିଲେ ହିଁ ମନ ତା'ର ଭାସେ କଳ୍ପନାରେ। କେମିତି ପହଞ୍ଚିବ ଆଉ ଦେଖିବ ତାକୁ। ହେଉ ପଛକେ ଅଧଘଣ୍ଟା ପାଇଁ।

ବସ୍ ଲିଙ୍କ୍ ରୋଡ୍ ଟପି ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚେ। ସୌରଭ ବାଇକ୍ ନେଇ ଛିଡ଼ା ହୋଇଥାଏ। କଳା ଶାର୍ଟ ତାକୁ ମାନେ। ସେ ପିନ୍ଧିଥାଏ କଳା ଶାର୍ଟ। ମୁହଁରେ ଉଛୁଳୁଥାଏ ସେଇ ତାରକସି ହସ, ଆଉ ଆଖିରେ ଦୁଷ୍ଟାମୀ। ସେ ହସ ଦେଖି କୀର୍ତ୍ତିର ତିନି ଘଣ୍ଟାର କ୍ଳାନ୍ତି ନିମିଷକରେ ଉଭାନ୍ ହେଇଯାଏ।

ବାଇକ୍ ଗଡ଼େ ରିଂରୋଡ୍ ଦେଇ ଆଗକୁ। ପବନରେ କୀର୍ତ୍ତିର ଓଢ଼ଣୀ ଉଡ଼େ, ଆଉ ତା' ସହିତ ତା'ର ହୃଦୟ ବି।

ସିଧା କାଠଯୋଡ଼ି ପଠାରେ ବାଇକ୍ ରଖି ଦୁହେଁ ନଈ କୂଳର ସେଇ ପୁରୁଣା ପଥର ଉପରେ ବସନ୍ତି। ଦହିବରା ଅର୍ଡର୍ କରେ ସୌରଭ। କୀର୍ତ୍ତି ଦହିବରା ଖାଇବାକୁ ଭଲପାଏ। ସୌରଭ ଜାଣେ। ଗୋଟେ ପ୍ଲେଟ୍‌ରେ ଦୁଇଟା ଚାମଚ।

ସୌରଭ କହେ, "ତୁମେ ଆସିଲେ କଟକ ସୁନା ପରି ଝଟକେ। ତୁମେ ନଥିବା ବେଳେ କଟକ ଖାଲି ଗୋଟେ ଭିଡ଼ର ସହର।" କୀର୍ତ୍ତି ହସେ, ନିରବରେ। କିନ୍ତୁ ଘଣ୍ଟା କଣ୍ଟାକୁ ଚାହେଁ ଓ ଡରେ। ସମୟ ସରି ଆସିବ ଓ ସେ ଫେରିବ ବାଲେଶ୍ୱର।

ଠିକ୍ ଅଧଘଣ୍ଟା ହେଇନଥାଏ ସେ ଉଠିପଡ଼େ। କହେ: "ଯିବା, ବସ୍ ଛାଡ଼ିଦେବ।" ସୌରଭ ଜିଦ୍ କରେନା। ସୁଧାର ପିଲା ପରି। ପୁଣି ବାଇକ୍ ଗଡ଼େ, ବାଦାମବାଡ଼ି ଆଡ଼କୁ।

ବାଲେଶ୍ୱର ଗାମୀ ବସ୍‌ରେ ଉଠିବା ବେଳେ ସୌରଭ ଚୁପ୍‌ଚାପ୍ କୀର୍ତ୍ତି ହାତରେ ଗୁଞ୍ଜିଦିଏ ଲଜେନ୍ସ ପୁଡ଼ିଆଟେ। ସୌରଭ ଜାଣେ କୀର୍ତ୍ତି ଏଇ ଛୋଟ ଛୋଟ ଲଜେନ୍ସକୁ ଅନେଇଥାଏ। କୀର୍ତ୍ତି ପ୍ରଶ୍ନିଳ ଆଖିରେ ଅନାଏ।

: "ବାଟରେ ମୁଁ ମନେ ପଡ଼ିବି ଯେତେଥର ତମକୁ ଏଇ ଲଜେନ୍ସ ଦେବ ମିଠାପଣ।" କହେ ସୌରଭ। ବସ୍ ଛାଡ଼େ। ପଛକୁ ରହିଯାଏ ସୌରଭ।

ପୁଣି ଗୋଟେ ସପ୍ତାହର ଅପେକ୍ଷା। ତିନି ଘଣ୍ଟା ଯିବା, ଅଧଘଣ୍ଟା ରହିବା, ତିନି ଘଣ୍ଟା ଫେରିବା। ଏଇ ଗଣିତ ଭିତରେ କୀର୍ତ୍ତିର ପ୍ରେମ ସଳଖୁଥିଲା।

ତା'ପରେ ସେଇ ଶନିବାର ଆସିଲା। ଆକାଶରେ ମେଘର ତାଣ୍ଡବ। ଜୋର୍‌ରେ ବର୍ଷା ହେଉଥାଏ। କୀର୍ତ୍ତି ଓଦା ହୋଇ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲା ବେଳକୁ ସେଦିନ କେହି ନଥିଲା ସେଠି। ନା ବାଇକ୍, ନା କଳା ଶାର୍ଟ ପିନ୍ଧା ସୌରଭ, ନା ତା' ମୁହଁର ସେଇ ନିରୀହ ହସ।

ମୋବାଇଲ୍ ସୁଇଚ୍ ଅଫ୍। ଘଣ୍ଟାଏ, ଦୁଇ ଘଣ୍ଟା ବିତିଗଲା ସତ କିନ୍ତୁ ସୌରଭ ଆସିଲା ନାହିଁ।

ଶେଷରେ ବର୍ଷା ଛାଡ଼ିଲା। କାନ୍ଦ କାନ୍ଦ କୀର୍ତ୍ତି। ଯେମିତି ଏଇମାତ୍ର ଭୋଅ କରି କାନ୍ଦି ଦେବ। ଏଥର ଏକା ଆସିଲା ବସ୍‌ଷ୍ଟାଣ୍ଡ ବାହାରକୁ। ଗୋଟିଏ ଅଟୋ ରିକ୍ସାରେ ବସିଲା। କହିଲା, "କାଠଯୋଡ଼ି ପଠାକୁ ଚାଲ।"

ନଈ ସେଦିନ ବି ବହୁଥିଲା। ଯେମିତି ସବୁଦିନ ବହେ। ଦହିବରା ବାଲା ବି ଥିଲା ଯେମିତି ସବୁଦିନ ଥାଏ। ପଚାରିଲା, "ଆଜି ଦିଦି ଏକା?" କୀର୍ତ୍ତି ଉତ୍ତର ଦେଇପାରିଲାନି। ସେଇ ପଥର ଉପରେ ବସି ପଡ଼ି ସେ ଅନାଇଲା ନଈ ଆଡ଼କୁ - ପାଣି ଥିଲା ସତ, ହେଲେ ତା' ଭିତରୁ କିଛି ତ ଶୁଖି ଯାଇଥିଲା, ତାକୁ ମନେ ହେଲା।

ସପ୍ତାହେ ପରେ ଖବର ଆସିଲା। ଗୋଟେ ସାଙ୍ଗ ମାଧ୍ୟମରେ। ଚାକିରି ପାଇ ସୌରଭ ବାଙ୍ଗାଲୋର ଚାଲିଯାଇଛି। ତରତରରେ। ନା ଗୋଟେ ଚିଠି, ନା ଶେଷ ଦେଖା, ନା ଗୋଟେ 'ଯାଉଛି' ବୋଲି ହ୍ୱାଟ୍‌ସଆପ୍ ମେସେଜ୍। କଟକରୁ ସେ ଯେମିତି ଉଭାନ୍ ହୋଇଗଲା। ଏମିତି କ'ଣ କେହି ଯାଏ?

କୀର୍ତ୍ତିର ଫୋନ୍‌ରୁ ତା' ନମ୍ବର ଆଉ ଲାଗୁନଥିଲା।

ବର୍ଷେ ପରେ କୀର୍ତ୍ତି ଶେଷ ଥର ପାଇଁ କଟକ ଗଲା। ବାଦାମବାଡ଼ିରେ ଓହ୍ଲାଇ ଆଉ କାହାକୁ ଖୋଜିଲାନି। ସିଧା ଅଟୋ ନେଇ ଗଲା କାଠଯୋଡ଼ି ପଠା। ସେଇ ଜାଗା, ସେଇ ପଥର। ଦହିବରା ବାଲା ଚିହ୍ନି ପକାଇଲା, "ଦିଦି, ଆଜି ବି ଦୁଇ ପ୍ଲେଟ୍?"

କୀର୍ତ୍ତି ମୁଣ୍ଡ ହଲାଇଲା। "ହଁ, ଦୁଇଟା।"

ଗୋଟେ ପ୍ଲେଟ୍ ନିଜେ ଖାଇଲା। ଖାଇବା ବେଳେ କିଏ ଯେମିତି କଣ୍ଟା ହୋଇ ତା' ଗଳାରେ ଲାଗୁଥିଲା। କହୁଥିଲା: "ମୋତେ ନଦେଇ ତମେ ଖାଇ ଦେଉଛ?" କୀର୍ତ୍ତି ଉଠିଲା। ଥୁଆ ହେଇଥିବା ଆର ପ୍ଲେଟ୍‌କୁ ସେ ଚୁପ୍‌ଚାପ୍ ହାତରେ ଧରି କାଠଯୋଡ଼ିର ପାଣି ଆଡ଼କୁ ଚାଲିଲା। ଭସାଇଦେଲା ପାଣିରେ। ପ୍ଲେଟ୍‌ଟା ଧୀରେ ଧୀରେ ଦୂରକୁ ଦୂରକୁ ଭାସି ଯାଉଥିଲା। ଯେମିତି ମୃତକଙ୍କୁ ଖାଦ୍ୟ ଅର୍ପଣ କରାଯାଏ।

ନଈକୁ ଚାହିଁ ଏଥର କୀର୍ତ୍ତି କହିଲା, "ତମ ଭାଗର ଅଧଘଣ୍ଟା ନେଇଯାଅ, ସୌରଭ। ମୋ ଭାଗରେ ତ ଖାଲି ତିନି ଘଣ୍ଟାର ରାସ୍ତା ଆଉ ସାତ ଦିନର ଶୂନ୍ୟତା।"

ସେଦିନ ପରେ କୀର୍ତ୍ତି ଆଉ କଟକ ଯାଇନି। କିନ୍ତୁ କାଠଯୋଡ଼ି ଆଜି ବି ବହୁଛି।

କିଛି ନଈ ଶୁଖନ୍ତିନି, ସୁନାବ୍ୟା। କିଛି ମଣିଷ କିନ୍ତୁ ମରୁଭୂମି ପାଲଟି ଯାଆନ୍ତି। ଶୁଷ୍କ ଓ ନିଷ୍ପନ୍ଦ। ଯେମିତି ମରୁଭୂମିରେ ଗୋଟେ କାକଟସ୍। ■

କଳିଙ୍ଗ ନଗର, ବାଲେଶ୍ୱର
ମୋ: ୭୦୦୮୮୪୫୯୨୯

# ଯିବା ଲୋକ



ମାଧୁରୀ ପଣ୍ଡା

ଯିବା ଲୋକ
ବାହାରିଯାଏ ଚୁପ୍‌ଚାପ୍ ମହାଯାତ୍ରାରେ।

ଜାଣିବି ପାରେନି
ତା' ପଛରେ
ହଠାତ ମୁଠାଏ କୋଳାହଳ
ରହିରହି ମୁଣ୍ଡ ଟେକୁଥାଏ।

କାହା ଲୁହ ଡବଡବ ଆଖି,
କିଏ ନିଜ ଲୁଗାପଟାକୁ ନିଘା ନ କରି
ତା' ଯାତ୍ରା ପଛେ ପଛେ ଧାଏଁ,
କାହା ଚାପା ଚିତ୍କାର
କାହା ପଥୁରି ଯାଇଥିବା ଆଖି
ଧୀରେ ଧୀରେ ଦୂର ଖୁବ୍ ଦୂର ହେଇଯାଏ।

ସେ ଯାଏ ସବୁ ଛାଡ଼ିଛୁଡ଼ି
ଦେହ ଭିତରୁ ଦେହକୁ ଥୋଇ ଦେଇ
ଖୁବ୍ ଗୋଟେ ଡେଙ୍ଗାଗଛର
ଆହୁରି ଉପରକୁ,
ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ
ମିଳେଇ ଯାଉଥାଏ।

ତାକୁ ନେଇ ସାରା ସହରରେ
ଚାପା ଗୁଞ୍ଜରଣ,
ସବୁଠି ତା କଥା,
ମାଟିବି ଶୁଖେଇ ପାରେନି
କାହା ଆଖିର ଲୁହ,
ଯିବା ଲୋକ ଜମା ଜାଣେନି
କିଏ ସେ ନିରବରେ ଝୁରେ,
କେବଳ ଝୁରେ ତାକୁ
ଆଉ ଝରି ଝରି ଯାଏ। ■

ମୋ: ୯୯୩୭୨୨୬୮୨୫



# ଘରକରଣା



ରଂଜିତା ପଣ୍ଡା

ସକାଳର ଗହନ ଅଳସୁଆମିରେ ଫୁଲ୍‌ଷ୍ଟପ୍ ଦେଇ
ଫୁଲ୍‌ସ୍ୱିଡ୍‌ରେ ଘୂରୁଥିବା ଫ୍ୟାନକୁ ଅଫ୍ କରିଦିଏ
ଓ ବାହାରିଯାଏ ମୁଁ ଗୋଟେ ପ୍ରଚଣ୍ଡ ଖରାବେଳ ଆଡ଼କୁ।

ବାସି ପାଇଟିର ଥାକ ଥାକ ଦୀର୍ଘଶ୍ୱାସମାନଙ୍କୁ
ଛାତିଯାଏ ଟାଣିନେଲା ପରେ,
ଦୁଇ ଟୋପା ଉଦାସୀନତାକୁ ଢୋକି ନିଏ କପେ ଚା' ସହିତ
ଖଣ୍ଡେ ଅଦା ରଚ୍ କରି ବାଜେ ଅନ୍ୟମନସ୍କତାରେ।

ଚୁଲିରେ ଫୁଟୁଥାଏ ଭାତ,
ଫାଟୁଥାଏ ଚଟ୍ ଚଟ୍ ଜଙ୍ଗଲି କାଠର ଗଣ୍ଠି,
ମୋ ବାରିପଟେ ଅପରାଜିତାର ଲହ ଛାଉଣି
ଚଢୁଥାଏ ନିଜ ବାଗରେ...
ଜଞ୍ଜାଳମାନେ ଠୁଳ ହେଇ ଗାଉଥାନ୍ତି ସମବେତ ଗୀତ
ଗୋଟେ ନିରୀହ ରାଗରେ।

ଦରସିଝା କାନ୍ଦୁଲ ଡାଲି ଉତୁରିଗଲା ପରେ
ମୁଁ ଫେରିଆସେ ଚାରୋଟି କାନ୍ଥର ବନ୍ଧନ ଭିତରକୁ,
ସେତେବେଳେ ଘରସାରା
ଶହ ଶହ ଭୋକରେ ଆଉଟୁ ପାଉଟୁ ପ୍ରଜାପତି...

ସେମାନଙ୍କ ସହିତ ପ୍ରତିଯୋଗିତାରେ ମଗ୍ନ
ଶହ ଶହ ଯାବତୀୟ କୋଳାହଳ
ଶହ ଶହ ଲକ୍ଷ୍ୟଶୂନ୍ୟ ଅବସୋସ ।

ସଂସାରର ଚିଟଲଗା ଡାଙ୍କୁଣିମାନଙ୍କୁ ସାବୁନ ପାଣିରେ
ସଫା କରୁ କରୁ
କେବେ ଯେ ପାପୁଲି କଟି ରକ୍ତଧାର ବହିଯାଏ,
ଆଫା କରିବାକୁ ବି ନ ଥାଏ ସମୟ କ୍ଷତମାନଙ୍କ ଉପରେ...
ଗୋଟେ ବହଳ ନିଦରାତି ଖୋଜୁ ଖୋଜୁ
ପଲକତଳେ ଗହଳରଙ୍ଗର କଳାଦାଗ ପଡ଼ିସାରିଥାଏ ବୋଲି
ନିଜଛଡ଼ା କିଏ ଜାଣିପାରେ ?? ■

ଆନନ୍ଦ ନଗର
ସୋନପୁର

# ସୁରେନ୍ଦ୍ରୀୟ ଶୈଳୀ-ସ୍ୱରୂପ ଓ ନୀଳଶୈଳ



ଡ. ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଆ କଥା-ସାହିତ୍ୟର ପ୍ରବାଦ ପୁରୁଷ ସୁରେନ୍ଦ୍ର ମହାନ୍ତି। ସାହିତ୍ୟର ବିଭିନ୍ନ କ୍ଷେତ୍ର ସଞ୍ଚାରୀ ଏହି ବିସ୍ମୟ ବିଶ୍ୱକର୍ମାଙ୍କ ଉପନ୍ୟାସ ସକଳ ଓଡ଼ିଆ ସମାଜ-ଦର୍ଶନ ଓ ଇତିହାସ ସହିତ ରାଜନୀତିର ଏକ ବିଶ୍ୱସ୍ତ ପ୍ରତିଲିପି। ତାଙ୍କ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ଦେବତା ନୁହଁନ୍ତି, ସେ ଅପରାଜେୟ ଓଡ଼ିଆ ଜାତିର ପ୍ରକୃତ ଆତ୍ମା। ଜଣେ ସ୍ୱାଭିମାନୀ ଓଡ଼ିଆ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭାବରେ ସେ ଏହି ସତ୍ୟକୁ ପ୍ରତିପାଦନ କରିବାକୁ ଚାହିଁଛନ୍ତି ତାଙ୍କର ପ୍ରତିଟି ଐତିହାସିକ ଉପନ୍ୟାସରେ। ଜୀବନ ସ୍ମୃତି (ପଥ ଓ ପୃଥିବୀ) ରେ ସେ କହିଛନ୍ତି – "ମୋର ସବୁ ଐତିହାସିକ ଉପନ୍ୟାସ ମୁଁ ଜଗନ୍ନାଥଙ୍କ ଭକ୍ତ ହିସାବରେ ଲେଖିବି। କାରଣ ଓଡ଼ିଶା ଐତିହାସିକ ଗୌରବକୁ ସାଧାରଣରେ ପରିଚିତ କରେଇବା ମୋର ଲକ୍ଷ୍ୟ।"

ଅଷ୍ଟାଦଶ ଶତାବ୍ଦୀ ଥିଲା ଓଡ଼ିଶା ଇତିହାସର ଏକ ବେଦନା ଜର୍ଜରିତ ସଂଗ୍ରାମର ସମୟ। ମୈତ୍ରୀଦେବ ଜଗନ୍ନାଥଙ୍କ ମାନ ରକ୍ଷା କରିବା ଥିଲା ଖୋର୍ଦ୍ଧା ଗଜପତି ତଥା ଓଡ଼ିଆ ଜାତି ପାଇଁ ଏକ ଆହ୍ୱାନ। ଏହି ରାଜନୈତିକ ଓ ସାଂସ୍କୃତିକ ପରିମଣ୍ଡଳ ଉପରେ ରଚିତ ହୋଇଛି ଐତିହାସିକ ଉପନ୍ୟାସ 'ନୀଳଶୈଳ'ର ପୃଷ୍ଠ ପିଞ୍ଜରା।

ମହାକାବ୍ୟିକ ଉପନ୍ୟାସ 'ନୀଳଶୈଳ' ସୁରେନ୍ଦ୍ର ମହାନ୍ତିଙ୍କ ଶିଳ୍ପକଳାର ଚୂଡ଼ାନ୍ତ ଅଭିବ୍ୟକ୍ତି। ଏହା କିଛି ସାଧାରଣ ଉପନ୍ୟାସ ନୁହେଁ, ଉତ୍କଳୀୟ ଜନପ୍ରାଣର ପ୍ରେମ, ଭକ୍ତି, ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ। ଗୋଟିଏ ଐତିହ୍ୟ ସଂପନ୍ନ ଜାତିର ଜୀବନ ବେଦ ବା ଆତ୍ମାର କଥା। ଐତିହାସିକ ଉପନ୍ୟାସ ହେଲେ ବି ଇତିହାସ ଏହାର କଙ୍କାଳ। ଆତ୍ମା ହେଉଛି ଭାବାବେଗ। ଜଗନ୍ନାଥ କେବଳ ପ୍ରତୀକ। ଉପନ୍ୟାସର ମୁଖବନ୍ଧରେ ଲେଖକ କହିଛନ୍ତି- "ପ୍ରମତ୍ତ ବଳଦେବଙ୍କ ଦର୍ପିତ ପହଣ୍ଡି, କେତକୀ ଟାହିଆର ଠାଣି, ବିଜେ କାହାଳି ଓ ଘଣ୍ଟାନାଦ ମଧ୍ୟରେ ତାଙ୍କର ଦୃଷ୍ଟି ପଥାରୂଢ଼ ହୋଇଛି ଇତିହାସର ବହୁ କ୍ଷତବିକ୍ଷତ ଓଡ଼ିଆ ଆତ୍ମାର ଅଭ୍ୟୁଦୟ।"

ଖୋର୍ଦ୍ଧା ଭୋଇ ରାଜବଂଶର ପରାଜିତ ଗଜପତି ରାମଚନ୍ଦ୍ର ଦେବ, ଇତିହାସର ଜଣେ ନିନ୍ଦିତ ନାୟକ। କଟକର ନାଏବ ନାଜିମ୍ ମହମ୍ମଦ ତକୀ ଖାଁଠାରୁ ପରାସ୍ତ ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ହୋଇ ରହିଲେ ପୂରା ଅଠର ମାସ। ଏତିକିବେଳେ ତକୀ ଖାଁ'ର ଭଉଣୀ ରୂପବତୀ ରିଜିଆର ପ୍ରେମରେ ପଡ଼ି ତାକୁ ବିବାହ କଲେ, ଯା' ଫଳରେ ଜାତି ଗଲା, ଧର୍ମ ଗଲା ଓ ରାମଚନ୍ଦ୍ରଦେବ ପରିବର୍ତ୍ତେ ନାମ ହେଲା ହାଫିଜ କାଦିର ବେଗ୍। ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ହୋଇ ସୁଦ୍ଧା ହରେଇ ବସିଲେ ମହାପ୍ରଭୁଙ୍କ ଦର୍ଶନ ତଥା ଅଙ୍ଗ କୈବଲ୍ୟ ସେବା ପୂଜାର ଅଧିକାର। ରାମଚନ୍ଦ୍ର ଦେବ ହିଁ ଏକମାତ୍ର ଗଜପତି, ଯିଏ ଧର୍ମଭ୍ରଷ୍ଟ ହେବା କାରଣରୁ ମହାପ୍ରଭୁଙ୍କୁ ଆସନ ଗ୍ରହଣ କରିବାକୁ ପଡ଼ିଲା ସିଂହଦ୍ୱାର- ଗୁମୁଟରେ। ତେଣୁ ତାଙ୍କ ପ୍ରେମ କାହାଣୀ ଓ ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଇତିହାସରେ ଅନେକ ଝଡ଼ ଉଠିଛି ଏବଂ ଶେଷରେ ଜଣେ ଇନ୍ଦ୍ରିୟାସକ୍ତ, କାମୁକ ବ୍ୟକ୍ତି ଭାବରେ ଚିହ୍ନଟ କରି ଇତିହାସ ତାଙ୍କ ଦେହରେ ଲଗେଇ ଦେଇଛି କଳଙ୍କିତ ନାୟକର ମୋହର। ମାତ୍ର ଇତିହାସକୁ ତର୍ଜମା କରି କେହି କେବେ ରାମଚନ୍ଦ୍ରଦେବଙ୍କ ତାତ୍କାଳିକ ଅସହାୟତା ବୁଝିବାକୁ ଚେଷ୍ଟା କରିନାହାନ୍ତି କି କାହାରି ଚେତନାକୁ ଆନ୍ଦୋଳିତ କରିନାହିଁ ଦୁଷ୍କାଳର ପରିହାସ ମଧ୍ୟରେ ମହାରାଣୀ ଲଳିତା ପାଟଦେଇ ଓ ପୁତ୍ର ଭାଗୀରଥି କୁମରଙ୍କ ବିଦ୍ରୋହ ତଥା ବଡ଼ପଣ୍ଡାଙ୍କ ଚକ୍ରାନ୍ତର ଚକ୍ରବ୍ୟୂହରେ ଜର୍ଜରିତ ଗଜପତିଙ୍କ ଅନ୍ତର୍ବେଦନା। ଇତିହାସର ଏହି ପକ୍ଷପାତିତା ବିରୁଦ୍ଧରେ ଏକ ପ୍ରତିବାଦ ହୋଇ ଆତ୍ମପ୍ରକାଶ କରିଛି ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ'।

ଇତିହାସ କେବେ ଦ୍ରାକ୍ଷାକୋମଳ ଦୃଷ୍ଟିଭଙ୍ଗୀ ନେଇ ନେତାର ବିଶ୍ଳେଷଣ କରେ ନାହିଁ କି ବୁଝେ ନାହିଁ ନେତା ଅନ୍ତର ତଳର ବେଦନା। ଅନ୍ୟପକ୍ଷରେ ଇତିହାସର ବିଶେଷ ସତ୍ୟକୁ ଆଧାର କରି ସାହିତ୍ୟ ଖୋଜେ କାଳାତୀତ ସତ୍ୟ, ଯାହାକୁ କୁହାଯାଏ ଶୀତଳ ଶିଳୀଭୂତ ଇତିହାସର ମାନବୀକରଣ। ଘଟଣା ପରେ ଘଟଣା ସଜେଇ ତାକୁ ଭାବ ବ୍ୟଞ୍ଜିତ କରିବାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ବିଶେଷକରି ଇତିହାସର ନିନ୍ଦିତ, ଭର୍ତ୍ସିତ ଓ ଲାଞ୍ଛିତଙ୍କ ପ୍ରତି ସତ୍ୟସନ୍ଧାନୀ ଶିଳ୍ପୀ ସୁରେନ୍ଦ୍ରଙ୍କର ଥାଏ ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ବେଦନା। ଏଥିସହିତ ଜଣେ ମନସ୍ତତ୍ତ୍ୱବିତର ଦକ୍ଷତା ନେଇ ସେ ଗଜପତିଙ୍କ ଭାବାବେଗକୁ ପଢ଼ିଛନ୍ତି, ଯିଏ ସବୁ କିଛି ହରାଇଲା ପରେ ମହାପ୍ରଭୁଙ୍କୁ ସେବକ ଭାବରେ ଭୁଲି ନାହାନ୍ତି ନିଜର ସର୍ବଶ୍ରେଷ୍ଠ ଦାୟିତ୍ୱ। କୌଣସି ପରିସ୍ଥିତିରେ ବି ମନରୁ ସାମାନ୍ୟତମ ଊଣା ପଡ଼ିନାହିଁ ଶ୍ରୀଜିଉଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟ। ଗୋଟିଏ ପଟରେ ତକୀ ଖାଁ'ର ମନ୍ଦିର ଆକ୍ରମଣ ମସୁଧା ଅନ୍ୟପଟରେ ସେବାୟତଙ୍କ ବିଶ୍ୱାସ ଘାତକତା- ତାଙ୍କ ଆଖି ଆଗରେ ନାଚିଉଠିଛି ଦୁଇଶହ ବର୍ଷ ତଳର କଳଙ୍କିତ ଇତିହାସ। କଳାପାହାଡ଼ର ବଡ଼ ଦେଉଳ ଲୁଣ୍ଠନ ଓ ମହାପ୍ରଭୁଙ୍କୁ ଚମ ଦଉଡ଼ିରେ ବାନ୍ଧି ବଡ଼ଦାଣ୍ଡରେ ଘୋଷାରି ଘୋଷାରି ନେବାର ଦୃଶ୍ୟ। ସେହି ମର୍ମଦାହୀ ଘଟଣାର ଆଉ ପୁନରାବୃତ୍ତି ନ ହେଉ-ଏହା ହିଁ ଥିଲା ତାଙ୍କ ଉତ୍କଳୀୟ ଆତ୍ମାର ଆହ୍ୱାନ।

ଉପରୋକ୍ତ ପ୍ରେକ୍ଷାପଟରେ ଶିଳ୍ପୀ ଅନୁଭବ କରିଛନ୍ତି ପ୍ରେମ ପାଇଁ ନୁହେଁ, ଜାତିର ସ୍ୱାର୍ଥ ପାଇଁ ତାଙ୍କର ଧର୍ମ ପରିବର୍ତ୍ତନ। ଜାତିର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ତାଙ୍କର ଶେଷହୀନ ସଂଗ୍ରାମ। ପୁରୀରୁ ଗୁରୁବାରୀ ଦ୍ୱୀପ ଯାଏ ତାଙ୍କର ଏହି ସଂଘର୍ଷମୟ ଯାତ୍ରା ପଥରେ ସେ ନିଜକୁ ବାରମ୍ବାର ପଚାରିଛନ୍ତି- ଠାକୁର ଓ ପ୍ରଜାଙ୍କ ପାଇଁ ବିଧର୍ମୀ ହେବା କ'ଣ ପାପ ? ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି ପରାଜିତ ହେବା କଣ ଭୀରୁତା? ନିଜ ଭିତରୁ ଉତ୍ତର ପାଇଛନ୍ତି-ଓଡ଼ିଆ ଜାତି ଓ ଜାତିର ଆରାଧ୍ୟ ଠାକୁରଙ୍କ ପାଇଁ ଯେତେ ଯାହା ନିନ୍ଦା ଅପବାଦ ଆସୁନା କାହିଁକି, ତାକୁ ପୁଣ୍ୟ ଭାବି ଦେହରେ ବୋଳି ହୋଇଯିବା ଉଚିତ୍। ନିଜ ଅନ୍ତରାତ୍ମାର ବାଣୀ ଶୁଣି ସେ ଗ୍ରହଣ କରି ନେଇଛନ୍ତି ରିଜିଆର ପ୍ରେମ। ରିଜିଆ ଗଜପତିଙ୍କ ଜୀବନର ଏକ ଅଶ୍ରୁସିକ୍ତ କବିତା। ଜଣେ ହିନ୍ଦୁ ମାତାର କନ୍ୟା ଭାବରେ ଜଗନ୍ନାଥଙ୍କ ପ୍ରତି ମନରେ ଅଚଳା ଭକ୍ତି। ଗଜପତିଙ୍କୁ ପ୍ରେମ କରିବା ପଛରେ ରହିଛି ମହାପ୍ରଭୁଙ୍କ ଦର୍ଶନ ଲଭିବାର ଅଦମ୍ୟ ଇଚ୍ଛା। ଜଗନ୍ନାଥପ୍ରାଣତା ହିଁ ରିଜିଆକୁ ଆଣି ଦେଇଛି ଗଜପତିଙ୍କ ବିବି ହେବାର ସୌଭାଗ୍ୟ। ଗଜପତି ଉତ୍କଳ ଇତିହାସର ପ୍ରାଣ ନୁହଁନ୍ତି, ଏକ ସଙ୍କେତ ମାତ୍ର। ଉତ୍କଳର ଯଥାର୍ଥ ପ୍ରାଣ ତା'ର ପାଇକକୁଳ। ସରଦେଈ ସେହି ପାଇକ ଘରର ବୋହୂ। ପାଇକାଳି ରକ୍ତରେ ଗଢ଼ା ତା'ର ଦେହ ଓ ମନ। ସ୍ୱାମୀ ନବଘନକୁ ବନ୍ଦାପନା କରି ଯୁଦ୍ଧକୁ ପଠାଇ ଦେଲାବେଳେ ଜଗନ୍ନାଥଙ୍କ ସୁରକ୍ଷା ଆଗରେ ନିଜର ସୁଖ ସୌଭାଗ୍ୟକୁ ତୁଚ୍ଛ ମଣି ସରଦେଈ ଭଳି ନବବିବାହିତା କେବଳ କହିପାରେ- "ଏ ଲଢ଼େଇ ରାଜ୍ୟ ପାଇଁ ନୁହେଁ, ହିନ୍ଦୁର ଆତ୍ମା ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ। ଜଗନ୍ନାଥ ଥିଲେ ସବୁ ଅଛି, ସେ ନ ଥିଲେ କିଛି ନାହିଁ।"


ଜଗନ୍ନାଥଙ୍କୁ କେବେ ଦେଖି ନଥିବା ଜଗନ୍ନାଥପ୍ରାଣା ସରଦେଈ ମହାପ୍ରଭୁଙ୍କୁ ଦେଖିଛି ଠାକୁର ରାଜାଙ୍କ ଭିତରେ। ତାଙ୍କରି ଚରଣ ତଳେ ଅଜାଡ଼ି ଦେଇଛି ଅନାବିଳ ଶ୍ରଦ୍ଧା ଭକ୍ତି। ଯେଉଁ ଜାତିର ରାଜା ରାଜପଣର ଗର୍ବ ଅପେକ୍ଷା ଦେବତାର ସେବକ ହେବାରେ ଅଧିକ ଗୌରବ ଅନୁଭବ କରନ୍ତି,ସେ ହିଁ ଓଡ଼ିଆ ଅସ୍ମିତା ଲଢ଼େଇର ମହାନାୟକ। ଯେଉଁ ଜାତିର ଦେବତା ମନ୍ଦିର ତ୍ୟାଗ କରି ବରଣ କରି ନିଅନ୍ତି ମାନବୀୟ ଦୁର୍ଭାଗ୍ୟ, ସେହି ଜାତିର ପ୍ରେମଭକ୍ତିର ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ ହେଉଛି 'ନୀଳଶୈଳ'। ସମଗ୍ର ଭାରତୀୟ ସାହିତ୍ୟର ଏକ ମହାର୍ଘ ସୃଷ୍ଟି। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପୁସ୍ତକ ପରିଚୟ

### ଅନ୍ତରଙ୍ଗ ଆକାଶ

ସୁରେଶ ସାଗର




ପଶ୍ଚିମା ପବ୍ଲିକେଶନ୍
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର-୧୨
ପ୍ରଥମ ପ୍ରକାଶ : ୨୦୧୮
ମୂଲ୍ୟ: ୯୦ ଟଙ୍କା

ଜୀବନରେ ଦୁଃଖ ଅଛି, ବେଦନା ଅଛି। ତଥାପି ଜୀବନର ସ୍ୱାଦ ନିଆରା। କାରଣ ଜୀବନରେ ରହିଛି ଅନେକ ସମ୍ଭାବନା। ତେଣୁ କବି ସ୍ୱପ୍ନ ଦେଖେ ଜୀବନକୁ ନେଇ। ନୂତନ ସୂର୍ଯ୍ୟୋଦୟର ସମ୍ଭାବନାକୁ ନେଇ। ଜୀବନର ଏମିତି କିଛି ବାସ୍ତବତା ଓ ସୂକ୍ଷ୍ମ ଅନୁଭବ ବେଶ୍ ମାର୍ମିକ ଭାବେ ଫୁଟି ଉଠିଛି ସୁରେଶ ସାଗରଙ୍କ 'ଅନ୍ତରଙ୍ଗ ଆକାଶ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ମୋଟ ୩୨ଟି କବିତା ସଂକଳିତ ହୋଇଛି। ଭିକ୍ଷୁକ, ମୁକୁଳେଇ ନିଅ, ଅନ୍ତରଙ୍ଗ ସ୍ୱର, ମାଇଲ ଖୁଣ୍ଟ, ବର୍ଷା: ବସୁମତୀ, ହାଟ ବିଚାର, ଲାଜ, ସମୁଦ୍ର, ଭୋକ, କଳାହାଣ୍ଡି, ନିଖୋଜ ଲୁହ, ବଙ୍କୁଲି ବାଡ଼ି, ଖଣ୍ଡ ପ୍ରଳୟ, ବାଟୋଇ, ମଲାଜହ୍ନ ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତାରେ ରହିଛି ଜୀବନମୟତା। ଜୀବନକୁ ଭୋଗ କରିବାର ପ୍ରବଣତା। ଜୀବନରେ ସୁଖ, ଦୁଃଖ, ଯନ୍ତ୍ରଣା, ଅଶ୍ରୁ, ଆନନ୍ଦର ଗଭୀର ଅନୁଭବକୁ ଉପଲବ୍ଧି କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ। ସେହିପରି ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ଜୀବନ୍ତ ଭାବେ ପ୍ରସ୍ଫୁଟିତ ହୋଇ ଉଠିଛି। 'ଅନ୍ତରଙ୍ଗ ଆକାଶ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ସ୍ଥିତପ୍ରଜ୍ଞ

ଦିଲ୍ଲୀପ ଦାଶଶର୍ମା





ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୧୦
ମୂଲ୍ୟ: ୧୦୦ ଟଙ୍କା

ଦିଲ୍ଲୀପ ଦାଶଶର୍ମା ଏକାଧାରରେ ଜଣେ ଲେଖକ, ସଂପାଦକ, ସମାଜସେବୀ ଓ ସଂଗଠକ ଭାବେ ପରିଚିତ। ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡ଼ିତ। ବିଶେଷ କରି ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ପ୍ରଥମ ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ସହିତ କାମ କରିବା ବେଳେ ନିଜର ବ୍ୟକ୍ତିଗତ ଅନୁଭୂତି ଓ ଅନୁଭବକୁ ନେଇ ସେ ରଚନା କରିଛନ୍ତି 'ସ୍ଥିତପ୍ରଜ୍ଞ' ପୁସ୍ତକ। ଆନୁଷ୍ଠାନିକ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ପୁସ୍ତକରେ ଲେଖକ ଶ୍ରୀଯୁକ୍ତ ଦାଶଶର୍ମା ଲିପିବଦ୍ଧ କରିଛନ୍ତି। ଏହି ଆତ୍ମଜୀବନୀ ମୂଳକ ପୁସ୍ତକରେ 'ଗାଁରେ ଯୁବକ ସଂଘ ଗଠନ', 'ରାଜ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ଗଠନ', 'ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ଗଠନ', 'ଉତ୍କଳ ପ୍ରଭାତ ପୁସ୍ତକର ପ୍ରଥମ ପ୍ରକାଶନ', 'ରେଡକ୍ରସ୍‌ର ନାମ ହିଁ ଯଥେଷ୍ଟ' ଆଦି ପ୍ରସଙ୍ଗରେ ନିଜର ବ୍ୟକ୍ତିଗତ ଜୀବନ ଓ ସାଂଗଠନିକ କାର୍ଯ୍ୟ ସଂପର୍କରେ ଲେଖକ ବର୍ଣ୍ଣନା କରିଛନ୍ତି। ଆତ୍ମଜୀବନୀ ମୂଳକ ଏହି ପୁସ୍ତକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ତୁମେ ହିଁ ନୀଳମଣି

ସଂପାଦନା: ପୀତାମ୍ବର ମହାପାତ୍ର




ଆଷାଢ଼
ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୬

ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ନୀଳମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ବହୁମୁଖୀ ପ୍ରତିଭାର ଉଜ୍ଜ୍ୱଳମଣି: ତୁମେ ହିଁ ନୀଳମଣି' ସ୍ମରଣିକା ପ୍ରକାଶ ପାଇଛି। ପୀତାମ୍ବର ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ସ୍ୱର୍ଗତ ନୀଳମଣିଙ୍କ ଜୀବନ, ବୃତ୍ତି, କୃତି, ବ୍ୟକ୍ତିତ୍ୱ ଆଦି ସଂପର୍କରେ ଆଲୋଚନା କରାଯାଇଛି। ସ୍ୱର୍ଗତ ସାହୁ ଏକାଧାରରେ ଥିଲେ ଜଣେ ନିର୍ଭିକ ଓ ସତ୍ୟନିଷ୍ଠ ସାମ୍ବାଦିକ, କବି, ଲେଖକ, ସ୍ତମ୍ଭକାର। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ରଚିତ କବିତା, ପ୍ରବନ୍ଧ, ଫିଚର୍ ଆଦି ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ବାବା ଅରକ୍ଷିତ ଦାସ, ଡକ୍ଟର ଅଜୟ କୁମାର ମିଶ୍ର, ପ୍ରାଧ୍ୟାପକ ଦୁର୍ଗାଚରଣ ଆଚାର୍ଯ୍ୟ, ଡକ୍ଟର ଶ୍ରୀଚରଣ ଦାସ, ପ୍ରଶାନ୍ତ ମୁଦୁଲି, ରବି ନାରାୟଣ ଜେନା, ଡକ୍ଟର ଅରବିନ୍ଦ ରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସ୍ମୃତିଚାରଣ କରିଛନ୍ତି। ଜଣେ ସରଳ, ନମ୍ର ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ସେ ଜଣାଶୁଣା ଥିଲେ। ଏଥିରେ ପ୍ରକାଶିତ ଲେଖାଗୁଡ଼ିକରେ ଲେଖକମାନେ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭାର ବିଭିନ୍ନ ଉପରେ ଆଲୋକପାତ କରିଛନ୍ତି। ■

## ୧୦ ଦଫା ଦାବିରେ ଆନ୍ଦୋଳନ ଚେତାବନୀ ଦେଲା ଓମସା

# ୩୦ ସୁଦ୍ଧା ଦାବି ପୂରଣ ନହେଲେ ୧ରେ କାର୍ଯ୍ୟବନ୍ଦ

## ମାଲକାନଗିରିରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦ, ବୁଧବାର ଘଣ୍ଟାକ ପାଇଁ ବନ୍ଦ ରହିବ ଓପିଡି ସେବା

ଭୁବନେଶ୍ୱର,୨୦।୬(ସମିସ): ଆସନ୍ତା ଜୁଲାଇ ୧ ତାରିଖରେ ରାଜ୍ୟବ୍ୟାପୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) । ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଜୁଲାଇ ୧ରେ ୧୦ ଦଫା ଦାବିରେ ଓମସା ପକ୍ଷରୁ ଦିନକ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ଏହାର ମାସକ ମଧ୍ୟରେ ଯଦି ସରକାର ସମସ୍ତ ଦାବି ପୂରଣ ନକରନ୍ତି, ତାହେଲେ ରାଜ୍ୟର ସମସ୍ତ ଡାକ୍ତର ସମୂହ ଇସ୍ତଫା ପ୍ରଦାନ ପରି ଚରମ ନିଷ୍ପତ୍ତି ନେବେ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

ଶନିବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ମିଶ୍ର କହିଛନ୍ତି ଯେ ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମସା ଶେଷଥର ପାଇଁ ଆଲୋଚନା କରିଥିଲା । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେନାହିଁ । ଏହାର ପ୍ରତିବାଦରେ ଆସନ୍ତା ଜୁଲାଇ ପହିଲାରେ ଦିନକ ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ରଖାଯିବ । ଏହାସହ ସରକାରଙ୍କୁ ଆଉ ଏକ ମାସ ମହଲତ ଦିଆଯିବ । ଏହାସତ୍ତ୍ୱେ ସରକାର ଯଦି ଦାବି ପୂରଣ ନକରନ୍ତି, ତାହେଲେ ସମସ୍ତ ଡାକ୍ତର ସମୂହ ଇସ୍ତଫା ଦେବେ ବୋଲି ଡାକ୍ତର ମିଶ୍ର ଚେତାବନୀ ଦେଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲା କାର୍ଯ୍ୟାଳୟରେ ଜଣେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ସାରା ରାଜ୍ୟରେ ଘଣ୍ଟିକିଆ ଓପିଡି ବନ୍ଦ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ମାସ ପ୍ରାରମ୍ଭରେ ଓମସା ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଥିଲା । ଏପରିକି ରାଜ୍ୟ ସରକାର ଜାନୁଆରୀ ୬ ତାରିଖରେ ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ଏସ୍ମା ଲଗାଇଥିଲେ । ପରେ ଜାନୁଆରୀ ୮ ତାରିଖରେ ଏନେଇ ଏକ ବୈଠକ ହୋଇଥିବା ବେଳେ ଏଥିରେ ସମାଧାନର ରାସ୍ତା ବାହାରିଥିଲା । ଡାକ୍ତରଙ୍କ ଦାବି ପୂରଣ ପାଇଁ ସରକାର ଏକ କମିଟି ଗଠନ କରିଥିବା ବେଳେ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । ମାତ୍ର ଏହା ଏଯାବତ୍ ପୂରଣ ହୋଇନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପୂର୍ବୋଦୟର...

ଏଥିସହ ରାଜ୍ୟର ୭୩୨ କୋଟି ଟଙ୍କାର ଦୁଇଟି ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପ ଯଖପୁର-ଯାଜପୁର କେନ୍ଦୁଝର ରୋଡ୍‌ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଓ ହିଣ୍ଡୋଳ ରୋଡ୍‌ମେରାମଣ୍ଡଳି ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଉଦଘାଟନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ତାଙ୍କ ଅଭିଭାଷଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଜନ୍ମମାଟି ଓଡ଼ିଶା ଓ ମୟୂରଭଞ୍ଜର ବିକାଶ ପାଇଁ ଆନନ୍ଦ ବ୍ୟକ୍ତ କରିଥିଲେ । ନିଜ ଗ୍ରାମ ପାହାଡ଼ପୁରର ଏସଏଲସି ଟ୍ରଷ୍ଟ ବିଦ୍ୟାଳୟ ପରିଦର୍ଶନର ସ୍ମୃତିଚାରଣ କରି ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ମୟୂରଭଞ୍ଜ ପାଇଁ ନୂତନ ଉପହାର ସ୍ୱରୂପ ରାଇରଙ୍ଗପୁରରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜନଜାତୀୟ ଗବେଷଣା ଓ ବିକାଶ କେନ୍ଦ୍ର, ଇଗ୍ନୋର ଆଞ୍ଚଳିକ କେନ୍ଦ୍ର, ଇଣ୍ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମ, ଆୟୁର୍ବେଦ ହସ୍ପିଟାଲ ଓ କଲେଜ ସହିତ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଶିଳାନ୍ୟାସ ଓ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ । ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବୃହତ ଆକାରକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏକ ସ୍ୱତନ୍ତ୍ର ରାଇରଙ୍ଗପୁର ପୁଲିସ ଜିଲ୍ଲାର ଶୁଭାରମ୍ଭ କରାଯାଇଥିବା ସେ ଘୋଷଣା କରିଥିଲେ । ଆଦିବାସୀ ସମାଜକୁ ଜଳ, ଜଙ୍ଗଲ, ଜମି ଓ ପ୍ରକୃତିର ପ୍ରକୃତ ପୂଜାରୀ ବୋଲି ବର୍ଣ୍ଣନା କରି ସେ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଛାଡ଼ିଯିବାକୁ ଓ ପ୍ରକୃତିର ସୁରକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ପୂର୍ବ ଭାରତର ବିକାଶ ବିନା ଦେଶର ସାମଗ୍ରିକ ବିକାଶ ଅସମ୍ଭବ । ଓଡ଼ିଶା ଏହି ପ୍ରଗତିର ମୁଖ୍ୟ ପ୍ରବେଶ ଦ୍ୱାର । ଆଦିବାସୀ ସଂସ୍କୃତି ପ୍ରତି ସମ୍ମାନ ଜଣାଇ ସେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ, ଡକ୍ଟର ଦମୟନ୍ତୀ ବେସ୍ରା, ଶ୍ରୀଚରଣ ହେମ୍ବ୍ରମଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ପ୍ରଣାମ ଜଣାଇବା ସହ କେନ୍ଦ୍ର ସରକାର ସାନ୍ତାଳୀ ଭାଷାରେ ସମ୍ବିଧାନ ପ୍ରସ୍ତୁତ କରିଥିବା କଥା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗରିବ କଲ୍ୟାଣ ଯୋଜନାରେ ସାମାନ୍ୟ ଭାବେ ମଣିଷର ଜୀବନଜୀବିକା ବଦଳୁଛି । ଓଡ଼ିଶାର ଆର୍ଥିକ ଗତିବିଧି, ନିବେଶ ଓ ଉଦ୍ୟୋଗକୁ ଆକର୍ଷିତ କରିବାର ନଜର ହେଉଛି । ପୂର୍ବ ଭାରତର ବିକାଶରେ ଭାରତର ବିକାଶ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ପୂର୍ବ ଭାରତର ବିକାଶ କରୁଛନ୍ତି । ଯେଉଁ ପୂର୍ବ ଭାରତକୁ କଂଗ୍ରେସ ସମୟରେ ପଛୁଆ ବର୍ଗ ଭାବେ ପରିଣତ କରାଯାଇଥିଲା; ଏବେ ତାହା ପ୍ରଗତୀର ପ୍ରବେଶ ଦ୍ୱାର ହୋଇଛି । ଏହି ପରିବର୍ତ୍ତନରେ ଓଡ଼ିଶା ସାକ୍ଷୀ ହୋଇଛି । ଓଡ଼ିଶାରେ ସମୁଦ୍ର, ଖଣିଜ ସମ୍ପଦ, କୃଷି ଓ ଯୁବ ପ୍ରତିଭାର ପୂର୍ଣ୍ଣ ବିକାଶ ପାଇଁ ମିଳିମିଶି କାର୍ଯ୍ୟ କରାଯାଉଛି । ବିଜୁଳି, ରେଳ ପ୍ରକଳ୍ପ, ନୂଆ ସଡ଼କ, ଆର୍ଥିକ କରିଡର ତିଆରି ହେବା ସହ ବିସ୍ତାର ହେଉଛି । ଓଡ଼ିଶାର ପର୍ଯ୍ୟାପ୍ତ ସମ୍ବଳକୁ ସମ୍ଭାବନାରେ ପରିଣତ କରାଯାଉଛି । ଓଡ଼ିଶାକୁ ବଡ଼ ନିବେଶ ଆସିବା ଓ ଉଦ୍ୟୋଗ ସୃଷ୍ଟି ପାଇଁ ଉତ୍ତର ଓଡ଼ିଶାରୁ ବଡ଼ ଅଭିଯାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦ ଲକ୍ଷ କୋଟି ନିବେଶ ପ୍ରସ୍ତାବ ମିଳିସାରିଛି । ସାଢେ ୩ ଲକ୍ଷ କୋଟି ଟଙ୍କାର ଅନେକ ମେଗା ଯୋଜନାର କାର୍ଯ୍ୟ ଜାରି ରହିଛି । ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ପାଇଁ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦିଆଯାଉଛି । ପାୱାର ସେକ୍ଟର ପାଇଁ ୬ ହଜାର କୋଟି ଟଙ୍କା ନିବେଶ କରାଯାଉଛି । ସହରୀ ଯୋଜନାରେ ସହରୀବିକାଶ କରାଯାଉଛି । ଡବଲଇଞ୍ଜିନ ସରକାରରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି । ଏହି ଅବସରରେ ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଆନ୍ତରିକ ଶୁଭକାମନା ଜଣାଇ କହିଥିଲେ, ଆଜି ରାଷ୍ଟ୍ରପତିଙ୍କ ସଫଳ ସଂଘର୍ଷ ଓ ଶୀର୍ଷ ସ୍ଥାନକୁ ଦେଖି ଦେଶର ପ୍ରତିଟି ଶିଶୁ ଓ ବଞ୍ଚିତ ଶ୍ରେଣୀର ଲୋକେ ବଡ଼ ହେବାର ସ୍ୱପ୍ନ ଦେଖୁଛନ୍ତି । ଏଥିସହ ଜନଜାତି ଗୌରବକୁ ସମ୍ମାନ ଜଣାଇ ଆମ ସରକାର ସାନ୍ତାଳୀ ଭାଷାରେ ଭାରତୀୟ ସମ୍ବିଧାନର ଏକ ସ୍ୱତନ୍ତ୍ର ସଂସ୍କରଣ ପ୍ରସ୍ତୁତ କରିଛନ୍ତି, ଯାହା ଆଦିବାସୀ ସମାଜ ପାଇଁ ଏକ ବଡ଼ ସମ୍ମାନ କହିଥିଲେ । ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଚାଲିଥିବା 'ସ୍ୱଚ୍ଛତା ଅଭିଯାନ'କୁ ମଧ୍ୟ ଉଚ୍ଚ ପ୍ରଶଂସା କରିବା ସହ ସ୍ୱଚ୍ଛତା ଅଭିଯାନରେ ଯୋଡ଼ି ହୋଇଥିବା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଅଭିଭାଷଣରେ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିନ ପଡୁଥିବାରୁ ମଞ୍ଚରେ ତାଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସମ୍ମାନ ଜ୍ଞାପନ କରିଥିଲେ । ଶ୍ରୀ ମାଝୀ ଓଡ଼ିଶାର ଦୁଇବର୍ଷର ସଫଳତା ଓ କେନ୍ଦ୍ର ସରକାରଙ୍କ ଅକୁଣ୍ଠ ସହଯୋଗର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିଥିଲେ । ଭିତ୍ତିଭୂମି ବିକାଶରେ ରାଜ୍ୟରେ ଏକ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି । ଯେଉଁଥିରେ କେନ୍ଦ୍ର ପକ୍ଷରୁ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଓ ୪୦,୦୦୦ କୋଟି ଟଙ୍କାର ସଡ଼କ ପ୍ରକଳ୍ପ ମିଳିଛି । ଏଥିସହ ଭଦ୍ରକ, ଗଞ୍ଜାମ ଅଞ୍ଚଳରେ ବାହୁଦା ବନ୍ଦର ପାଇଁ ୨୫,୦୦୦ କୋଟି, ଆଇଓସିଏଲ ପକ୍ଷରୁ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ପାଇଁ ୮୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ମୋଟ ୩.୧୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହାବ୍ୟତୀତ ପିଏମ ଜନମନ ଯୋଜନା ଜରିଆରେ ପଛୁଆ ଜନଜାତି ଗ୍ରାମର ବିକାଶ, ଦେଶରେ ୫୦୦ରୁ ଅଧିକ ଏକଲବ୍ୟ ମଡେଲ ବିଦ୍ୟାଳୟ ପ୍ରତିଷ୍ଠା, ସିକଲ୍ ସେଲ୍ ଏନିମିଆ ରୋଗର ନିରାକରଣ ପାଇଁ ୪ କୋଟିରୁ ଅଧିକ ହେଲଥ୍ କାର୍ଡ ବଣ୍ଟନ କରାଯାଇଥିବା ସେ ସୂଚନା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟସଭା ସାଂସଦ ମନମୋହନ ସାମଲ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉପସ୍ଥିତ ଥିବାବେଳେ ସଭାରେ ବାଚସ୍ପତି, ରାଜ୍ୟର ବହୁ ମନ୍ତ୍ରୀ ଓ ବିଧାୟକ ଯୋଗଦେଇଥିଲେ ।

### ଟିଏମ୍‌ସିର ୪୪୦ କୋଟିର...

ହେବା ପର୍ଯ୍ୟନ୍ତ ଦଳର ଜମା ପରିଚାଳନା ବନ୍ଦ ରହିବା ଉଚିତ । ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ସେ ଅନୁରୋଧ କରିଥିଲେ । କିନ୍ତୁ ବିଦ୍ରୋହୀ ବିଧାୟକମାନେ ଏବେ ପାଣ୍ଠିର ଉତ୍ସର ଏକ ଅପରାଧିକ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି ।

ଟିଏମ୍‌ସି ବିଧାୟକ ତଥା ମମତାଙ୍କ ସହଯୋଗୀ କୁନାଲ ଘୋଷ କହିଛନ୍ତି ଯେ ଅରୂପ ବିଶ୍ୱାସ ଆଉ ପାର୍ଟିର କୋଷାଧ୍ୟକ୍ଷ ନୁହନ୍ତି । ତାଙ୍କୁ ଜୁନ ୫ ତାରିଖରୁ ହଟାଯାଇ ତାଙ୍କ ସ୍ଥାନରେ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ କରାଯାଇଛି । ବର୍ତ୍ତମାନ ଚକ୍ରବର୍ତ୍ତୀ ହିଁ ପାଣ୍ଠି ପରିଚାଳନା ଦାୟିତ୍ୱରେ ଅଛନ୍ତି ।

### ଓଡ଼ିଶା ବିଚଳିତ...

ଚିନ୍ତିତ କରିଛି । ଏପରି ଦୁଃସ୍ଥିତିର ସାମ୍ନା କରିଥିବା ଛାତ୍ରୀଙ୍କୁ ମୋର ଗଭୀର ସମବେଦନା ଜଣାଉଛି । ସର୍ବସମ୍ମୁଖରେ ଛାତ୍ରୀଙ୍କ ସହ ସଂଘବଦ୍ଧ ଭାବେ ଘଟିଥିବା ବିଭତ୍ସ, ନାରକୀୟ କାଣ୍ଡ ମାନବିକତା ଏବଂ ଆମ ଅସ୍ମିତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ସରକାର ତୁରନ୍ତ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ନେବା ଦରକାର । କାହିଁକି ଓଡ଼ିଶାର ଛବି କଳୁଷିତ ହେବାକୁ ଛାଡ଼ି ଦିଆଯାଉଛି? ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ? ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା କ'ଣ ଏ ସରକାରଙ୍କ ଉତ୍ତରଦାୟିତ୍ୱ ନୁହେଁ କି? ସମ୍ବେଦନଶୀଳ ଘଟଣାରେ ସରକାରଙ୍କ ସ୍ଥାଣୁତା ଓ ଅସମ୍ଭବ ନୀରବତା ଏପରି ବିଭତ୍ସ କାଣ୍ଡ ଘଟିବାକୁ ପ୍ରଶ୍ରୟ ଦେଉନାହିଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି । ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଥିବା ବେଳେ ସରକାର କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି? ସରକାର ତୁରନ୍ତ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରି ରାଜ୍ୟରେ ମା' ଭଉଣୀଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ରେଡ୍ ଫ୍ଲାଗ୍...

ଗିରଫ କରି କୋର୍ଟ ଚାଲାଣ କରିଛି । ବର୍ତ୍ତମାନ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଉଥିବା ବେଳେ ଭିଡ଼ ହିଂସାରେ ସମ୍ପୃକ୍ତ ଥିବା ଅନେକ ଗାଁର ପୁରୁଷମାନେ ଏବେ ଗିରଫ ଭୟରେ ଗାଁରେ ରହୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେବେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାୟଗଡ଼ ଏସଡିପିଓ ଗୌରହରୀ ସାହୁ ସୂଚନା ଦେଇଛନ୍ତି । ଏସ୍‌ପି ରାଜପ୍ରସାଦ ମଧ୍ୟ କହିଛନ୍ତି ଯେ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ କରାଯାଉଛି । କୌଣସି ଅଭିଯୁକ୍ତଙ୍କୁ ଛଡ଼ାଯିବ ନାହିଁ ଏବଂ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ । ଏଭଳି ନିନ୍ଦନୀୟ ଘଟଣାକୁ ରେଡ୍ ଫ୍ଲାଗ୍ ଶ୍ରେଣୀଭୁକ୍ତ କରିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ନିବେଦନ କରାଯାଇଛି । କ୍ରାଇମ୍ ବ୍ରାଞ୍ଚର ତତ୍ତ୍ୱାବଧାନରେ ସେ ନିଜେ ଘଟଣାର ତଦନ୍ତ ତଦାରଖ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି ।

### ଚାଲିଗଲା ଶିଶୁ...

ପରିବାରକୁ କୌଣସି କ୍ଷତିପୂରଣ ଦାବି ନ କରି ଧର୍ମଗଡ଼ସ୍ଥିତ ରକ୍ତଭଣ୍ଡାର ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବିରେ ଅଡ଼ି ବସିଛନ୍ତି । ଘଟଣାସ୍ଥଳରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭର୍ସିଥା ଆଡେପୁ, ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ପହଞ୍ଚି ପରିବାର ଓ ଲୋକଙ୍କୁ ବୁଝାସୁଝା କରିବା ସହ ଆଲୋଚନା କରିଛନ୍ତି । ୨ଦିନ ମଧ୍ୟରେ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ହେବା ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା ।

### ପାଗ ଭିଡୁଛି...

ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ମୌସୁମୀ ଓଡ଼ିଶା ଛୁଇଁଥିଲେ ମଧ୍ୟ ଏହାର ପ୍ରଭାବ ପୂର୍ଣ୍ଣ ଭାବେ ଦେଖାଯାଉନାହିଁ । ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଥିବା ବେଳେ ଗରମ ଓ ଆର୍ଦ୍ରତା ଜନିତ ସ୍ଥିତି ଲାଗି ରହୁଛି । ତେବେ ୨୩ ତାରିଖ ପରେ ମୌସୁମୀ ସକ୍ରିୟ ହେବା ପରେ ଆକାଶରେ ମେଘ ବଢ଼ିବ ଏବଂ ବିଜୁଳି, ଘଡ଼ଘଡ଼ି ସହ ଭାରି ବର୍ଷା ଆରମ୍ଭ ହେବାର ସମ୍ଭାବନା ରହ÷ଛି । ଗତ ଦୁଇ ଦିନ ଧରି ରାଜ୍ୟ ଉପରେ ଟ୍ରଫଲାଇନ ସକ୍ରିୟ ରହିବା କାରଣରୁ ଏହା ମୌସୁମୀକୁ ପ୍ରଭାବିତ କରୁଛି । ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାରେ ନ ଥିବା ହେତୁ ସମଗ୍ର ଓଡ଼ିଶାରେ ଏହି ବର୍ଷାର ପରିମାଣ ଦେଖିବାକୁ ମିଳୁନାହିଁ । ୨୪ ବେଳକୁ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ସ୍ଥିତିକୁ ଫେରିବା ପରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି । ଅନ୍ୟପଟେ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହ ଅର୍ଥାତ ୧ କିମ୍ବା ୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାଦ୍ୱାରା ମୌସୁମୀ ବାୟୁ ଅତ୍ୟନ୍ତ ଶକ୍ତିଶାଳୀ ହେବା ସହ ମୌସୁମୀ ବାୟୁ ଏହି ସମୟରେ ସାରା ଦେଶକୁ ଆଚ୍ଛାଦିତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଉଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨-୩ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବାହ ସାମାନ୍ୟ ଶକ୍ତିଶାଳୀ ହେବ । ଜୁନ୍ ଶେଷ ଆଡ଼କୁ ରାଜ୍ୟରେ ବ୍ୟାପକ ବର୍ଷା ସହ କେତେକ ସ୍ଥାନରେ ଭାରୀ ବର୍ଷାର ସମ୍ଭାବନା ରହିଛି । ରବିବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି । ଗତ ୩୬ ଘଣ୍ଟାରେ କଟକରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପୁରୀ ୪୨, ଅନୁଗୋଳ ୪୧, ଚାନ୍ଦବାଲି ୩୩, ବାରିପଦା ୨୯, ତାଳଚେର ୨୩, ଛତ୍ରପୁର ୨୨ ଓ ଭଦ୍ରକରେ ୩୫ ମିମି ବର୍ଷା ରେକର୍ଡ କରାଯାଇଛି ।


**KASTURBA GANDHI BALIKA VIDYALAYA MANDOSIL**

BLOCK-PAIKMAL, DIST-BARGARH PIN 768050

Letter No- 184 Date-22.06.2026

**SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics , Dress material ,Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya ,Mandosil Block- Paikmal, Dist –Bargarh Pin-768050 for the year 2026-27.

Last date of receipt of tender form is 07.07.2026 at 4.00 PM . For details contact the undersigned with in office hours.

Sd/- Headmaster Cum convenor
KGBV, Mandosil, Paikmal,Bargarh

**KASTURBA GANDHI BALIKA VIDYALAYA GAISILAT**

AT/PO/BLOCK- GAISILAT,DIST- BARGARH,PIN-768037

Notice No- 01/2026-27 Dated- 21.06.2026

**SHORT TENDER CALL NOTICE**

Sealed tenders are invited from the registered/reputed firms and manufacturer having valid PAN, valid GST registration certificate for supply of following items like Grocery, Cosmetics, Dress materials, Course books, Medicines, Vegetables, Non Veg items, Bread bakery & milk items,Toilet items,Fruits,sweets & snacks items to the Kasturba Gandhi Balika Vidyalaya, Gaisilat,Block-Gaisilat,Dist- Bargarh for the year **2026-27**.

Last date of receipt of duly filled in tender form is **01.07.2026 upto 4PM**.

For details contact the undersigned within the office hours and to download the tender forms and relevant documents go to google drive link https://surl.li/mxmlbp

Sd/-
Secretary cum Headmaster
**KGBV GAISILAT,Dist-Bargarh**
**Mob- 9777733411**

**KORAPUT CENTRAL CO-OPERATIVE BANK LTD.**

HEAD OFFICE: N.K.T. ROAD, JEYPORE – 764003, DIST: KORAPUT (ODISHA)
Phone No.: (06854) 241159 / 232714
Email: ceo@koraputccb.com
Letter No.: 1028 / P&S / 2026-27, Date: 17.06.2026

**QUOTATION CALL NOTICE**

Sealed quotations are invited from the intending registered firms for procurement of various Insurance Policies for Koraput Central Co-operative Bank Ltd., Jeypore for the period from **01.07.2026 to 30.06.2027**.

Interested vendors/agencies are requested to submit their sealed quotations to the undersigned on or before **24.06.2026 (3.00 PM)**. The quotations will be opened on the same date at **4.00 PM** in the presence of authorized representatives.

| Sl. No. | Particulars | Description | Amount to be Insured (In Rs.) |
|---|---|---|---|
| 1 | Bankers Indemnity | Basic Sum Insured | 5,00,000 |
| | | Additional Sum Insured | 6,00,00,000 |
| | | Money in Transit | 2,30,00,000 |
| | | ATM (7 Nos.) | 35,00,000 |
| 2 | Standard Fire Policy | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 3 | Burglary | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 4 | Electrical Equipment | Computer & Peripherals | 55,00,000 |
| | | Electrical Installation | 37,00,000 |
| 5 | Fidelity Guarantee | 93 Staffs | 5,00,000 |
| | | 23 Branches & Head Office | |
| 6 | Building | Jeypore HO (Old) | 50,00,000 |
| | | Jeypore HO (New) | 1,50,00,000 |
| | | Koraput | 15,00,000 |
| | | Rayagada | 15,00,000 |
| | | Nabarangpur | 20,00,000 |
| | | Main Branch (ATM Counter) | 5,00,000 |
| | | Mahila Branch | 10,00,000 |
| 7 | Mobile ATM | ATM (4 Nos.) | 8,00,000 |
| 8 | Customer Locker | Locker (6 Nos.) | 30,00,000 |

**Terms & Conditions**

1. Standard Bankers Indemnity Policy with add-on coverage for Earthquake, Storm, Tempest, Flood, Inundation and Terrorism. ATM extension to cover Machine: ₹20 lakh and Cash: ₹35 lakh.
2. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
3. Burglary, Housebreaking and Robbery coverage required.
4. Standard Electrical Equipment Policy with Mechanical & Electrical Breakdown coverage.
5. Standard Fidelity Guarantee Policy covering Forgery, Fraud and Dishonesty with Floater Cover.
6. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
7. Four Mobile ATMs (Machine & Cash) mounted on moving vehicles to be covered under risk cash for ₹8 lakh.
8. Six customer locker units of branch banks to be covered for cash, gold and other valuable items/documents up to ₹30 lakh.

The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact **Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.**

Secretary
K.C.C. Bank Ltd., Jeypore

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** 13001/933/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୮୫୬/ ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା. ୧୨.୦୬.୨୦୨୬ରିଖ
CPM-II-1408/81

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MIG-II-F-10/7 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୪୮୨୭ ତା-୧୯.୦୬.୨୦୧୯ ରିଖ ଅନୁଯାୟୀ ଶ୍ରୀମତୀ ସସ୍ମାରାଣି ଜେନା, ସ୍ୱାମୀ - ସୁଜିତ କୁମାର ବୋନିକ, ବାସସ୍ଥାନ – କ୍ୱାଟର ନଂ –ଏଲ/୫୯, ଛେଣ୍ଡ କଲୋନୀ, ପୋଷ୍ଟ - ଛେଣ୍ଡ କଲୋନୀ, ଥାନା - ରାଉରକେଲା, ଜିଲ୍ଲା - ସୁନ୍ଦରଗଡ, ଓଡିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସସ୍ମାରାଣି ଜେନା ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଷମା ଶତପଥି, ସ୍ୱାମୀ-ରଣଜିତ ଶତପଥି, କ୍ୱାଟର ନଂ-ଏଫ/ଇଇ-୧୮୨, ବାସନ୍ତି କଲୋନୀ, ଆଇସ ଫ୍ୟାକ୍ଟ୍ରି ନିକଟସ୍ଥ, ପୋଷ୍ଟ/ଥାନା-ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ, ଅନୁଯାୟୀ ସମ୍ପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0065

**S.V. GOVT. SCHOOL OF ART & CRAFTS** 3001/36/2627

(+2 Vocational Junior College)
Main Road, PO: Jeypore, Ph: (06854) 230041, PIN No: 764001, Odisha
(Affiliated to Council of Higher Secondary Education, Odisha, Bhubaneswar)

**Advertisement**

Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted Officer for the post of Guest faculties in S.V. Govt. School of Art & Crafts, Jeypore for the session 2026-27 as following subjects.

1. Guest Instructor, Graphic Art – (01)
2. Guest Instructor, Painting – (01)
3. Guest Instructor in Applied Art/Commercial Art – (01)
4. Guest Craft Teacher in Traditional Art and Crafts – (01)

**Qualification: A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.**

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001** by **Registered Post / Speed Post within 20 days of publishing of this advertisement.**

The applicant will have superscribe **"Application for the post of Instructor in Graphic Art/Painting/Applied Art/Crafts Teacher"** on the top of the envelope. No application will be received after the last date as mentioned.

**Terms & Conditions: The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.**

The date and time of interview will be notified later in the Notice Board of Art School, Jeypore and communicated in their mobile numbers/e-mail IDs. Accordingly, the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the **Instructor, S.V. Govt. School of Art & Crafts, Jeypore, Koraput, Mobile No.: 9078994830 / 9438221159**

Instructor
S.V. Govt. School of Art & Crafts, Jeypore

OIPR-3001/3032/1/26-27/0001

**ଘୋଷଣା ନାମା**

ମୁଁ ସସ୍ମିତା ମହାପାତ୍ର, ପତି- ମନୋଜ କୁମାର ମହାପାତ୍ର, ବାସସ୍ଥାନ- ଗୋପାଳପୁର, ପୋ- ଲାଲବାଗ, ଥାନା- ଯାଜପୁର, ଜିଲ୍ଲା- ଯାଜପୁର, ଓଡ଼ିଶା ଏତଦ୍ୱାରା ଘୋଷଣା କରୁଛି କି ମୁଁ ଗତ ୧୮/୦୧/୨୦୨୬ ଦିନ ୧.୩୦ ସମୟରେ ବାଇକ ଯୋଗେ ଯାଜପୁର ରୁ ଭୁବନେଶ୍ୱର ଯାଉଥିବାବେଳେ ବାଟରେ ମୋ ପାଖରେ ଥିବା ଅସଲ ପଞ୍ଜିକୃତ ଦଲିଲ ନଂ ୧୦୭୮୨୧୦୦୦୭୫ ତା ୧୧/୦୧/୨୦୨୧, ମଉଜା ଅଙ୍କୁଲା, ଖାତା ନଂ ୧୧୬, ପ୍ଲଟ ନଂ ୨୮୮୫ କାଗଜ ଗୁଡ଼ିକ କିଛି ସମୟରେ କେଉଁଠାରେ ହଜିଯାଇ ଅଛି । କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ସସ୍ମିତା ମହାପାତ୍ର ମୋବାଇଲ ନଂ - ୯୪୩୭୫୩୮୬୬୨, କିମ୍ବା ଆଡ଼ଭୋକେଟ ଟିଡ଼ି ରଞ୍ଜନ ବରାଳ ମୋବାଇଲ ନଂ ୭୦୦୮୪୨୪୮୬୧ ରେ ଜଣାଇବାକୁ ଅନୁରୋଧ ।

**AFFIDAVIT**

By virtue of an affidavit (CF No. 04, date: 17/06/2026) sworn before The Executive Magistrate, Padampur. I, Khageswar Suna(new name), S/o - Sadhu Suna, Permanent & current resident of AT: Sargipali, PO: Dahita, PS: Buden, Dist: Bargarh, PIN: 768036, State: Odisha declare that I have changed my name from Khage Suna to Khageswar Suna. Henceforth, I shall be known as **Khageswar Suna** (new name) for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 968, dated 18-06-2026, I, JAGESWAR BHATRA, S/o - Budu Bhatra, Permanent Resident of Village - Bhandri, PO - Kukudisemla, PS - Kodinga, Dist - Nabarangpur, Odisha, Pin - 764061, declare that I have changed the name of my SON from MONAHARA BHATRA to LAKUNATH BHATRA. Henceforth, he shall be known as **LAKUNATH BHATRA** for all purposes.

**Sd/- Jageswar Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Anandapur, dtd- 01/06/2026. I, **Nirakar Mohapatra**, aged about 46 years, S/o Kartik Chandra Mohapatra, resident of At/Po-Rambhila, Ps- Bhadrak Rural, Dist- Bhadrak, Odisha, PIN-756111 do hereby solemnly affirm & state that my son's name is incorrect in Aadhaar Card vide No. 586350272181, **Arnav Mohapatra**. But in birth certificate name is mentioned as **Ankit Mohapatra**. Henceforth, correction in my son Aadhaar Name.

**Nirakar Mohapatra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 966, dated 18-06-2026, I, RINA HARIJAN, W/o - Kamalu Harijan, Permanent Resident of Village - Pilibasini, PO - Patraput, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from MANI HARIJAN to RUKMANI HARIJAN. Henceforth, she shall be known as **RUKMANI HARIJAN** for all purposes.

**Sd/- Rina Harijan**

**AFFIDAVIT**

I, Hemanta Dash, aged about 57 years, S/o- Jaya Krushna Dash, resident of At- Surya Nagar, Po- Gurujanga, Ps- Khurda, Dist - Khurda, Pin-752057, Odisha declared by this affidavit No. 1286, dtd- 20/06/2026 that now onwards I shall be known as **HEMANTA KUMAR DASH** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-20/06/2026. I, **Doleswari Deep** (new name), D/o Utar Deep, permanent & current resident of AT: Belpadar, PO: Sirol, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Archana Bishi** (old name) to **Doleswari Deep** (new name). Henceforth, I shall be known as **Doleswari Deep** (new name) for all future purposes.

**Doleswari Deep**

**DOCUMENT LOST**

I, **Ajit Kumar Dash,** S/o-Minaketan Dash, aged 43 years, R/O At/PO- Talpali, P.S/Tah- Gaisilat, Bargarh, Pin- 768037, Odisha declare that I have purchased lands of Mutation Khata No. 133/143 of Mouza Khuntpali, P.S. No. 2, PS Gaisilat from Rajkumar Sahu which has been mutated and recorded in my name in Mutation Khata No. 133/155 of Mouza Khuntpali.

That its previous original link Registered Sale Deed No. 11932200043, dated-28.1.2022 executed by Lobhabati Meher in favour of Rajkumar Sahu, its original Mutation Khata No. 133/143 of Mouza Khuntpali recorded in the name of Rajkumar Sahu and original Mutation Khata No. 133/140 of Mouza Khuntpali recorded in the name of Lobhabati Meher were lost some where on dt. 15.5.2026 when I was going from Talapali to Gaisilat by Motorcycle. Further I declare that I have never mortgaged the above noted link RSD and RORs in any Bank, F.I.. Now I am applying for a loan from State Bank of India, Talpali branch At Talpali, P.O. Talpali, P.S./Tahasil Gaisilat, Dist. Bargarh by mortgaging the property. If anybody has any objection may kindly draw notice before above mentioned Bank within 7 days of publication of this notice. Later on no objection or claim will be acceptable in any circumstances.

### ପୌର ପ୍ରଶାସନର ନିଦ ଭାଙ୍ଗୁନି

# ସ୍କୁଲ ରାସ୍ତାରେ ଭାସୁଛି ଆବର୍ଜନା ପାଣି

ଜଗତସିଂହପୁର,୨୦।୬(ସମିସ)



ପ୍ରାୟ ଦେଢ଼ ମାସର ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଖୋଲିଛି। ହେଲେ ଜଗତସିଂହପୁର ସହରର ବଡ଼ବଜାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ଲହଡ଼ି ଭାଙ୍ଗୁଥିବା ଆବର୍ଜନା ପାଣି ବନ୍ଦ ହୋଇପାରୁନି। ଯାହା ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତା ପାଶ୍ୱର୍ରେ ଥିବା ଏକ ତିନି ମହଲା କୋଠା ଘରର ପରିତ୍ୟକ୍ତ ଏବଂ ଆବର୍ଜନା ପାଣି ନିୟମିତ ଭାବରେ ରାସ୍ତାକୁ ଛଡା ଯାଉଥିବାରୁ ସେଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ସହସ୍ରାଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଜଗତସିଂହପୁର ପୌରପ୍ରଶାସନକୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ ଏବଂ ୧୦ ହଜାର ଟଙ୍କା ଜରିମାନା ପାଇଁ ପୌର ପ୍ରଶାସନ ଚିଠି କରିଥିଲେ ମଧ୍ୟ ଆବର୍ଜନା ପାଣି ଛାଡିବାରେ ରୋକ ଲାଗିବା ସମ୍ଭବ ହେଉନାହିଁ। ଗତ ଏପ୍ରିଲ ମାସରେ ଜଗତସିଂହପୁର ପୌର ପ୍ରଶାସନ ପକ୍ଷରୁ ଉକ୍ତ ଘର ସମ୍ମୁଖରେ ଥିବା ଟାଙ୍କିରୁ ଆବର୍ଜନା ପାଣି ସଫା କରାଯାଇଥିଲା। ଏହାପରେ ପ୍ରାୟ ସପ୍ତାହେ ଧରି ଏହି ରାସ୍ତାଟି ଆବର୍ଜନା ମୁକ୍ତ ରହିଥିଲା। ଟାଙ୍କି ପୁଣି ପୂର୍ଣ୍ଣ ହୋଇଯିବାରୁ ପୂର୍ବଭଳି ଏହି ରାସ୍ତାରେ ଅଳିଆ ଆବର୍ଜନା ମିଶ୍ରିତ ପାଣି ଲହଡ଼ି ମାରୁଛି। ଯାହାଦ୍ୱାରା ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ବାଧହୋଇ ଏହି ଆବର୍ଜନାମୟ ପାଣି ଉପରେ ଯାତାୟାତ କରୁଛନ୍ତି। ଏଭଳି ଘଟଣା ଅଭିଭାବକ ଓ ସ୍ଥାନୀୟ ଜନ ସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ବିଧାୟକ, ପୌର ପରିଷଦ ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଏବଂ ସର୍ବୋପରି ଜିଲ୍ଲାପାଳ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ଶୀତଳଷଷ୍ଠୀ ଉତ୍ସବରେ ସାମ୍ବାଦିକ ସମ୍ବର୍ଦ୍ଧିତ



ଏରସମା,୨୦।୬(ସମିସ): ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏରସମା ଓ ବାଲିକୁଦା ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା, ସାହସିକତା ଓ ଜନସମସ୍ୟାକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶୀତଳଷଷ୍ଠୀ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସଭାରେ ଅତିଥିମାନେ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସାମ୍ବାଦିକତା ଜୀବନ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ସେ ଦୀର୍ଘଦିନ ଧରି ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ, ସାମାଜିକ ଓ ସାଂସ୍କୃତିକ ଘଟଣାବଳୀକୁ ଗଣମାଧ୍ୟମ ମାଧ୍ୟମରେ ପ୍ରସାରିତ କରି ଜନସାଧାରଣଙ୍କ ସ୍ୱର ଭାବେ କାର୍ଯ୍ୟ କରିଆସୁଛନ୍ତି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ଗ୍ରହଣ କରି ଶ୍ରୀ ବେହେରା କହିଥିଲେ ଯେ, ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ। ଶୀତଳଷଷ୍ଠୀ ଉତ୍ସବ ଅବସରରେ ହୋଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସଫଳ କରିଥିଲେ।

## ରେଡିଓ ଆଉଟରିଚ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ଏରସମା,୨୦।୬(ସମିସ): ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ କମ୍ୟୁନିଟି ରେଡିଓ ଷ୍ଟେସନ ରେଡିଓ ଆଉଟରିଚ୍ ୯୦.୮ ଏଫ୍ଏମ୍‌ର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ନେତ୍ରମ ସଂସ୍ଥାର ସହଯୋଗରେ ଶ୍ରୀରାମପୁର ୟୁପି ସ୍କୁଲ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ସମ୍ପର୍କରେ ରେଡିଓ ଆଉଟରିଚ୍ ପକ୍ଷରୁ ପୂର୍ବରୁ ପ୍ରଚାର କରାଯାଇଥିଲା ଏବଂ ଆଗ୍ରହୀ ଶ୍ରୋତାମାନେ ରେଡିଓ ଷ୍ଟେସନର ଯୋଗାଯୋଗ ନମ୍ବରରେ ଫୋନ୍ କରି ନାମ ପଞ୍ଜୀକରଣ କରିଥିଲେ। ମୋଟ ୪୫ ଜଣ ଶ୍ରୋତା ଏହି ଶିବିରରେ ଯୋଗଦେଇ ନିଜ ଚକ୍ଷୁ ପରୀକ୍ଷା କରାଇଥିଲେ। ନେତ୍ରମର ଅଭିଜ୍ଞ ଚିକିତ୍ସା କର୍ମୀମାନେ ଚକ୍ଷୁ ପରୀକ୍ଷା କରିବା ସହ ଚକ୍ଷୁର ଯତ୍ନ ଓ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ରେଡିଓ ଆଉଟରିଚ ଷ୍ଟେସନ ଡାଇରେକ୍ଟର ସୁବ୍ରତ କୁମାର ପତି କହିଥିଲେ ଯେ, ରେଡିଓ ଆଉଟରିଚ ପ୍ରତିଦିନ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରସାରଣ କରି ଲୋକଙ୍କୁ ସଚେତନ କରୁଛି। ଆଖି ମଣିଷ ଶରୀରର ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗ ହୋଇଥିବାରୁ ଏହାର ଯଥେଷ୍ଟ ଯତ୍ନ ନେବା ଆବଶ୍ୟକ। ଏଭଳି ଶିବିର ଲୋକଙ୍କ ମଧ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଷ୍ଟେସନ ମ୍ୟାନେଜର ସତ୍ୟବ୍ରତ ପତି ଓ କମ୍ୟୁନିଟି ରିପୋର୍ଟର ତୃପ୍ତି ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ଶ୍ରୋତାମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ରେଡିଓ ଆଉଟରିଚ୍ ଓ ନେତ୍ରମକୁ କୃତଜ୍ଞତା ଜଣାଇଥିଲେ।

## କମ୍ପାନୀ ଅଧ୍ୟକ୍ଷଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ପାରାଦୀପ,୨୦।୬(ସମିସ): ଚେନ୍ନାଇ ରାଧା କମ୍ପାନୀ ମାଲିକଙ୍କ ଦୀର୍ଘାୟୁ କାମନା କରି କର୍ମଚାରୀ ମାନଙ୍କ ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପାରାଦୀପ ଜେସି କଲୋନୀ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଶିବିରରେ ୨୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବନ୍ଦର ନିଷିଦ୍ଧାଞ୍ଚଳରେ କାମ କରୁଥିବା ଚେନ୍ନାଇ ରାଧା କମ୍ପାନୀର ଅଧ୍ୟକ୍ଷ ଏସ୍ ଭେଙ୍କଟେସନଙ୍କ ୮୧ତମ ଜନ୍ମତିଥି ପାଳନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରେ କମ୍ପାନୀର



**୨୩୯ ୟୁନିଟ୍ ରକ୍ତ ସଂଗୃହୀତ**

କର୍ମଚାରୀ ଓ ଶ୍ରମିକ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେହିପରି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଓ ଅନ୍ନଦାନର ମଧ୍ୟ ଆୟୋଜନ କରାଯାଇଥିଲା। କମ୍ପାନୀ କର୍ମଚାରୀ ମାନଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହିପରି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଗତ ଦୁଇ ବର୍ଷ ହେଲା ରକ୍ତଦାନ ଶିବିରର ଆୟୋଜନ କରାଯାଉଛି। ଗତବର୍ଷ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୨୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କମ୍ପାନୀ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏସ୍ ଭେଙ୍କଟେସନଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ଏବଂ କର୍ମଚାରୀ ଓ ସେମାନଙ୍କ ପରିବାରକୁ ନିଜ ପରିବାର ଭଳି ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ତାଙ୍କର ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରୁଛୁ ବୋଲି ପାରାଦୀପ ବ୍ରାଞ୍ଚ ମୁଖ୍ୟ ଏ ରମେଶ ପ୍ରକାଶ କରିଛନ୍ତି। ତେବେ ଏହି ମେଗା ରକ୍ତଦାନ ଶିବିରକୁ କମ୍ପାନୀ ପକ୍ଷରୁ ହୃଷିକେଶ ମଣ୍ଡଳ, ବଳଭଦ୍ର ସାହୁ, ଅମରେଶ ସ୍ୱାଇଁ ଓ ପ୍ରଣବ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବାଇକ୍ ସହିତ ୬୨୦ ଗ୍ରାମ ଗଞ୍ଜେଇ ଜବତ; ଜଣେ ଗିରଫ



ଜଗତସିଂହପୁର,୨୦।୬(ସମିସ): ଜଗତସିଂହପୁର ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକ ସଦଳବଳେ ନାଉଗାଁ ଥାନା ଅନ୍ତର୍ଗତ ଭାତପଡା ଗ୍ରାମରେ ଚଢ଼ଉ କରି ଦୁବାଳ ପଡିଆରୁ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କ ନିକଟରୁ ୬୨୦ ଗ୍ରାମର ଗଞ୍ଜେଇ, ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ମଟରସାଇକଲ ଏବଂ ନଗଦ ୪,୫୦୦ ଟଙ୍କା ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭାତପଡା ଗ୍ରାମର ଶ୍ରୀଧର ଜେନାଙ୍କ ପୁଅ ପିୟୁଷ ରଞ୍ଜନ ଜେନା। ଅଭିଯୁକ୍ତଙ୍କ ବିରୋଧରେ କେସ୍ ନଂ- ୨୨/୨୬ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ

## ମୋଟ ୧,୨୦,୪୩୪ ଚାଷୀ ହେଲେ ଲାଭାନ୍ୱିତ



ଜଗତସିଂହପୁର,୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲା ।ରକେଶ୍ୱର ଠାରେ ଆୟୋଜିତ ପିଏମ କିସାନ ସମ୍ମାନ ନିଧିର ୨୩ ତମ କିସ୍ତି ପ୍ରଦାନ ସମାରୋହରେ ଦେଶର ଚାଷୀଙ୍କୁ ୬୯୩ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ପ୍ରଚଳିତ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ପଶ୍ଚିମବଙ୍ଗ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ସେହିପରି ଜଗତସିଂହପୁର ଜିଲ୍ଲାର ମୋଟ ୧,୨୦,୪୩୪ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ, କେଭିକେ ବୈଜ୍ଞାନିକ, କୃଷି ଜିଲ୍ଲା ଅଧିକାରୀ ଜଗତସିଂହପୁର, ତିର୍ତ୍ତୋଲ ବ୍ଲକ୍ କୃଷି ଅଧିକାରୀ ତଥା ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ।

## ଡ. ଅଭୟ ନାୟକଙ୍କୁ 'ଜିଲ୍ଲା ଗୌରବ ସମ୍ମାନ'

ଜଗତସିଂହପୁର,୨୦।୬(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଅନନ୍ୟ ଶୈବପୀଠ ପଞ୍ଚପଲ୍ଲୀ ସ୍ଥିତ ଗ୍ରାମେଶ୍ୱର ପୀଠରେ ଶୀତଳ ଷଷ୍ଠି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଶ୍ରୀଗ୍ରାମେଶ୍ୱର ମହାଦେବ ଶୀତଳ ଷଷ୍ଠି ପରିଚାଳନା କମିଟି ତରଫରୁ ଡ. ଅଭୟ କୁମାର ନାୟକଙ୍କୁ 'ଜିଲ୍ଲାଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ଶିଶିର କୁମାର ବିଶ୍ୱାଳ। ପ୍ରକାଶ ଥାଉକି ଡ. ନାୟକ ନାଇଜରର ପ୍ରଥମ କୁଳସଚିବ ଭାବେ ଦୀର୍ଘ ୧୬ ବର୍ଷ ଧରି କାମ କରି ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ସଭାପତି, ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ, ପୂର୍ଣ୍ଣିମା ଜରାଶ୍ରମର ଅଧ୍ୟକ୍ଷ ଭାବରେ କାମକରି ଜିଲ୍ଲା ପାଇଁ ଅନେକ ସମାଜ ଉନ୍ନତି ମୂଳକ କାମରେ ନିଜକୁ ନିୟୋଜିତ କରି ଆସୁଛନ୍ତି। ଜଣେ ପ୍ରତିଷ୍ଠିତ ଲେଖକ ହିସାବରେ ଏ ପର୍ଯ୍ୟନ୍ତ ୩୨ ଖଣ୍ଡ ଆଧାତ୍ମିକ ପୁସ୍ତକ ରଚନା କରି ଓଡିଆ ବାଣୀ ଭଣ୍ଡାରକୁ କରିଛନ୍ତି ସମୃଦ୍ଧ। ଏକାଧାରରେ ସେ ଜଣେ ପ୍ରଶାସକ, ସାହିତ୍ୟିକ, ସମାଜସେବୀ, ସ୍ତମ୍ଭକାର, ଆଧାତ୍ମିକ ବ୍ୟକ୍ତିତ୍ୱ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।



## ଉମାକାନ୍ତେଶ୍ୱରଙ୍କ ପୀଠରେ ଯଜ୍ଞ



ପଞ୍ଚୁପାଣ୍ଡବ,୨୦।୬(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ଉମାକାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞ କର୍ମ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୁତି ହୋଇଛି। ଏଥିରେ ରଘୁଦେଇପୁର, ବଜାର, ରାଜନଗର, ନୋଳସାହି ଓ ବେଲାରପୁର ଗ୍ରାମବାସୀ ସହଯୋଗ କରିଥିଲେ। ଏଥିସହ ଶୁକ୍ରବାର ଶିବ-ପାର୍ବତୀଙ୍କ ବିବାହ କରାଯାଇଥଇଲା। ଏହି ବିବାହ ଶୋଭାଯାତ୍ରାରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

## ସଂଶୋଧିତ ପାଠ୍ୟପୁସ୍ତକ ଦାବି କଲା ଇସ୍କଫ୍



କେନ୍ଦ୍ରାପଡ଼ା, ୨୦।୬(ସମିସ): ଏସ୍‌ସିଇଆରଟି ପକ୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବଣ୍ଟନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ଶିକ୍ଷକମାନେ ସଂଶୋଧନ କରି ପଢ଼ାଇବାକୁ ଶିକ୍ଷା ବିଭାଗ ଦେଇଥିବା ନିର୍ଦ୍ଦେଶକୁ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ (ଇସ୍କଫ) ତୀବ୍ର ନିନ୍ଦା କରିଛି। ଏହାକୁ ଶିକ୍ଷା ଅଧିକାର ଆଇନ-୨୦୦୯ର ଉଲ୍ଲଂଘନ ବୋଲି ଦର୍ଶାଇ ସଂଘ ପକ୍ଷରୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ନେଇ ତୁରନ୍ତ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ନେଇ ୪ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏ ଅବସରରେ ସଂଘର ଜିଲ୍ଲା ସଭାପତି ଡ. ବାସୁଦେବ ଦାସ, ସମ୍ପାଦକ ଆଦିକନ୍ଦ ରାଉଳ, ଅଧ୍ୟାପକ ଅଜୟ ସାମଲ, ଅବନ୍ତୀ ବେହେରା, ଶୈଳବାଳା ସାମଲ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ମହେନ୍ଦ୍ର ପଟ୍ଟନାୟକ, ରଣଧୀର ଜେନା ଓ ପ୍ରତାପ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, କୋମଳମତି ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟିରେ ରଖି ସରକାର ଶୀଘ୍ର ନୂତନ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବା ଆବଶ୍ୟକ।

### ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୀୟମିତତା

# ଭଙ୍ଗା ଶୋଠ ତଳେ ରାସ୍ତାର ଭବିଷ୍ୟତ

ବାଲିକୁଦା,୨୦।୬(ସମିସ)



ଦୀର୍ଘ ବର୍ଷ ଦାବି ପରେ ରାଜ୍ୟ ସରକାରଙ୍କ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୨ ମସିହାରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଟାଇଁକୂଳ ଦରବା ଭାୟା ବିରିଦୁଆ ସାରଣା ରାସ୍ତା ନିର୍ମାଣ ପାଇଁ ୩ କୋଟି ୩୩ ଲକ୍ଷ ୫୬ ହଜାର ଟଙ୍କାର ଢଳେଇ ଓ ପିଚୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଥିଲା। ଯାହାକୁ ଟେଣ୍ଡର ପାଇଥିବା ଠିକାଦାର ସଂସ୍ଥା ୨୯-୪-୨୦୨୨ରେ ଆରମ୍ଭ କରିବା ସହ ନିର୍ମାଣ କାର୍ଯ୍ୟ ଶେଷ ତାରିଖ ୨୮-୧-୨୦୨୩ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ଏପରିକି ଏହି ରାସ୍ତାର ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୧୬. ୬୬ ଲକ୍ଷ ଟଙ୍କା ବିଭାଗ ନିକଟରେ ଜମା ରହିଥିଲା। ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ବେଳେ ସାରଣା ମଠ ସାହି ଓ ବୁର୍ଦ୍ଧା ମଝି ସ୍ଥାନରେ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ପୋଲ ନିର୍ମାଣ ବ୍ୟବସ୍ଥା ଥିବା ବେଳେ ଠିକାଦାର ସଂସ୍ଥା ପକ୍ଷରୁ ଉକ୍ତ ସ୍ଥାନରେ କେବଳ ଗୋଟିଏ ଶୋଠ ପକାଇ ତା ଉପରେ ମାଟି ବିଛାଇ ଦେଇ କାର୍ଯ୍ୟସ୍ଥଳୀ ଛାଡ଼ି ଚାଲି ଯାଇଥିଲେ। ଯେଉଁ କାରଣରୁ ଉକ୍ତ ଶୋଠ ସ୍ଥାନର ଏପଟରୁ ଢଳେଇ ରାସ୍ତା ଥିବା ବେଳେ ଆର ପଟରେ ପିଚୁ ରାସ୍ତା ରହିଛି। କିନ୍ତୁ ଅସରାଏ ବର୍ଷା ହେବା ମାତ୍ରକେ ଶୋଠ ଉପରେ ପଡ଼ିଥିବା ମାଟି ଧୋଇ ଯାଉଥିବା ବେଳେ କାଦୁଅ ପଚର ପଚର ହୋଇ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଉଛି। ଏପରିକି ଏହି ଅଞ୍ଚଳ ବୁଡ଼ି ଅଞ୍ଚଳ ଭାବେ ପରିଚିତ ହୋଇଥିବା ବେଳେ ବର୍ଷା ଦିନର ଉଦ୍‌ବୃତ୍ତ ଜଳ ଏହି ଶୋଠ ଜରିଆରେ ସଠିକ ନିଷ୍କାସନ ହେଉ ନଥିବାରୁ ଅନେକ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ନବ ନିର୍ମାଣ କୃଷକ ସଂଗଠନ ନେତା ବୈକୁଣ୍ଠ ବିଶ୍ୱାଳ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଇ ବିଭାଗ ଠକି ଚାଲିଛି। ଏପରିକି ରାସ୍ତାର ରକ୍ଷଣାବେକ୍ଷଣ ଅର୍ଥ ଥାଇ ସୁଦ୍ଧା ରାସ୍ତା ମରାମତି ହେଉନାହିଁ କିମ୍ବା ରାସ୍ତାର ଉଭୟ ପାଶ୍ୱର୍ରେ ବେଣା ବୁଦା ଉଠି ରାସ୍ତା ଉପରକୁ ମାଡି ଆସିଥିବା ବେଳେ ଏହାର ସଫେଇ କରାଯାଉ ନଥିବାରୁ ଗୋଟିଏ ସମୟରେ ଚାରି ଚକିଆ ଯାନଟିଏ ଆସିଲେ ବାଇକ୍‌ଟିଏ ମଧ୍ୟ ଯିବା ସମ୍ଭବ ହେଉ ନଥିବା ଅଭିଯୋଗ କରିଛନ୍ତି ଶ୍ରୀ ବିଶ୍ୱାଳ। ଏଣୁ ପୋଲ ନିର୍ମାଣ ବାବଦ ଅର୍ଥ ଓ ରକ୍ଷଣାବେକ୍ଷଣ ବାବଦ ଅର୍ଥ ବିଭାଗ ଚଳୁ କରି ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷାରେ ନିମ୍ନମାନର କାର୍ଯ୍ୟ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି ଗ୍ରାମର ଚାଷୀ ବିଚିତ୍ରାନନ୍ଦ ସାମଲ, ଗୌରାଙ୍ଗ ମହାନ୍ତି, ବଟକୃଷ୍ଣ ପରିଡା, ପୀତବାସ ପରିଡା, ସୁଧାକର ପରିଡା, ବୈଷ୍ଣବ ରାଉତ, ମାୟାଧର ପରିଡା।

ସୂଚନା ଅନୁଯାୟୀ ଏହି ରାସ୍ତା ଉପରେ ଉଭୟ ବାଲିକୁଦା ଓ ତିର୍ତ୍ତୋଲ ବ୍ଲକର ମୁଳୁଗାଁ, ତଣ୍ଡିକୁଳ, ବାହାରଣା, ବାଲିକୁଦା, କୃଷ୍ଣଦାସପୁର, କଟରା, ଗରାମ, ତୁଳଙ୍ଗ ଆଦି ପଞ୍ଚାୟତର ଟାଇଁକୂଳ, ଖଣ୍ଡି ଅରିଲୋ, ଦେଉଳି, ବିରିଦୁଆ ସାରଣା, ଅସାରଣା, ଶଙ୍କର ସାହି, ତିହୁଡି, ଦୁର୍ଦ୍ଧା, ମର୍ଦ୍ଧଳ, ପୁରୁଆ, ରଙ୍କେଇ, ବଡ଼ିଜଙ୍ଗା, ରତାମୂଳ, କଟରା ସମେତ ଅନେକ ଗ୍ରାମର ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ମା' ଶାରଳା ଓ ଗୋରେଖନାଥ ପୀଠକୁ ଯିବା ପାଇଁ ଏହା ଏକ ସହଜ ରାସ୍ତା ହୋଇଥିବା କାରଣରୁ ଦୈନଦିନ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥାନ୍ତି। କିନ୍ତୁ ବର୍ଷା ଦିନ ହେବା ମାତ୍ରକେ ଏହି ପୋଲ ନିର୍ମାଣ ହୋଇ ନଥିବା କାରଣରୁ ଯାତାୟାତ ଏକ ପ୍ରକାର ଠପ ହୋଇଯିବା ସହ ହଜାର ହଜାର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

## ମେଲୋଡି ଦେଖିବା ସମୟରେ ଗଣ୍ଡଗୋଳ



### ଏସ୍‌ପିଙ୍କୁ ଅଭିଯୋଗ

ଢେଙ୍କାନାଳ,୨୦।୬(ସମିସ): ନିହଲପ୍ରସାଦ ଥାନା ଦଶମାଣ ପଞ୍ଚାୟତ ମଞ୍ଜୁରୀପଡ଼ା ଗ୍ରାମବାସୀ ମେଲୋଡି ଦେଖିବା ସମୟରେ ଗଣ୍ଡଗୋଳକୁ ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମଞ୍ଜୁରୀପଡ଼ା ଗ୍ରାମର ସିପୁନୁ ମଲ୍ଲିକ ଏବଂ ନିତ୍ୟାନନ୍ଦ ମଲ୍ଲିକ ମଞ୍ଜୁରୀପଡ଼ା ଗ୍ରାମରେ ଗତ ୧୭ ତାରିଖ ରଜ ଉପଲକ୍ଷେ ହେଉଥିବା ମେଲୋଡି ଦେଖିବା ସମୟରେ ସେହି ଗ୍ରାମର ଉପସ୍ଥିତ ଥିବା ସିପୁ ବେହେରା, ପ୍ରକାଶ ସାହୁ ଓ କାଠିଆ ସାହୁ ପ୍ରମୁଖ ଉଦ୍ଦେଶ୍ୟ ମୂଳକ ଭାବେ ଏକ ବାଇକ୍‌କୁ ସେମାନଙ୍କ ପାଦ ଉପରେ ଚଢାଇ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଶଳା ପାଣ ତୁମ ବାପର ମହୋତ୍ସବ ଚାଲିଛି ଯେ, ଆସିଯାଇଛ ଦେଖିବାକୁ ବୋଲି କହିଥିଲେ। ଏ ସମ୍ପର୍କରେ ଗ୍ରାମର ମୁରବୀ ଲୋକମାନେ ପଚାରିବାରୁ ଓଲଟା ସେମାନଙ୍କୁ ମଧ ମାଡ଼ ମାରିବା ସହ ଅସଭ୍ୟ ଭାଷା କହି ମାରଣାନ୍ତକ ଆକ୍ରମଣ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଲୋକ ଆସି ଅସବର୍ଣ୍ଣ ଗ୍ରାମରେ ଢେଲାପଥର ମାରିଥିଲେ। ଏ ବିଷୟରେ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସବର୍ଣ୍ଣ ଗ୍ରାମବାସୀ ଅସବର୍ଣ୍ଣ ଲୋକଙ୍କୁ ଗ୍ରାମରେ ନ ପୂରାଇ ଆକ୍ରମଣ କରିଥିଲେ। ଚାରିଜଣଙ୍କୁ ହାଣି ଦେଇଛନ୍ତି। ପ୍ରକାଶ ମଲ୍ଲିକ, ସଂଗ୍ରାମ ମଲ୍ଲିକ, ପୁରୁଷ୍ଟମ ମଲ୍ଲିକ ଓ ତପନ ମଲ୍ଲିକ ଗୁରୁତର ଅବସ୍ଥାରେ ଢେଙ୍କାନାଳ ମେଡିକାଲ୍‌ରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଥାନାରୁ କେଶ୍ ନ ଉଠାଇଲେ ଅସବର୍ଣ୍ଣ ଲୋକଙ୍କ ଘରଦ୍ୱାରା ଭାଙ୍ଗିଦେବା ଓ ଗ୍ରାମରେ ପୂରାଇ ଦେବେ ନାହିଁ ବୋଲି ଧମକ ଦେଇଛନ୍ତି। ତେବେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ଭୟଭୀତ ହୋଇ ଅସବର୍ଣ୍ଣ ଲୋକେ ଏସ୍‌ପିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ଗ୍ରାମର ମୋହନ ମଳିକ, ଚକ୍ରଧର ମଳିକ, ଚହନ ମଳିକ, କାହ୍ନା ମଳିକ, ବିଦ୍ୟାଧର ମଳିକ, ରଞ୍ଜନ ମଳିକ, ଅମର ମଳିକ ଓ ନରହରି ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

- ଚାମେଲୀ ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକୁ ବିରୋଧ

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ସରପଞ୍ଚ ସଂଘ



ଢେଙ୍କାନାଳ,୨୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପରେ ରାଜ୍ୟପାଳ ହସ୍ତକ୍ଷେପ କରିବା ନିମନ୍ତେ ଢେଙ୍କାନାଳ ଜିଲ୍ଲା ସରପଞ୍ଚ ସଂଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛି। ଚାମେଲୀ ନିଜ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଗତ ୧୧ ତାରିଖ ମହାକାଳପଡ଼ା ବିଡିଓଙ୍କ ଅଫିସକୁ ଆସିଥିଲେ। ଆଲୋଚନା ଚାଲିଥିବା ବେଳେ ବିଡିଓ ଏବଂ ଅନ୍ୟ କେତେକ ବ୍ୟକ୍ତି ତାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କଟୁଭାଷା ପ୍ରୟୋଗ କରିଥିଲେ। ପରେ ବିଡିଓ ପୁଲିସ୍‌କୁ ଡାକି ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିଲେ। ପୁଲିସ୍ ପହଞ୍ଚି ଘଟଣାର ସମାଧାନ କରିବା ପରିବର୍ତ୍ତେ ଘଟଣାକୁ ଆହୁରି ସଙ୍ଗୀନ କରିଥିଲା। ଚାମେଲୀଙ୍କୁ ଜୋରଜବରଦସ୍ତ ପୁଲିସ୍ ଗାଡ଼ିରେ ବସାଇ ଥାନାକୁ ନେଇଯାଇଥିଲା। ତାଙ୍କୁ ଗାଡ଼ିରେ ନେବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀ ଚାମେଲୀଙ୍କ ମୋବାଇଲ୍ ଫୋନ୍ ଛଡ଼ାଇନେବା ସହ ଶାରୀରିକ ନିର୍ଯାତନା ଦେଇଛନ୍ତି। ଏପରିକି ତାଙ୍କ ନାମରେ ମିଥ୍ୟ ଅଭିଯୋଗ କରି ତାଙ୍କୁ ଗିରଫ କରାଯାଇଥିଲା। ଏ ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ନିତ୍ୟାନ୍ତ ପ୍ରୟୋଜନ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

## କୂଅରେ ଖସିପଡ଼ିଥିବା ଯୁବକ ଉଦ୍ଧାର

ଗଁଦିଆ,୨୦।୬(ସମିସ): ଅସାବଧାନତା କାରଣରୁ ଜଣେ ୨୭ ବର୍ଷୀୟ ଯୁବକ କୂଅ ମଧ୍ୟକୁ ଖସିପଡ଼ିଥିବା ବେଳେ ଗଁଦିଆ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି। ଗଁଦିଆ



ବ୍ଲକ ପିଙ୍ଗୁଆ ଅଞ୍ଚଳର ରମେଶ ପ୍ରଧାନଙ୍କର ପୁଅ ବାପି ପ୍ରଧାନ କୌଣସି କାରଣରୁ କୂଅ ମଧ୍ୟକୁ ଖସି ପଡ଼ିଥିଲେ। ପରିବାର ଲୋକ ଜାଣିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଏକ ଟିମ ପହଞ୍ଚି କୂଅ ଭିତରୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ବର୍ତ୍ତମାନ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି।

# ପିଏମ୍ କିଷାନନିଧି ଉତ୍ସବ ଉପଲକ୍ଷେ ଜୈବିକ କୃଷି କର୍ମଶାଳା

ଢେଙ୍କାନାଳ,୨୦।୬(ସମିସ)



ପିଏମ କିଷାନ ଉତ୍ସବ ଦିବସ ଉପଲକ୍ଷେ ଶନିବାର ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗ ହୁଗୁଳି ତାରକେଶ୍ୱରଠାରେ ଆୟୋଜିତ ଉତ୍ସବସ୍ଥଳୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ୩୪.୬ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ୨୩ତମ କିସ୍ତି ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲାର ୧ଲକ୍ଷ ୪ ହଜାର ୬୬୨ ଚାଷୀ ସହାୟତା ପାଇଛନ୍ତି। ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ସହ ପ୍ରାକୃତିକ ଉପାୟରେ ଜୈବିକ କୃଷି ପ୍ରତି ଆକୃଷ୍ଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଅରୁଣ କୁମାର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବବ୍ରତ ରାଉତରାୟ, ସମବାୟ ସମିତି ଉପନିବନ୍ଧକ ଉମାଶଙ୍କର ଦାସ, ଜଳ ବିଭାଜିକାର ପିଡି ସନତ କୁମାର ନାୟକ, ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ପ୍ରଭାସ ଚନ୍ଦ୍ର ବେହେରା, ଫାଉଣ୍ଡେସନ୍ ଅଫ୍ ଇକୋଲୋଜିକାଲ ସିକ୍ୟୁରିଟିର ଜିଲ୍ଲା କୋଅର୍ଡିନେଟର ପ୍ରଣବ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜୈବିକ କୃଷିର ମୂଳ ଧାରଣା ଓ ଏହାର ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବସାର ଓ ଜୈବ କୀଟନାଶକ ବ୍ୟବହାର, ପ୍ରାକୃତିକ ଉପାୟରେ ଚାଷ ଓ ଉତ୍ପାଦନ ବୃଦ୍ଧି ଏବଂ ବଜାର ସୁଯୋଗ ଦ୍ୱାରା ଉପାର୍ଜନ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ କୃଷି କାର୍ଯ୍ୟ କଲେ ଉତ୍ପାଦନ ଖର୍ଚ୍ଚ ୭୦% କମ୍ ହୋଇଥାଏ। କୃଷି ଉତ୍ପାଦ ସ୍ୱାସ୍ଥ୍ୟକର ଏବଂ ଅଧିକ ସ୍ୱାଦଯୁକ୍ତ ହୋଇଥାଏ। ଅଧିକ ରାସାୟନିକ ସାର ବ୍ୟବହାର ଦ୍ୱାରା ମାଟିର ଉର୍ବରତା ଏବଂ ପରିବେଶ ନଷ୍ଟ ହୋଇଥାଏ। ଜୈବ ସାର ପ୍ରୟୋଗ ଫଳରେ ମାଟିରେ ଅଣୁଜୀବଙ୍କ ବୃଦ୍ଧି ଘଟିଥାଏ ଏବଂ ମାଟିର ଉର୍ବରତା ବଢ଼ିଥାଏ। ଗୋବର, ଗୋ-ମୂତ୍ର ଓ ଅନ୍ୟ ଜୈବ ପଦାର୍ଥ ପ୍ରୟୋଗ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ବୃଦ୍ଧି ପାଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଫାର୍ମ ପଣ୍ଡ ଦ୍ୱାରା ଜଳସେଚନ ସହିତ ଜଳସ୍ତର ବୃଦ୍ଧି କରାଯାଇ ପାରିବ। ଏଣୁ ଏହାର ନିର୍ମାଣ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। କାମଧେନୁ ଯୋଜନାରେ ୭୦ % ସବ୍‌ସିଡ ମିଳୁଥିବାରୁ ଏହାର ସୁଯୋଗ ନେବା ଗୋପାଳନ ପାଇଁ ପରାମର୍ଶ ଦେଇଛନ୍ତି। ଏହା ଫଳରେ ଆମେ କ୍ଷୀର ପାଇବା ସହ ଜୈବ ସାର ମାଗଣାରେ ପାଇପାରିବା ବୋଲି କହିଥିଲେ। ନିଜ ଜମି ମାଟିକୁ ମାଗଣାରେ ପରୀକ୍ଷା କରାଇ ବିହନ ବିଶୋଧନ କରି ଜୈବ ସାର ବ୍ୟବହାର କରି ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜୈବ କୃଷି ଉତ୍ପାଦ ସ୍ୱାସ୍ଥ୍ୟ ପ୍ରଦାୟକ ଓ ଆୟୁଷ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲାରେ ପ୍ରାକୃତିକ ଜୈବ କୃଷି କାର୍ଯ୍ୟ କରି ଅନନ୍ୟ ସଫଳତା ହାସଲ କରିଥିବା କୃଷକ ଭାଇ ଭଉଣୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ବୈଜ୍ଞାନିକ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶମୂଳକ ପଦକ୍ଷେପ ଉପସ୍ଥାପନ କଲେ ମନ୍ତ୍ରୀ



ଢେଙ୍କାନାଳ,୨୦।୬(ସମିସ): ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଥମେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ଷ୍ଟଲ୍ ଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ୍‌ଗୁଡ଼ିକ ମାଧ୍ୟମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପରବର୍ତୀ ସମୟରେ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ବିଭିନ୍ନ ଉଲ୍ଲେଖନୀୟ ସଫଳତା ଏବଂ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସେବା, ସୁଶାସନ ଓ ଜନକଲ୍ୟାଣକୁ ପ୍ରାଧାନ୍ୟ ଦେଇ "ସମୃଦ୍ଧ ଓଡ଼ିଶା" ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଶିଳ୍ପାୟନ, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ଢେଙ୍କାନାଳ ଜିଲ୍ଲାର ବିକାଶ ପ୍ରସଙ୍ଗରେ ସେ କହିଥିଲେ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ପ୍ରାୟ ୯.୪ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ବେଳେ ଏହାର ସଫଳତା ହାର ୯୯.୮୯ ପ୍ରତିଶତ ରହିଛି। ବିଭିନ୍ନ ଆବାସ ଯୋଜନାରେ ୧୨ ହଜାରରୁ ଅଧିକ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାରେ ୧୩୭ କିଲୋମିଟର ସଡ଼କ ଏବଂ ୧୬ଟି ସେତୁ ନିର୍ମାଣ କରାଯାଇ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ସେହିପରି ୪୩୮ଟି ସୌର ଶକ୍ତିଚାଳିତ ଗଭୀର ନଳକୂପ ସ୍ଥାପନ ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ କରାଯାଇଛି। କୃଷିକ୍ଷେତ୍ରରେ ଜିଲ୍ଲାରେ ୪,୦୦୦ ହେକ୍ଟରରେ ଧାନ ଚାଷ, ୬,୦୦୦ ହେକ୍ଟରରେ ମୁଗ ଏବଂ ୩,୦୦୦ ହେକ୍ଟରରେ ବିରି ଚାଷ ସଫଳତାର ସହ କରାଯାଇଥିବା ବେଳେ ୫୭୬ଟି ବାୟୋଫ୍ଲକ୍ ୟୁନିଟ୍‌କୁ ସହାୟତା ପ୍ରଦାନ କରାଯାଇ ମତ୍ସ୍ୟଚାଷ ମାଧ୍ୟମରେ ଅତିରିକ୍ତ ଜୀବିକା ସୁଯୋଗ ସୃଷ୍ଟି କରାଯାଇଛି।

## ପୂର୍ବ ବିବାଦରୁ ଗଣ୍ଡଗୋଳ, ଜଣେ ଗୁରୁତର

ଗଁଦିଆ,୨୦।୬(ସମିସ): ପୂର୍ବ ବିବାଦକୁ ନେଇ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଜଣେ ଗୁରୁତର ହୋଇଛନ୍ତି। ଗଁଦିଆ ଥାନା ଆଙ୍କୁର୍ଦା ଗ୍ରାମର ପ୍ରଭାକର ଧଳ ଓରଫ ଦଧିଆ (୪୮) ଓ ନିରୋଦ ସ୍ୱାଇଁ ଓରଫ ବଙ୍କାଙ୍କ ମଧ୍ୟରେ ରାଜନୀତିକୁ ନେଇ ଦୀର୍ଘଦିନ ଧରି ବିବାଦ ରହିଥିଲା। ନିକଟରେ ରଜ ପର୍ବ ସମୟରେ ପ୍ରଭାକର ଓ ସେହି ଗ୍ରାମର କିଛି ଯୁବକ ତାସ୍ ଖେଳୁଥିଲେ। ଏହି ସମୟରେ ନିରୋଦ ସେଠାରେ ପହଞ୍ଚି ଜଣେ ସାଙ୍ଗକୁ ଫୋନ କରି କଥା ହେଉଥିଲେ। ପ୍ରଭାକର ନାମରେ ଅଶ୍ଳୀଳ କଥା କହିଥିଲେ। ଆଜି ପ୍ରଭାକର ଶୌଚ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଗ୍ରାମ ରାସ୍ତା ଉପରେ ନିରୋଦ ହାବୁଡ଼ି ଯାଇଥିଲେ। ରଜରେ ମତେ କାହିଁକି ଫୋନରେ ଗାଳି ଦେଉଥିଲୁ ବୋଲି ତାଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ହାତାହାତି ହୋଇଥିଲା। ଏହି ସମୟରେ ନିରୋଦ ପ୍ରଭାକରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପରିବାର ପକ୍ଷରୁ ଏ ନେଇ ଗଁଦିଆ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ନିରୋଦ ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପର ପକ୍ଷରେ ପ୍ରଭାକର ଆଜି ରାସ୍ତା ଉପରେ ନିରୋଦଙ୍କୁ ଅଟକାଇ ମାଡ଼ ମାରିଥିବା ପାଲଟା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ଆଉ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ପ୍ରକାଶ କରିଛନ୍ତି।

## ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି, ବିଦ୍ୟାର୍ଥୀ କଲବଲ



ଭୁବନ,୨୦।୬(ସମିସ): ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଉଛି। ଏହି ପ୍ରରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସମସ୍ତ ବିଦ୍ୟାଳୟଗୁଡିକୁ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଖୋଲି ପାଠ ପଢାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖରା ଛୁଟି ୧୭ ତାରିଖରେ ସରିଯିବା ପରେ ସରକାର ପାଗ ଦେଖି ସମସ୍ତ ଜିଲାପାଳଙ୍କୁ ବିଦ୍ୟାଳୟ ଖୋଲିବାକୁ ଦାୟିତ୍ୱ ଅର୍ପଣ କରିଥିଲେ। ସମ୍ପ୍ରତି ଭୁବନ ବ୍ଲକ ଅଞ୍ଚଳରେ ରୌଦ୍ରତାପ ସହିତ ଅସହ୍ୟ ଗୁଳୁଗୁଳି ଲାଗି ରହିଥିବାରୁ ଛାତ୍ରଛାତ୍ରୀ ବିଦ୍ୟାଳୟରେ କିପରି ପାଠ ପଢିବେ ଓ ଯିବାଆସିବା କରିବେ ତାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଠାରେ ବିଦ୍ୟାଳୟ ଗୁଡିକ ଗୁରୁବାର ଠାରୁ ଖୋଲିଥିବା ବେଳେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ରହିଥିବା ଜଣାପଡିଛି। ଏହି ସମୟରେ ପଳାଶପିଠିଆ ଠାରେ ଥିବା ବିଦ୍ୟୁତ ସେକ୍ସନରେ ଲୋ ଭୋଲ୍‌ଟେଜ ଏବଂ ବିଦ୍ୟୁତର ଲୁଚକାଳି ଖେଳ ଚିନ୍ତାରେ ପକାଇଛି। ସେହିପରି କେଉଁ ବିଦ୍ୟାଳୟରେ ପଙ୍ଖା ରହିଥିବା ବେଳେ ଆଉ କେଉଁ ବିଦ୍ୟାଳୟରେ ଆବଶ୍ୟକ ଠାରୁ କମ ଅଛି ଓ ସେଥି ମଧ୍ୟରୁ କେତେକ ଅଚଳ ହୋଇ ପଡିଛି। ଏପରି ସ୍ଥଳେ କୁନି କୁନି ଛାତ୍ର ଛାତ୍ରୀମାନେ କିପରି ଏତେ ସମୟ ଏକାଗ୍ରଚିତ ହୋଇ ପାଠ ପଢ଼ିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରବଳ ଖରା ଗରମ ଯୋଗୁଁ ପ୍ରଥମ ଦିନରେ ଠିକ୍ ଭାବେ ବିଦ୍ୟାର୍ଥୀ ଅଧ୍ୟୟନ କରିପାରିନଥିବା ବେଳେ ପାଠ ପଢ଼ା ପ୍ରତି ସେମାନଙ୍କର ଉତ୍ସାହ ମଧ୍ୟରେ ଏ ସ୍ଥିତିରେ ପରିଲକ୍ଷିତ ହେଉନାହିଁ ବୋଲି ପଳାଶ ପିଠିଆ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଜୀବ ମହାପାତ୍ର ପ୍ରକାଶ କରିଛନ୍ତି। ପାଣି ପାଗ କେବେ ବଦଳିବ ତାହା ଏବେ ଠାରୁ କହିବା ସମ୍ଭବ ହେଉ ନାହିଁ। ତେଣୁ ଢେଙ୍କାନାଳ ଜିଲାପାଳ ଏହାକୁ ଦୃଷ୍ଟିରେ ରଖି ନିଷ୍ପତିରେ ପରିବର୍ତ୍ତନ କରିବାକୁ ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ ଦାବି କରିଛନ୍ତି।

## ଶ୍ରୀ ଶ୍ରୀ ଭୋଳେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ ଯାତ୍ରା



ଢେଙ୍କାନାଳ,୨୦।୬(ସମିସ): ସଦର ବ୍ଲକ ଅନ୍ତର୍ଗତ ଭୋଜଦେଇପୁର ଶାସନର ଭୋଳେଶ୍ୱର ଶୈବପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୁଇ ଦିନଧରି ପ୍ରଭୁ ଶ୍ରୀ ଶ୍ରୀ ଭୋଳେଶ୍ୱର ମହାଦେବ ଜୀଉଙ୍କର ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିନ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ମଙ୍ଗଳ ଆଳତି ସହ ରୋଷଣୀ ଯାତ୍ରା ହେବା ପରେ ରାତିରେ ବବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦିବଂଗତ ଆତ୍ମାଙ୍କ ଆଶୀର୍ବାଦ ନେବାପାଇଁ ହୋଇଥିବା ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ସାଂସଦ ରୁଦ୍ରନାରାୟଣ ପାଣି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କଟକ ସ୍ୱର୍ଣ୍ଣ ମୟୂରୀ ନାଟ୍ୟ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ମଙ୍ଗଳ ଆଳତୀ ସରିବା ପରେ ରାତ୍ରି ୮ ଟାରେ ସୁସଜ୍ଜିତ ବିମାନରେ ଘର ବାହୁଡା ଯାତ୍ରା ଘଣ୍ଟ, ଘଣ୍ଟା, ଶଙ୍ଖ, ବାଦ୍ୟ ହରିବୋଲ ହୁଳହୁଳୀ ମଧ୍ୟରେ ଗଗନ ପବନ ମୁଖରିତ ହୋଇଥିଲା। ନିମନ୍ତ୍ରୀତ କିର୍ତନ ମଣ୍ଡଳୀ ଭଗବାନ ଶିବଙ୍କର ନାମ ସଂକିର୍ତନ କରିଥିଲେ। ରଙ୍ଗିନ ଆଲୋକ ସଜ୍ଜା ଏବଂ ବିଭିନ୍ନ ଦୋକାନ ବଜାର ବସି ଗ୍ରାମର ସୌନ୍ଦର୍ଯ୍ୟକୁ ବଢାଇ ଦେଇଥିଲା। ରାତ୍ରିରେ ଶତାଧିକ ଲୋକମାନେ ଏହି କାର୍ଯ୍ୟକ୍ରମକୁ ଉପଭୋଗକରିଥିଲେ। ଶ୍ରୀ ଶ୍ରୀ ଭୋଳେଶ୍ୱର ମହାଦେବଜୀଉ ଟ୍ରଷ୍ଟର କର୍ମକର୍ତ୍ତାମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ସିଦ୍ଧେଶ୍ୱର ଦେବଙ୍କ ବିବାହ ଶୋଭାଯାତ୍ରା

ଢେଙ୍କାନାଳ,୨୦।୬(ସମିସ): ଢେଙ୍କାନାଳ ସହର କୁଞ୍ଜକାନ୍ତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ଶୀତଳଷଷ୍ଠୀ ଯାତ୍ରା ଓ ଦେବଦମ୍ପତିଙ୍କ ବିବାହ ଶୋଭାଯାତ୍ରା ସାହି ପରିକ୍ରମା କରଛି। ଗୁରୁବାର ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପିତା ଶିବପ୍ରସାଦ ଦାସ ଏବଂ କନ୍ୟାପିତା ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭ୍ୟଙ୍କ ସହଯୋଗରେ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ ଏବଂ ମନ୍ମଥ ମିଶ୍ର ବିବାହ ନୀତି ସମ୍ପନ୍ନ କରିଥିଲେ।

## ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଢେଙ୍କାନାଳ,୨୦।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ ଢେଙ୍କାନାଳର କପିଳାସ ଯୋଗ ଜିଲ୍ଲା ତରଫରୁ କୋର୍ଟ ସମ୍ମୁଖ ଶନିମନ୍ଦିର ପ୍ରାଙ୍ଗଣରେ ଶନିବାର ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କପିଳାସ ଯୋଗ ଜିଲ୍ଲା ପ୍ରଧାନ ରଘୁନାଥ ତ୍ରିପାଠୀ ଯୋଗର ପ୍ରାର୍ଥନା ଓ ସୂକ୍ଷ୍ମ କ୍ରିୟା କରାଇଥିଲେ। ଯୋଗ ଜିଲ୍ଲାର ମନ୍ତ୍ରୀ ଡା. ଧର୍ମାନନ୍ଦ ପୃଷ୍ଟି ଆସନ ଓ ପରିଚାଳନା ଏବଂ ଭୋଜନ କିପରି ଖାଇବେ ବୁଝାଇଥିଲେ। ଯୋଗ ଜିଲ୍ଲା ସଂଗଠନ ମନ୍ତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ଦେବତା, ପ୍ରାଣାୟାମ ଓ ଶାନ୍ତିପାଠ, ଶରତ କୁମାର ଲେଙ୍କା ଆସନ, ସ୍ନେହାମୟୀ ସଙ୍ଗୀତ ଉମେଶ ହସକ୍ରିୟା କରାଇ ତା'ର ଲାଭ କହିଥିଲେ। ରବିବାର କନ୍ତିଓ ପୁଟସାହି ଯୋଗ କେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ।

# ଜୈବିକ କୃଷିକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

ଭୁବନ,୨୦।୬(ସମିସ)



ଭୁବନ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆତ୍ମା କମିଟି ସଭାପତି ଜଗବନ୍ଧୁ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଡ. ଅରୁଣ କୁମାର ନାୟକ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ଦ୍ୱାରା ବିଷମୁକ୍ତ ଓ ସୁସ୍ଥ ପରିବେଶ ଗଠନ କରାଯାଇପାରିବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଡିଓ ଆୟୁଷୀ ମହାପାତ୍ର ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିକୁ ଆପଣେଇ ସୁସ୍ଥ ଜୀବନଶୈଳୀ ଏବଂ ସୁରକ୍ଷିତ ଖାଦ୍ୟ ବ୍ୟବସ୍ଥା ଗଠନ ଦିଗରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କୃଷକ ବିକାଶ ପରିଷଦର ସମ୍ପାଦକ ରଥ ସେଠୀ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଜୈବିକ ସାର ଏବଂ ଜୈବ କୀଟନାଶକର ବ୍ୟବହାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ କୃଷି ଅଧିକାରୀ ବିଘ୍ନରାଜ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ରୋଜାଲିନ ମହାନ୍ତ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ମହାରଣା, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ମନୋରମା ମୁକୁଟ, ସହକାରୀ କୃଷି ଅଧିକାରିଣୀ ବିଶ୍ୱ କଲ୍ୟାଣୀ ବେହେରା ପ୍ରମୁଖ ନିଜ ବିଭାଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସହକାରୀ କୃଷି ଅଧିକାରୀ ଅମରଜ୍ୟୋତି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, ସରୋଜ କୁମାର ନାୟକ, ସୌମ୍ୟରଞ୍ଜନ ପ୍ରଧାନ, ରାଜେଶ ନାୟକ, ସନ୍ତୋଷ କୁମାର ଦାସ, ପ୍ରକାଶ କୁମାର ବେହେରା, ବେଣୁଧର ସାହୁ, ସୁମନ୍ତ ସିଂ, ଚିତ୍ରଲେଖା ଦଳନାୟକ, ସଞ୍ଜୁକ୍ତା ସେନାପତି ସହଯୋଗ କରିଥିଲେ।

## ୩ ଲକ୍ଷ ଟଙ୍କାର ପାଚେରି କାମ ୩ ମାସ ଗଲାନି

ଭୁବନ,୨୦।୬(ସମିସ): ବିକଶିତ ଗାଁ ବିକଶିତ ଓଡ଼ିଶାରେ ସାରା ରାଜ୍ୟରେ ଏକ ନମ୍ବର ହୋଇଥିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପ୍ରଶଂସା ପତ୍ର ପାଇଥିବା ଭୁବନ ବ୍ଲକର ଗୋଟିଏ ନମୁନା ଏବେ ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଧଳପଡ଼ା ପଞ୍ଚାୟତ ଅନଳ ଗ୍ରାମର ମା ବ୍ରାହ୍ମଣୀ ଦେବୀ ପୀଠରେ ପ୍ରାଚୀର ନିର୍ମାଣ ହୋଇଛି। ଏହି ପ୍ରାଚୀରଟି ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ୨୫ ଜୁନ ୨୦୨୫ରୁ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନଥିବା ଫଳକ କହୁଛି। କିନ୍ତୁ ବାସ୍ତବରେ ଏହା ନିର୍ମାଣ ତାରିଖର ବହୁ ଦିନ ପରେ ଆରମ୍ଭ ହୋଇଥିଲା। ପୁରୁଣା ପ୍ରାଚୀର ଉପରେ ନୂଆ ପଥର ଥୋଇ ପ୍ରାଚୀର କରାଯାଇଥିବାରୁ ଏହା ମାତ୍ର କିଛି ମାସ ମଧ୍ୟରେ ଭାଙ୍ଗି ଯାଇଛି। ତେବେ ବିକଶିତ ଓଡ଼ିଶା



କିଭଳି ବିକଶିତ ହୋଇଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଠାରେ ସୂଚନାଯୋଗ୍ୟ ଭୁବନ ବ୍ଲକରେ ପ୍ରାୟ ୬୮ଟି କାର୍ଯ୍ୟ ପାଇଁ ୨.୫୮ କୋଟି ଟଙ୍କା ଖର୍ଚ୍ଚ ନିର୍ଦ୍ଦିଷ୍ଟ ସମୟରେ ବିନିଯୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଶଂସାପତ୍ର ମିଳିଥିଲା। ଅପରପକ୍ଷେ ଅତ୍ୟଧିକ ବର୍ଷା ହିଁ ପ୍ରାଚୀର ଭାଙ୍ଗିବାର କାରଣ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ବିଡିଓ ଆୟୁଷୀ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଏ ନେଇ କୌଣସି ଅଭିଯୋଗ ପାଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୩୩ ● ପାଉଣ୍ଡ ୧୨୬.୦୩
- ୟୁରୋ ୧୦୯.୦୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୩,୯୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୮୦୨.୦୦
- ନିଫ୍ଟି ୨୪,୦୧୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଚିନ୍ତା ବଢ଼ାଉଛି ଏଫ୍‌ଡିସି ଔଷଧ

## ତାଲିକାରେ କିଛି ଆଣ୍ଟିବାୟୋଟିକ୍ସ ଓ ମଧୁମେହ ଔଷଧ ସାମିଲ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶନିବାର ତୁରନ୍ତ ପ୍ରଭାବ ସ୍ୱରୂପ ୧୬ଟି ସ୍ଥିର ଡୋଜ୍ ମିଶ୍ରଣ କିମ୍ବା ଫିକ୍ସଡ ଡୋଜ୍ କମ୍ବିନେସନ୍ (ଏଫ୍‌ଡିସି)ର ଉତ୍ପାଦନ, ବିକ୍ରି ଏବଂ ବଣ୍ଟନକୁ ନିଷେଧ କରିଛି। କାରଣ ଏହି ଔଷଧଗୁଡ଼ିକର ବ୍ୟବହାରର ସମ୍ଭାବ୍ୟ ଲାଭ ସମ୍ଭାବ୍ୟ ବିପଦ ଅପେକ୍ଷା ଅଧିକ ନୁହେଁ। ବୈଜ୍ଞାନିକ ମୂଲ୍ୟାଙ୍କନ ଏବଂ ଏକ ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ ୧୬ ଟି ଏଫ୍‌ଡିସି ଔଷଧ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମନ୍ତ୍ରାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ନିଷିଦ୍ଧ ଏଫ୍‌ଡିସି ଔଷଧଗୁଡ଼ିକ ବିଭିନ୍ନ ଚିକିତ୍ସା ବର୍ଗର। ଏଥିରେ କିଛି ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ, ଯନ୍ତ୍ରଣା ନିବାରକ ଏବଂ ଆଣ୍ଟିକନଭାଲସାଣ୍ଟ ଏବଂ ଆଣ୍ଟିବାୟୋଟିକ୍-ଆଧାରିତ ଏବଂ ମଧୁମେହ ଔଷଧ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ର ଧାରା ୨୬ଏ ଅଧୀନରେ ସୂଚିତ କରାଯାଇଛି।



କିଛି ତତ୍ତ୍ୱକୁ ଏକ ସଙ୍ଗେ ଦିଆଯାଉଥିବାର ଲାଭ ମିଳୁ ନ ଥିବା ଅଭିଯୋଗ

ଉପରୋକ୍ତ ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିଆଯାଇଛି, ଯେଉଁଥିରେ ଦେଶରେ ଉପଲବ୍ଧ ସ୍ଥିର ଡୋଜ୍ ମିଶ୍ରଣ ଔଷଧର ସମୀକ୍ଷା କରିବାକୁ କୁହାଯାଇଥିଲା। ଏହି ନିର୍ଦ୍ଦେଶଗୁଡ଼ିକ ପାଳନ କରି, ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ (ଡିଟିଏବି) ଏକ ବିଶେଷଜ୍ଞ କମିଟି ଗଠନ କରିଛି। କମିଟିର ଉଦ୍ଦେଶ୍ୟ ଥିଲା ବିଭିନ୍ନ ଏଫ୍‌ଡିସି ଔଷଧ ଯାଞ୍ଚ କରିବା ଏବଂ ସେଗୁଡ଼ିକୁ ଚିହ୍ନଟ କରିବା ଯାହା ଅବୈଜ୍ଞାନିକ, ଚିକିତ୍ସା ଦୃଷ୍ଟିରୁ ଅନୁଚିତ କିମ୍ବା ମାନବ ସ୍ୱାସ୍ଥ୍ୟ ପାଇଁ ସମ୍ଭାବ୍ୟ ବିପଦଜନକ ହୋଇପାରେ। ମନ୍ତ୍ରାଳୟ କହିଛି ଯେ ଏହି ପଦକ୍ଷେପ କେବଳ ନିରାପଦ, ପ୍ରଭାବଶାଳୀ ଏବଂ ବୈଜ୍ଞାନିକ ଭାବରେ ପ୍ରମାଣିତ ଔଷଧ ଜନସାଧାରଣଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏକ ଅଂଶ। ପୂର୍ବରୁ, ବିସ୍ତୃତ ବୈଜ୍ଞାନିକ ସମୀକ୍ଷା ପରେ ଅନେକ ଏଫ୍‌ଡିସି ଔଷଧକୁ ନିଷିଦ୍ଧ କରାଯାଇଛି। ଏହା ରୋଗୀ ସୁରକ୍ଷା ଏବଂ ପ୍ରମାଣ-ଆଧାରିତ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବିବୃତ୍ତିରେ କୁହାଯାଇଛି ଯେ ୧୬ଟି ଏଫ୍‌ଡିସି ଔଷଧର ଉତ୍ପାଦନ (ବିକ୍ରି ପାଇଁ), ବିକ୍ରୟ, ବଣ୍ଟନ ଏବଂ ଯୋଗାଣ ତୁରନ୍ତ ପ୍ରଭାବରୁ ସାରା ଦେଶରେ ନିଷିଦ୍ଧ କରାଯିବ। ସମସ୍ତ ରାଜ୍ୟ ଔଷଧ ନିୟନ୍ତ୍ରକ, ନିୟାମକ କର୍ତ୍ତୃପକ୍ଷ ଏବଂ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ବିଜ୍ଞପ୍ତିର କଠୋର ଅନୁପାଳନ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରାଳୟ ଔଷଧ ନିର୍ମାତା, ଆମଦାନୀକାରୀ, ବିତରକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆଇନର ବ୍ୟବସ୍ଥା ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି।

## ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ

# ଚଳିତ ଆର୍ଥିକ ବର୍ଷ ୧.୭୮ ଲକ୍ଷ କୋଟି ଛୁଇଁଲା

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଦଶକୁ ମିଳିଛି ଏକ ବଡ଼ ସଫଳତା। ଆର୍ଥିକବର୍ଷ ୨୦୨୫-୨୬ରେ ପ୍ରତିରକ୍ଷା ଉତ୍ପାଦନ ୧.୭୮ ଲକ୍ଷ କୋଟି ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି। ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଉତ୍ପାଦନ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ (୨୦୨୫-୨୬)ରେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଇତିହାସ ସୃଷ୍ଟି କରିଛି। ସରକାରଙ୍କ ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷ (୨୦୨୪-୨୫) ତୁଳନାରେ ଏହି ବର୍ଷ ପ୍ରତିରକ୍ଷା ଉତ୍ପାଦନରେ ୧୫.୬ ପ୍ରତିଶତ ବୃଦ୍ଧି ଘଟିଛି। ଗତ ବର୍ଷ ଏହି ପରିମାଣ ୧.୫୪ ଲକ୍ଷ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ, ୨୦୨୦-୨୧ ମସିହା ତୁଳନାରେ ଦେଖିଲେ, ଏହି କ୍ଷେତ୍ରରେ ୧୧୦ ପ୍ରତିଶତ ବୃଦ୍ଧି ହୋଇଛି। ସେତେବେଳେ ଉତ୍ପାଦନ କେବଳ ୮୪,୬୪୩ କୋଟି ଟଙ୍କା ଥିଲା। ଯଦି ଆମେ ୨୦୧୩-୧୪ ସହ ତୁଳନା କଲେ ଏହା ଚାରି ଗୁଣ ବୃଦ୍ଧି ପାଇଛି (ସେତେବେଳେ ଉତ୍ପାଦନ ଥିଲା ୪୩,୭୪୬ କୋଟି ଟଙ୍କା)। ବେସରକାରୀ କ୍ଷେତ୍ରର ବର୍ଦ୍ଧିତ ଯୋଗଦାନ ଯୋଗୁ ଏହା ସମ୍ଭବ ହୋଇପାରିଛି। ମୋଟ ପ୍ରତିରକ୍ଷା ଉତ୍ପାଦନରେ ସରକାରୀ କମ୍ପାନୀଗୁଡ଼ିକର ଭାଗ ୭୬ ପ୍ରତିଶତ ରହିଥିବାବେଳେ ବେସରକାରୀ କ୍ଷେତ୍ରର ଭାଗ ୨୪ ପ୍ରତିଶତ (ଗତ ବର୍ଷ ୨୨ ପ୍ରତିଶତ ଥିଲା) ବଢ଼ିଛି। ସରକାରୀ କ୍ଷେତ୍ର ଚଳିତ ବର୍ଷ ପ୍ରାୟ ୪୨,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିଛି, ଯାହା ଏପର୍ଯ୍ୟନ୍ତର ସର୍ବାଧିକ। ଡାଟା ପ୍ୟାଟର୍ନ, ଆଷ୍ଟ୍ରା ମାଇକ୍ରୋୱେଭ ଏବଂ ଆପୋଲୋ ମାଇକ୍ରୋ ସିଷ୍ଟମ୍ସ ଭଳି କମ୍ପାନୀଗୁଡ଼ିକ ରାଡାର, ସେନ୍ସର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସିଷ୍ଟମରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି।



**ଇ-୨୦ ପେଟ୍ରୋଲ**

# ତେଲ ଟାଙ୍କିରେ ଲାଗୁଛି ପିମ୍ପୁଡି

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ନିକଟରେ ଏକ ଭିଡିଓ ଏବଂ ପୋଷ୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହେଉଛି ଯେଉଁଥିରେ ଗାଡିର ତେଲ ଟାଙ୍କି ଚାବି ଚାରିପାଖରେ ପିମ୍ପୁଡ଼ି ଏକାଠି ହେଉଥିବାର ଦେଖାଯାଉଛି। ଅନ୍‌ଲାଇନରେ ଲୋକମାନେ ଏହାକୁ ସିଧାସଳଖ ଇ-୨୦ ପେଟ୍ରୋଲ (୨୦% ଇଥାନଲ୍ ସହିତ ପେଟ୍ରୋଲ) ସହ ଲିଙ୍କ୍ କରୁଛନ୍ତି। ଏଥିରେ ଦାବି କରାଯାଉଛି ଯେ ଇଥାନଲ୍ ଆଖୁରୁ ତିଆରି ହୋଇଥିବାରୁ ଏହି ତେଲରେ ଚିନି ଭାଗ ରହୁଥିବାରୁ ଏହା ପିମ୍ପୁଡ଼ିମାନଙ୍କୁ ଆକର୍ଷିତ କରୁଛି। ହେଲେ ତୈଳ ବିପଣନକାରୀ କମ୍ପାନୀ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। କମ୍ପାନୀ ସମ୍ପୂର୍ଣ୍ଣ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରିଛି ଏବଂ ଏ ନେଇ ଏକ ସ୍ପଷ୍ଟୀକରଣ ଜାରି କରିଛି।

ବିପିସିଏଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବରୁ ଟ୍ୱିଟର ଭାବରେ ଜଣାଶୁଣା) ରେ ପୋଷ୍ଟ କରି ଏକ ସ୍ପଷ୍ଟୀକରଣ ଜାରି କରିଛି। କମ୍ପାନୀ ସୋସିଆଲ ମିଡିଆରେ ପ୍ରସାରିତ ସମସ୍ତ ରିପୋର୍ଟର ତଦନ୍ତ କରିଛି ଏବଂ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭ୍ରାମକ, ଭିତ୍ତିହୀନ ଏବଂ ବୈଜ୍ଞାନିକ ପ୍ରମାଣ ବିହୀନ ବର୍ଣ୍ଣନା କରିଛି। କମ୍ପାନୀ ଏଥିପାଇଁ ଅନେକ ଦୃଢ଼ ବୈଜ୍ଞାନିକ କାରଣ ପ୍ରଦାନ କରିଛି। କମ୍ପାନୀ କହିବାନୁଯାୟୀ, ପେଟ୍ରୋଲରେ 20% ଇଥାନଲ ମିଶାଗଲେ ମଧ, ପେଟ୍ରୋଲ ଏହାର ପ୍ରାକୃତିକ ହାଇଡ୍ରୋକାର୍ବନ ଗନ୍ଧ (ପେଟ୍ରୋଲର ତୀବ୍ର ଗନ୍ଧ) ବଜାୟ ରଖେ। ଇଥାନର ମୃଦୁ ଗନ୍ଧ ଏହି ତୀବ୍ର ଗନ୍ଧ ଦ୍ୱାରା ଛାଇ ହୋଇଯାଏ। ପିମ୍ପୁଡ଼ିମାନେ ପେଟ୍ରୋଲର ଏହି ଗନ୍ଧକୁ ଆଦୌ ନାପସନ୍ଦ କରନ୍ତି। ବିପିସିଏଲ୍ ସ୍ପଷ୍ଟ କରିଛି ଯେ ଇ-୨୦ ଇନ୍ଧନ ଏବଂ ପିମ୍ପୁଡ଼ି ଆକ୍ରମଣ ମଧ୍ୟରେ କୌଣସି ବୈଜ୍ଞାନିକ ସମ୍ପର୍କ ନାହିଁ। ପିମ୍ପୁଡ଼ିମାନେ ପ୍ରାୟତଃ ଗାଡ଼ିର ଇନ୍ଧନ କର୍ପୋରେସନ ପାଖରେ ଥିବା ମାଟି, ଢଳା ଖାଦ୍ୟ କିମ୍ବା ଆର୍ଦ୍ରତା ପ୍ରତି ଆକର୍ଷିତ ହୋଇପାରନ୍ତି, ଯାହାକୁ ଲୋକମାନେ ଭୁଲବଶତଃ ପେଟ୍ରୋଲ ସହିତ ଯୋଡୁଛନ୍ତି। ତେଣୁ, ଯାଞ୍ଚ ବିନା ସୋସିଆଲ ମିଡିଆରେ ସେୟାର କରାଯାଉଥିବା ଏପରି ଗୁଜବକୁ ଅଣଦେଖା କରିବାକୁ ଏଥିରେ କୁହାଯାଇଛି।

**ତେଲରେ ରହୁଛି ଚିନି ଭାଗ**

**ଅଭିଯୋଗକୁ ବିପିସିଏଲ୍‌ର ଖଣ୍ଡନ**

## ଅନ୍‌ଲାଇନରେ କିରାଣା ସାମଗ୍ରୀ ଅର୍ଡର ସମ୍ପର୍କିତ ସର୍ଭେ ରିପୋର୍ଟ

# ୪୮% ଗ୍ରାହକ ଦେଖନ୍ତିନାହିଁ 'ଏକ୍ସପାଏରୀ'

ନୂଆଦିଲ୍ଲୀ,୨୦।୬(ଏଜେନ୍ସି):ଘରେ ବସି ଅନ୍‌ଲାଇନରେ କିରାଣା ସାମଗ୍ରୀ ଅର୍ଡର କରୁଥିଲେ ସାବଧାନ!। ଅନ୍‌ଲାଇନରେ ଅର୍ଡର କରାଯାଉଥିବା କିରାଣା ସାମଗ୍ରୀ ସ୍ୱାସ୍ଥ୍ୟ ପାଇଁ କେତେ ଭଲ? ସୁବିଧାର ଆଳରେ ଗ୍ରାହକ ଖରାପ ହେବାକୁ ଯାଉଥିବା ପ୍ୟାକେଜ୍‌ଡ ଖାଦ୍ୟ ପାଉଛନ୍ତି ତ ? ତାହାକୁ ନେଇ ଲୋକେଲ୍ ସର୍କଲ୍ସ ଦ୍ୱାରା କରାଯାଇଥିବା ସର୍ଭେରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଛି। କାରଣ ଦେଶର ବଡ଼ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡିକ ସମ୍ପ୍ରତି ଏଫ୍‌ଏସ୍‌ଏସ୍‌ଆଇ ମାନକ ପୂରଣ କରିବାରେ ଫେଲ୍। ବ୍ଲିଙ୍କିଟ୍, ଜେପ୍ଟୋ ଏବଂ ସ୍ୱିଗି ଇନଷ୍ଟାମାର୍ଟ ଭଳି ୮ଟି ଆପ୍ ମଧ୍ୟରୁ ୫ଟି ଏ କ୍ଷେତ୍ରରେ ଏଫ୍‌ଏସ୍‌ଏସ୍‌ଆଇ ନିୟମ ଉଲ୍ଲଂଘନ କରୁଥିବା ଜଣାପଡିଛି। ସର୍ଭେ ଅନୁଯାୟୀ, ୪୮% ଗ୍ରାହକ 'ଏକ୍ସପାଏରୀ'ଦେଖନ୍ତିନାହିଁ। ବ୍ଲିଙ୍କିଟ୍, ଜେପ୍ଟୋ ଏବଂ ସ୍ୱିଗି ଇନଷ୍ଟାମାର୍ଟ ଭଳି ଆଠଟି ଆପ୍ ମଧ୍ୟରୁ ପାଞ୍ଚଟି ଏଫ୍‌ଏସ୍‌ଏସ୍‌ଆଇ ନିୟମ ଉଲ୍ଲଂଘନ କରୁଛନ୍ତି।




ରିପୋର୍ଟରେ ପ୍ରକାଶିତ ଆହୁରି ଚିନ୍ତାଜନକ କଥା ହେଉଛି ଯେ ଦେଶର ୮ଟି ବୃହତ୍ତମ ଅନଲାଇନ୍ ଗ୍ରୋସରୀ ପ୍ଲାଟଫର୍ମ ମଧ୍ୟରୁ ୫ଟି ଖୋଲାଖୋଲି ଭାବରେ ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଆଇ) ଏବଂ ଆଇନଗତ ମେଟ୍ରୋଲୋଜିର କଠୋର ନିୟମକୁ ଉଲ୍ଲଂଘନ କରୁଛନ୍ତି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ସମ୍ପ୍ରତି ଅନଲାଇନରେ ବିକ୍ରି ହେଉଥିବା ଖାଦ୍ୟ ଉତ୍ପାଦଗୁଡ଼ିକର ଏକ ଅଡିଟ୍ କରିଛି। ଏଥିରେ ଅଧିକାଂଶ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଉତ୍ପାଦରେ ମିଆଦ ଶେଷ ହେବା କିମ୍ବା ସର୍ବୋତ୍ତମ ତାରିଖ ଦେଖାଯାଉନାହିଁ। ଏହି ସମସ୍ୟା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିୟାମକ ଅନେକ ପଦକ୍ଷେପ ନେଉଛି। ସର୍ଭେରୁ ଜଣାପଡିଛି ଯେ ଅନଲାଇନରେ କିଣା କିଣି କରୁଥିବା ୪୮% ଭାରତୀୟ ଗ୍ରାହକ କହିଛନ୍ତି ଯେ ସେମାନେ ଏହି ପ୍ଲାଟଫର୍ମରେ ଉତ୍ପାଦଗୁଡ଼ିକରେ ଏକ୍ସପାଇରି ତାରିଖ୍ ଦେଖନ୍ତି ନାହିଁ। ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ତୁଳନାରେ ଅନଲାଇନ୍ କିରାଣା ପ୍ଲାଟଫର୍ମରେ ଏକ୍ସପାଇତି ତାରିଖ ପ୍ରଦର୍ଶନରେ ବହୁତ କମ୍ ଉନ୍ନତି ହୋଇଛି। ସର୍ଭେ କରାଯାଇଥିବା ଦୁଇ ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ଗାହକ ଏହି ଏକ୍ସପାଇରି ତାରିଖଗୁଡ଼ିକୁ ପାଆନ୍ତିନାହିଁ। ଏହି ନିୟମଗୁଡ଼ିକୁ ଅନୁପାଳନ କରୁ ନ ଥିବା ଅନଲାଇନ୍ ପ୍ଲାଟଫର୍ମଙ୍କ ସଂଖ୍ୟା ୨୦୨୪ ରେ ୫୭ ପ୍ରତିଶତରୁ ହ୍ରାସ ପାଇ ବର୍ତ୍ତମାନ ୪୮ ପ୍ରତିଶତକୁ ହ୍ରାସ ପାଇଛି।

# ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମ୍‌ର ବେଦକଳା ପଦକ୍ଷେପ

ଭୁବନେଶ୍ୱର, ୨୦।୬(ସମିସ): ବେଦାନ୍ତ ଆଲୁମିନିୟମର ବେଦକଳା ପ୍ରକଳ୍ପ ସହିତ ଜଡିତ ଅନେକ ମହିଳା ହିତାଧିକାରୀ ଝାରସୁଗୁଡାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆଉଟରିଚ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ସେମାନେ ହସ୍ତଶିଳ୍ପ ସୌରା କଳା, ବାଉଁଶ ହସ୍ତଶିଳ୍ପ ଏବଂ ସବାଇ ଘାସ ଉତ୍ପାଦର ବିବିଧ ପରିସର ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀ ଗ୍ରାମୀଣ ମହିଳା କାରିଗରମାନଙ୍କୁ ସେମାନଙ୍କର ଉତ୍ପାଦର ପ୍ରଚାର,ବଜାର ପ୍ରବେଶ ବିସ୍ତାର ଏବଂ ପାରମ୍ପରିକ ହସ୍ତଶିଳ୍ପ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାରେ ବେଦକଳା ପଦକ୍ଷେପ ଦ୍ୱାରା ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପ୍ରଦର୍ଶନ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ପ୍ରଦର୍ଶନୀଟି ଅନେକ ବିଶିଷ୍ଟ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯେଉଁଥିରେ କୁନାଲ ମୋତିରାମ ଚଭନ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟର, ଝାରସୁଗୁଡା; ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ, ଝାରସୁଗୁଡା; ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟିର ପ୍ରତିନିଧି ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀ ସାମିଲ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ କାରିଗରମାନଙ୍କ ସହିତ ଆଲୋଚନା କରିଥିଲେ, ପ୍ରଦର୍ଶିତ ଉତ୍ପାଦଗୁଡ଼ିକର ଗୁଣବତ୍ତା ଏବଂ କାରିଗରିର ପ୍ରଶଂସା କରିଥିଲେ ଏବଂ ବେଦାନ୍ତ ଦ୍ୱାରା ସ୍ୱଦେଶୀ କଳାର ସଂରକ୍ଷଣ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିବା ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି।



## ଜମିଜମା ବିବାଦର ସ୍ଥାୟୀ ସମାଧାନ ପାଇଁ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ'

# ଦେଶର ପ୍ରଥମ ଏଆଇ-ଆଧାରିତ ପ୍ଲାଟଫର୍ମ

ଭୁବନେଶ୍ୱର,୨୦।୬(ସମିସ): ଜମିଜମା ସମ୍ପର୍କିତ ସମସ୍ତ କାଗଜପତ୍ର ଏବଂ ଆଇନଗତ ପ୍ରକ୍ରିୟାକୁ ସରଳ ତଥା ସୁରକ୍ଷିତ କରିବା ଉଦ୍ଦେଶ୍ୟରେ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' (ଦଲ୍ୟାଣ୍ଡବ୍ୟାଙ୍କର୍ସଡଟ୍‌କମ୍) ନାମରେ ଏକ ଏହି ଅଭିନବ ଏଆଇ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି, ଯାହା ସମଗ୍ର ଦେଶରେ ପ୍ରଥମ। ଭାରତରେ ଜମିର କ୍ରୟ-ବିକ୍ରୟ ଏକ ବଡ଼ ସମସ୍ୟା। ଜମିର ଆଇନଗତ ଅସ୍ପଷ୍ଟତା କାରଣରୁ ନିବେଶକମାନେ ପୁଞ୍ଜି ବିନିଯୋଗ ପାଇଁ ଭୟ କରୁଥିବା ବେଳେ, ପିଢ଼ି ପରେ ପିଢ଼ି ଲାଗି ରହୁଥିବା ବିବାଦ ସାଧାରଣ ଲୋକଙ୍କ ମାନସିକ ଶାନ୍ତି ଛଡ଼ାଇ ନେଉଛି। ଏହି ସବୁ ସମସ୍ୟାର ଅନ୍ତ ଘଟାଇବା ପାଇଁ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' ଟେକ୍ନୋଲୋଜିର ସାହାରା ନେଇଛି। ଏହି ପ୍ଲାଟଫର୍ମ ଜରିଆରେ ଜମିର ପ୍ରକୃତ ସ୍ଥିତି ଯାଞ୍ଚ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ଆପଣଙ୍କ ଜମିର କାଗଜପତ୍ର ଅନୁଶୀଳନ ଓ ତଦାରଖ, ଜମିର ସଠିକ୍ ମୂଲ୍ୟାୟନ, ଏବଂ ଆଇନଗତ ବିବାଦର ସମାଧାନ ପାଇଁ ବିଶେଷଜ୍ଞଙ୍କ ସହାୟତା ମିଳିପାରିବ। ଗୋଟିଏ କ୍ଲିକ୍‌ରେ ସରକାରୀ ରେକର୍ଡର ସ୍ୱଚ୍ଛ ଚିତ୍ର ଏବେ ଲୋକଙ୍କ ପାଖରେ ଉପଲବ୍ଧ ହେବ ବୋଲି 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ›ର ପ୍ରତିଷ୍ଠାତା ଅମରେନ୍ଦ୍ର ସାହୁ କହିଛନ୍ତି।

ଅମରେନ୍ଦ୍ରଙ୍କ ସହିତ ଏହି ପ୍ରକଳ୍ପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମୁଖ୍ୟ ଭାବେ ବିକାଶ ପାତ୍ର ଏବଂ ୟୁଆଇ/ୟୁଏକ୍ସ ବିଶେଷଜ୍ଞ ଭାବେ ଶାନାଭାସ ବାଇଜୁଙ୍କ ଭଳି ଅଭିଜ୍ଞ ଟିମ୍ ସଦସ୍ୟମାନେ କାର୍ଯ୍ୟ କରୁଛନ୍ତି।



## ସମ୍ପୂର୍ଣ୍ଣ ହେବାକୁ ଯାଉଛି କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର

# ରିଲାଏନ୍ସରେ ଆକାର ନେଉଛି ଉତ୍ତରାଧିକାର

ମୁମ୍ବଇ, ୨୦।୬(ଏଜେନ୍ସି): ଦେଶର ସର୍ବବୃହତ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଭବିଷ୍ୟତ ନେତୃତ୍ୱ ଢାଞ୍ଚା ଏବେ ସ୍ପଷ୍ଟ ଭାବରେ ଆକାର ଧାରଣ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ସଭା (ଏଜିଏମ) ରେ, ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି ଯେ, କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ମୁକେଶ ଅମ୍ବାନୀ କହିଛନ୍ତି ଯେ ଇଶା, ଆକାଶ ଏବଂ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବୋର୍ଡରେ ତିନି ବର୍ଷ ପୂରଣ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଇଶା ଗ୍ରାହକ ବା କଞ୍ଜୁମର ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଆକାଶ ପ୍ରଯୁକ୍ତି ବା ଟେକ୍ନୋଲୋଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଏବଂ ଅନନ୍ତ ଶକ୍ତି ବା ଏନର୍ଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, "ଇଶା, ଆକାଶ ଏବଂ ଅନନ୍ତ ଭିନ୍ନ ଭିନ୍ନ ବ୍ୟବସାୟିକ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି, କିନ୍ତୁ ସେମାନେ ରିଲାଏନ୍ସ ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଏକତ୍ର କାମ କରୁଛନ୍ତି। ସେମାନେ ତିନୋଟି ଶରୀର, ଗୋଟିଏ ଆତ୍ମା। ସେମାନଙ୍କର ଆତ୍ମା ହେଉଛି ରିଲାଏନ୍ସ - ଏକକ, ଅବିଭାଜ୍ୟ ରିଲାଏନ୍ସ, ଆଜି ଏବଂ ସବୁଦିନ ପାଇଁ। ସଂସ୍ଥାଗତ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସରେ ଏକ ‹୫-ଏସ› ଢାଞ୍ଚା କାର୍ଯ୍ୟକାରୀ କରାଯାଉଛି। ଏହି ୫-ଏସ ଢାଞ୍ଚାର ପ୍ରଥମ ଉପାଦାନ ହେଉଛି 'ଉତ୍ତରାଧିକାର। ଇଶା, ଆକାଶ ଏବଂ ଅନନ୍ତ ଏବେ ସେହି କାମ କରୁଛନ୍ତି ଯାହା ସେ ନିଜେ ୨୫ ବର୍ଷ ପୂର୍ବେ କରିଥିଲେ।







## ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଡିପ୍‌ଫେକ୍ ବ୍ୟବହାର କରି ଠକେଇ

# ଭିଡିଓ କେୱାଇସିରେ ଆକାଉଣ୍ଟରୁ ଅର୍ଥ ଚଳୁ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଭାରତରେ ଡିପଫେକ୍ ବିପଦ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲ୍ ବଦଳରେ ଓପନ୍-ସୋର୍ସ ମଡେଲ୍ ଉପରେ ନିର୍ମିତ କଷ୍ଟମାଇଜ୍ଡ ଆପ୍ଲିକେସନ୍ ଏହି ଅଭିବୃଦ୍ଧିକୁ ଚାଳିତ କରୁଛି। ହେଲେ ଏଗୁଡ଼ିକ ଠକମାନଙ୍କୁ ବହୁତ କମ୍ ମୂଲ୍ୟରେ ଏବଂ ଅଧିକ ସୁଦୃଢ଼ ଏବଂ ସୁଦୃଢ଼ ପଦ୍ଧତି ସହିତ ଠକେଇ କରିବାକୁ ସକ୍ଷମ କରୁଛି। ଡିପଫେକ୍ ଏତେ ବାସ୍ତବବାଦୀ ହେଉଛି ଯେ ସେମାନଙ୍କୁ ପ୍ରକୃତ ଫଟୋ ଏବଂ ଭିଡିଓରୁ ପୃଥକ କରିବା କଷ୍ଟକର ହେଉଛି। ଏହା ଭୟ ସୃଷ୍ଟି କରିଛି ଯେ ଠକମାନେ ନକଲି ପରିଚୟ ବ୍ୟବହାର କରି ଲାଇଭ୍ ନୋ-ୟୋର-କଷ୍ଟମର (କେୱାଇସି) ଯାଞ୍ଚକୁ ହେରଫେର କରିପାରନ୍ତି ଏବଂ ପ୍ରତିରୂପଣକୁ ରୋକିବା ପାଇଁ ଡିଜାଇନ୍ କରାଯାଇଥିବା ସୁରକ୍ଷା ପ୍ରତିବନ୍ଧକଗୁଡ଼ିକୁ ଉଲ୍ଲଂଘନ କରିପାରନ୍ତି। ନାମ ଗୋପନ ରଖି ଏକ ଶିଳ୍ପ ସୂତ୍ର କହିଛନ୍ତି ଯେ ଏହି ବିପଦ ପୂର୍ବରୁ ବ୍ୟାଙ୍କିଙ୍ଗ୍, ଆର୍ଥିକ ସେବା ଏବଂ ବୀମା (ବିଏଫ୍‌ଏସ୍‌ଆଇ) କ୍ଷେତ୍ରରେ ପ୍ରବେଶ କରିସାରିଛି। ଲୋକେ ନକଲି ବ୍ୟାଙ୍କ ଷ୍ଟେଟମେଣ୍ଟ ସୃଷ୍ଟି କରୁଛନ୍ତି ଏବଂ ଭିଡିଓ କେୱାଇସି ସମୟରେ ଡିପଫେକ୍ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତି ଜଣକ କହିଛନ୍ତି। ଏପରି କିଛି ମାମଲା ଘଟିଛି ଯେଉଁଠାରେ ଏପରି ଆବେଦନଗୁଡ଼ିକୁ ପ୍ରକ୍ରିୟାକରଣ ଏବଂ ଅଣ୍ଡରରାଇଟ୍ କରାଯାଇଥିଲା, ଯାହା ଫଳରେ ଏକ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ରେ ୧୫-୨୦ କୋଟି ଟଙ୍କା ମୂଲ୍ୟର ଠକେଇ ହୋଇଥିଲା।

**କୋଟି କୋଟି ଟଙ୍କା ଲୁଟୁଛନ୍ତି ଠକ**




ଏଆଇ ମଡେଲର ଦ୍ରୁତ ବିକାଶ ଠକମାନଙ୍କ ପାଇଁ ବ୍ୟବସ୍ଥିତ ଠକେଇ କରିବା ସହଜ କରୁଛି, ଯେତେବେଳେ କି ଏହା ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରୁଛି। ଅଧିକାରୀମାନେ କହିଛନ୍ତି ଯେ ଏପରି ଠକେଇର ଫର୍ମାଟ ପ୍ରାୟତଃ ସମାନ। ଏହି ମଡେଲଗୁଡ଼ିକ ଉପରେ ଆଧାରିତ ସ୍ୱତନ୍ତ୍ର ଉପକରଣଗୁଡ଼ିକ ଟେଲିଗ୍ରାମ ଚ୍ୟାନେଲ ଏବଂ ଡାର୍କ-ୱେବ୍ ମାର୍କେଟପ୍ଲେସ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି। ଏକ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ବ୍ୟୁରୋର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ (ସିଟିଓ) ସନ୍ଦେଶ ଜି,ସ୍ କହିଛନ୍ତି, ଚ୍ୟାଲେଞ୍ଜ ହେଉଛି ଠକମାନେ ମାନକ ମଡେଲ ବ୍ୟବହାର କରନ୍ତିନାହିଁ। ଫ୍ରଣ୍ଟିୟର୍ ମଡେଲଗୁଡ଼ିକୁ ତାଲିମ ଦେବା ପାଇଁ ଲକ୍ଷ ଲକ୍ଷ କୋଟି ଟୋକନ୍ ଆବଶ୍ୟକ ଏବଂ ଏହା ବହୁତ ଉନ୍ନତ। ଏହା ବଦଳରେ, ଠକମାନେ ଡିପଫେକ୍ ତିଆରି କରିବା ଏବଂ ଗେମିଂ କମ୍ପ୍ୟୁଟର ପରି ସ୍ଥାନୀୟ, ଗ୍ରାହକ ହାର୍ଡୱେର୍ ରେ ସେୟାର୍ କରିବା ପାଇଁ ଛୋଟ ମଡେଲ ବ୍ୟବହାର କରନ୍ତି। ଏହାର ମୂଲ୍ୟ କମ୍। ଏହି ମଡେଲଗୁଡ଼ିକ ଟେଲିଗ୍ରାମ ଚ୍ୟାନେଲ ଏବଂ ଅନ୍ୟ ଡାର୍କ ୱେବ୍ ପ୍ଲାଟଫର୍ମରେ ସେୟାର କରାଯାଏ।

### ସାକ୍ଷାତକାର

# ‘ନିଜକୁ ବଡ଼ ପରଦାରେ ଦେଖିବା ମୋର ଲକ୍ଷ୍ୟ’

**ପାୟେଲିଆ ରାଉତରାୟ, ଅଭିନେତ୍ରୀ**





**ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟ ସେ ଜିଣୁଥିଲେ । ପରବର୍ତ୍ତୀ ସମୟରେ ସେ ରଙ୍ଗିନ ଦୁନିଆକୁ ଟାଣି ହୋଇ ଆସିଲେ । ଭୁବନେଶ୍ୱରର ପାୟେଲିଆ ରାଉତରାୟ ହାଇଦ୍ରାବାଦ୍‌ର ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ । ହେଲେ ନିଶା ତାଙ୍କର ଅଭିନୟ କରିବା । ସେ ଏକାଧିକ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ ‘ତୋର ଲକ୍ଷେ ଟଙ୍କିଆ ହସ’ ଗୀତଟି ହିଟ୍ ହୋଇଥିଲା । ନିକଟରେ ଓଡ଼ିଆ ସିନେମା ‘କାଙ୍ଗୁଲା’ର ‘ଅନୁଗୁଳର ଟୁକୁଲି...’ ଆଇଟମ୍ ଗୀତରେ ଦର୍ଶକଙ୍କୁ ମତୁଆଲା କରିଥିଲେ ପାୟେଲିଆ । ତେବେ ଆଇଟି କର୍ମଚାରୀ ସହିତ ଏ ରଙ୍ଗିନ ଦୁନିଆରେ ଅଭିନୟର ଯାତ୍ରା କିପରି ଥିଲା, ଜାଣିବା ତାଙ୍କ ମୁହଁରୁ ।**

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ମ୍ୟୁଜିକ୍ ଭିଡିଓ ହଠାତ୍ ଏ ଦିଗ ପ୍ରତି କାହିଁକି ଆଗ୍ରହ ପ୍ରକାଶ କଲେ ?**

● ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ । ବାପା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ । ମୁଁ ଛୋଟ ବେଳୁ ପାଠପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି । ମଞ୍ଚରେ ନୃତ୍ୟ ପରିବେଷଣ କରୁଥିଲି । ସମୟକ୍ରମେ ଘରେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବାକୁ କହିଲେ । ତେଣୁ କିଛି ଦିନ ପାଇଁ ମୁଁ ନାଚଗୀତରୁ ଦୂରେଇ ଯାଇଥିଲି । ପରବର୍ତ୍ତୀ ସମୟରେ ହିନ୍ଦୀ କଣ୍ଟେଣ୍ଟରେ ଟିକ୍‌ଟକ୍ ଭିଡ଼ିଓ ତିଆରି କରିବା ଆରମ୍ଭ କଲି । ମୋର ପ୍ରଶଂସକ ୪.୩ ମିଲିୟନ୍ ଥିଲେ । ସୌଭାଗ୍ୟବଶତଃ ଲକ୍‌ଡାଉନ୍ ସମୟରେ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ମୋତେ ସୁଯୋଗ ମିଳିଲା । ‘ଓଃ କି ଦୁଃଖ’, ‘ତୋର ଲକ୍ଷେ ଟଙ୍କିଆ ହସ’ ସହିତ ପ୍ରାୟ ୧୫ଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି । ତନ୍ମଧ୍ୟରୁ ଅନେକ ଗୀତ ହିଟ୍ ମଧ ହୋଇଛି ।

**‘କାଙ୍ଗୁଲା’ ସିନେମାରେ ଆଇଟମ୍ ଗୀତ ‘ଅନୁଗୁଳର ଟୁକୁଲି...’ର ସୁଯୋଗ କେମିତି ପାଇଲେ?**

● ଅଶ୍ୱିନୀ ଭାଇ ଫୋନ୍ କରି ମୋତେ ଏହି ଗୀତ ବିଷୟରେ କହିଥିଲେ । ଗୀତର ଟାଇଟଲ୍ ସମସ୍ତଙ୍କ ହୃଦୟକୁ ଛୁଇଁବ ବୋଲି ଅନୁଭବ କରିଥିଲି । କୋରିଓଗ୍ରାଫର୍ ଫିରୋଜ ସାର୍‌ଙ୍କ ମାର୍ଗଦର୍ଶନରେ ଗୀତ ପାଇଁ ବହୁତ ଭଲ ଭାବେ ଅଭ୍ୟାସ କରିଥିଲି । ଏହି ଗୀତ ସୁଟିଂ ସମୟରେ ଅନୁଗୁଳରେ ପ୍ରବଳ ଶୀତ ହେଉଥାଏ । ତେଣୁ ସଟ୍ ଦେବା ସମୟରେ ପ୍ରବଳ ଥଣ୍ଡା ଲାଗୁଥାଏ । ସୁଟିଂର ଶେଷ ଦିନରେ ସମ୍ବିତ ଭାଇ ଯୋଗ ଦେଇଥିଲେ । ତାଙ୍କୁ ବି ଜ୍ୱର ହୋଇଯାଇଥିଲା । ଏହି ଗୀତ ସୁଟିଂ କରିବା ଆଦୌ ସହଜ ନଥିଲା । ଏହା ମୋ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ।

**ଗୀତ ହିଟ୍ ହେବା ପରେ କେତେ ଖୁସି ଥିଲେ?**

● ହଲ୍‌ରେ ଦର୍ଶକ ‘କାଙ୍ଗୁଲା’ ଫିଲ୍ମରେ ‘ଅନୁଗୁଳର ଟୁକୁଲି...’ ଗୀତଟି କେବେ ଆସିବ ବୋଲି ଅପେକ୍ଷା କରି ରହୁଥିଲେ । ଗୀତର ତାଳେ ତାଳେ ଦର୍ଶକ ନାଚୁଥିବାର ଦୃଶ୍ୟ ମୋତେ ବହୁତ ଖୁସି ଦେଇଥିଲା । ମୋର ସୌଭାଗ୍ୟ ଯେ, ଏହି ଗୀତ ପାଇଁ ମୋତେ ଏବେ ଲୋକେ ‘ଅନୁଗୁଳର ଟୁକୁଲି’ ନାଁରେ ଲୋକେ ଜାଣୁଛନ୍ତି ।

**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ବ୍ରହ୍ମପୁରର ‘ଶ୍ରୀ ଅର୍ଣ୍ଣାମେଣ୍ଟ ଜୁଏଲାରୀ’ର ବ୍ରାଣ୍ଡ ଆମ୍ବାସାଡାର ଥିଲି । ସେଥିରୁ ମୋତେ ପ୍ରଥମ ଥର ପାଇଁ ୧୨ ହଜାର ଟଙ୍କା ମିଳିଥିଲା । ସେ ସବୁ ମୁଁ ଘରେ ଦେଇଥିଲି । ଟ୍ରେନ୍‌ରେ ହାଇଦ୍ରାବାଦ୍ ଯିବା ସମୟରେ ରାସ୍ତାରେ ମୋର ବଡ଼ ବଡ଼ ପୋଷ୍ଟର ଦେଖି ମୁଁ ବହୁତ ଖୁସି ହୋଇଯାଇଥିଲି ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

● ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି । ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖି କଠିନ ପରିଶ୍ରମ କରୁଛି । ଦର୍ପଣ ସାମ୍ନାରେ ମୁଁ ଅଭ୍ୟାସ କରୁଛି । ଭବିଷ୍ୟତରେ ବି ଭଲ କାମ ମିଳିଲେ ତାହାକୁ ନିଖୁଣ ଭାବେ ଫୁଟାଇ ପାରିବି ବୋଲି ଆଶା ରଖିଛି । ତା’ ସହିତ ମ୍ୟୁଜିକ୍ ଭିଡିଓ ଓ ଚାକିରି ଜାରି ରହିବ ।

**ଚାକିରି ଆଉ ଅଭିନୟ ଦୁଇଟି ଭିତରେ କେମିତି ସମୟ ପରିଚାଳନା କରନ୍ତି?**

● ଅଭିୟନ ଓ ନୃତ୍ୟ ଦୁଇଟି ମୋ ଜୀବନ । ଚାକିରି କଲେ ବି କାର୍ଯ୍ୟ ବ୍ୟସ୍ତତା ଭିତରେ ଅଭିନୟ କରିବାକୁ ସମୟ ବାହାର କରେ । ଅଫିସ୍ ତରଫରୁ ମଧ ମୋତେ ସହଯୋଗ ମିଳେ ।

**ପାୟେଲିଆ ଫିଟ୍ ରହିବାକୁ କ’ଣ କରନ୍ତି?**

● ମୁଁ ପ୍ରତିଦିନ ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟପେୟ ସହିତ ଶରୀର ପାଇଁ ଆବଶ୍ୟକ ମୁତାବକ ପାଣି ପିଏ । ■



# ସାରାରାତି ନଦୀ କୂଳରେ ସୁନୀଲ

ଅଭିନୟ ଓ କମେଡି ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଛନ୍ତି ଲୋକପ୍ରିୟ ହାସ୍ୟାଭିନେତା ସୁନୀଲ ଗ୍ରୋଭର । ସବୁ ଚରିତ୍ରରେ ସେ ଖୁବ୍ ନିଖୁଣ ଅଭିନୟ କରିଥାନ୍ତି । ତେବେ ଏବେ ସେ ଅଭିନୟ ପାଇଁ ନୁହଁନ୍ତି, ବରଂ ନିଜ ଜୀବନଶୈଳୀକୁ ନେଇ ଚର୍ଚ୍ଚାରେ ଅଛନ୍ତି । ସୁନୀଲ ନିଜର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଭିଡିଓଟିକୁ ଅତ୍ୟନ୍ତ ସନ୍ତୋଷଜନକ ବୋଲି କୁହାଯାଉଛି । ଭିଡିଓରେ ଦେଖିବାକୁ ମିଳିଛି କୌଣସି ଷ୍ଟାର୍‌ଡମ୍ ବିନା ସୁନୀଲ ଏକ ନଦୀ କୂଳରେ ରାତିରେ ଚଟାଣରେ ଶୋଇ ଅତିବାହିତ କରିଛନ୍ତି । ତାଙ୍କର ଏହି ସରଳ ଜୀବନ ହିଁ ଦର୍ଶକଙ୍କ ମନ ଜିଣିଛି । ସେହିପରି ସୁନୀଲଙ୍କ ଆଖପାଖରେ ଅନ୍ୟ ଶ୍ରଦ୍ଧାଳୁମାନେ ଶୋଇଥିବା ନଜର ଆସିଛନ୍ତି । ଅନ୍ୟପଟେ ଏହା କେଉଁ ସ୍ଥାନ, ତାହାର ଖୁଲାସା ସୁନୀଲ କରି ନାହାନ୍ତି । ■



# ସାକ୍ଷାତକାର ଦେବେନି ରଣବୀର

‘ଡନ୍-୩’ ଫିଲ୍ମକୁ ନେଇ ଚାଲିଥିବା ବିବାଦ ଏବଂ ସୋସିଆଲ୍ ମିଡିଆ ଟ୍ରୋଲିଂ ମଧ୍ୟରେ ମୁଖ୍ୟ ଅଭିନେତା ରଣବୀର ସିଂହ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମକୁ ନେଇ ବଢୁଥିବା ବିବାଦରୁ ରକ୍ଷା ପାଇବା ଲାଗି ସେ ୧୮ ମାସ ଅର୍ଥାତ ଦେଢ଼ ବର୍ଷ ପର୍ଯ୍ୟନ୍ତ ଗଣମାଧ୍ୟମକୁ କୌଣସି ପ୍ରକାର ସାକ୍ଷାତକାର ଦେବେ ନାହିଁ । କୌଣସି ବିବାଦ ଉପରେ ସେ ଦୃଷ୍ଟି ନ ଦେଇ ନିଜର ଚରିତ୍ର ଓ ଫିଲ୍ମ ସୁଟିଂ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହିଁଛନ୍ତି । ସେହିପରି ଏବେ ସେ କୌଣସି ପ୍ରକାର ନୂଆ ସାକ୍ଷାତକାର ଦେବା ଲାଗି ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି । ଏହାବାଦ୍ କଥାବାର୍ତ୍ତାର ସମସ୍ତ ପ୍ରସ୍ତାବକୁ ବି ରଣବୀର ଏଡ଼ାଇ ଦେଇଛନ୍ତି । ତେଣୁ ଆଗାମୀ ଦିନରେ ମିଡିଆ ସହିତ ସାମ୍ନାସାମ୍ନି ହେବାର ତାଙ୍କର କୌଣସି ଆଶଙ୍କା ନାହିଁ । ଅନ୍ୟପଟେ ଯଦି ଏହି କଥା ସତ ହୁଏ, ତେବେ ଫିଲ୍ମ ନିର୍ମାତା ଜୟ ମେହଟାଙ୍କ ଆଗାମୀ ବଡ଼ ଫିଲ୍ମ ‘ପ୍ରଳୟ’ ରିଲିଜ ପର୍ଯ୍ୟନ୍ତ ମିଡିଆଠାରୁ ରଣବୀର ପୂରା ଦୂରତ୍ୱ ରକ୍ଷା କରିପାରନ୍ତି । ■

# ସଲମାନଙ୍କ ନୂଆ ଲୁକ୍

ବଲିଉଡ୍ ଅଭିନେତା ଅମିର ଖାନ୍‌ଙ୍କ ଅଭିନୀତ ସିନେମା ‘ଲଗାନ୍’ ୨୫ ବର୍ଷ ପୂରଣ କରିଛି । ଫିଲ୍ମଟିକୁ ପୁଣି ଥରେ ରିଲିଜ୍ କରାଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ଅମିରଙ୍କ ଭଲ ବନ୍ଧୁ ସଲମାନ ଖାନ ବି ସାମିଲ ହୋଇଥିଲେ । ଏଥିରେ ସଲମାନଙ୍କ ନୂଆ ଲୁକ୍‌କୁ ଦେଖି ନିଜେ ଅମିର ଓ କରୀନାଙ୍କ ବ୍ୟତୀତ ଅନ୍ୟମାନେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି । ସଲମାନ ଛୋଟ କେଶ, ଲେଦର ବ୍ଲାକ୍ ଜ୍ୟାକେଟ୍ ଏବଂ ଟ୍ରିମ୍ ଦାଢ଼ିରେ ନଜର ଆସିଛନ୍ତି । ଅବଶ୍ୟ ଏହି ନୂଆ ଲୁକ୍‌ରେ ସଲମାନ ଖୁବ୍ ଫିଟ୍ ଓ ହ୍ୟାଣ୍ଡସମ୍ ଲାଗୁଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମର ଫଟୋ ତଥା ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହାସହ ତାଙ୍କ ଲୁକ୍‌କୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ■



# ରଶ୍ମିକା ବଦଳାଇଲେ ନାଁ


ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ‘କକ୍‌ଟେଲ୍-୨’ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ସେ ପ୍ରଥମଥର ପାଇଁ ଅଭିନେତା ଶାହିଦ କପୁର ଏବଂ କୃତି ସେନନଙ୍କ ସହିତ ସ୍କ୍ରିନ ସେୟାର୍ କରିଛନ୍ତି । ଏହାରି ଭିତରେ ରଶ୍ମିକା ନିଜ ନାମ ବଦଳାଇଛନ୍ତି । ନିଜ ନାଁକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ବିଶେଷ ପୋଷ୍ଟ ସେୟାର୍ କରିଛନ୍ତି । ରଶ୍ମିକା ତେଲେଙ୍ଗାନା ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ବିଜୟ ଦେବରକୋଣ୍ଡାଙ୍କୁ ଦିଆଯାଇଥିବା ଏକ ବାର୍ତ୍ତାରେ ନିଜକୁ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ବୋଲି ସମ୍ବୋଧନ କରିଛନ୍ତି । ଗାଁରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ‘ଆଜି ମୁଁ ଏହି କାର୍ଯ୍ୟକ୍ରମରେ ଖୁବ୍ କମ୍ କହିବି । ହେଲେ ଆମେ ‘ଦେବରକୋଣ୍ଡା ଫାଉଣ୍ଡେସନ’ ମାଧ୍ୟମରେ ଏକ ଭଲ ଆରମ୍ଭ କରିଛୁ । ଏହାର ଆରମ୍ଭ ଆମେ ଅଚମପେଟ ଏବଂ ଥୁମ୍ମନପେଟରୁ କରୁଛି, ଯାହାକି ମୋ ଶ୍ୱଶୁରଙ୍କ ଗାଁ । ଆଜି ମୁଁ ଆପଣମାନଙ୍କ ସାମ୍ନାରେ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ଭାବେ ଛିଡ଼ା ହେଇଛି ଏବଂ ଏହାକୁ ନେଇ ମୁଁ ବହୁତ ଖୁସି ଅଛି ।’ ଅନ୍ୟପଟେ ରଶ୍ମିକା ଓ ବିଜୟ ଦେବରକୋଣ୍ଡା ଏକାଠି ‘ରାଣାବାଲୀ’ ସିନେମାରେ ନଜର ଆସିବେ । କୁହାଯାଉଛି ସେପ୍ଟେମ୍ବର ୧୧ରେ ଏହି ସିନେମା ଟମୁକ୍ତିଲାଭ କରିବ । ■



### ପରଦା ପଛର କାହାଣୀ

# ସୁଟିଂ ପାଇଁ ତିନି ଦିନ ଅନିଦ୍ରା

ପରଦାରେ ଅଭିନୟକୁ ଜୀବନ୍ତ କରିବା ପାଇଁ କଳାକାରମାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ । ବଡି ଟ୍ରାନ୍ସଫର୍‌ମେସନ୍‌ଠୁ ଆରମ୍ଭ କରି ରାତି ଅନିଦ୍ରା ରହିବା, ମାନସିକ ପ୍ରସ୍ତୁତି କରିବା ଆଦି ସବୁ କିଛି କରିବାକୁ ପଡ଼ିଥାଏ । ସେମିତି ଏକ କାହାଣୀ ରାଜେଶ ଖାନ୍ନାଙ୍କ ଫିଲ୍ମ ‘ଆଖିର ଖତ’କୁ ନେଇ ରହିଛି । ଚେତନ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସୁଟିଂ ପାଇଁ ରାଜେଶ ଖାନ୍ନାଙ୍କୁ ତିନିଦିନ ଅନିଦ୍ରା ରହିବାକୁ ପଡ଼ିଥିଲା । ଖୋଦ୍ ନିର୍ଦ୍ଦେଶକ ତାଙ୍କୁ ଅନିଦ୍ରା ରହିବା ପାଇଁ କହିଥିଲେ । ଫିଲ୍ମରେ ରାଜେଶଙ୍କର ଏକ ଚିନ୍ତିତ ବ୍ୟକ୍ତିର ଦୃଶ୍ୟ ସୁଟିଂ ଥିଲା । ତେଣୁ ରାଜେଶଙ୍କ ଚେହେରାରେ ସତସତିକା କ୍ଳାନ୍ତ ଏବଂ ଥକ୍କାପଣ ଆଣିବା ପାଇଁ ନିର୍ଦ୍ଦେଶକ ତାଙ୍କୁ ରାତିଅଧରେ ଫୋନ୍ କରି ଜାଗ୍ରତ କରିଥିଲେ । ଶେଷରେ ନିର୍ଦ୍ଦେଶକଙ୍କ ଏହି କୌଶଳ ମଧ କାର୍ଯ୍ୟ କରିଥିଲା । ରାଜେଶ ଖାନ୍ନା ସେଟ୍‌କୁ ଆସିବା ପରେ ଖୁବ୍ କ୍ଳାନ୍ତ ଦେଖାଯାଉଥିଲେ । ଯାହା ଫଳରେ ସୁଟିଂ ସଫଳ ହୋଇପାରିଥିଲା । ଏହି ଫିଲ୍ମରେ ରାଜେଶ ଖାନ୍ନା ଏବଂ ମାଷ୍ଟର ବଣ୍ଟି ବହଲଙ୍କୁ ପରିଚିତ କରାଯାଇଥିଲା । ୨୦ ବର୍ଷ ପରେ ଦୁହେଁ, ଫିଲ୍ମ ‘ଅମୃତ’ରେ ଜେଜେ-ନାତି ଚରିତ୍ରରେ ନଜର ଆସିଥିଲେ । ଏହି ଫିଲ୍ମରେ ଗୋବିନ୍ଦ ନାମକ ଯୁବକଙ୍କର କାହାଣୀ ଦର୍ଶାଯାଇଛି । ଯାହାଙ୍କୁ ଲଜୌଙ୍କ ସହ ପ୍ରେମ ହୋଇଛି । ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ପରବର୍ତ୍ତୀ ସମୟରେ ଗୋବିନ୍ଦ ଚାକିରି ଅନ୍ୱେଷଣରେ ସହର ପଳେଇ ଆସନ୍ତି । ତେବେ ଲଜୌଙ୍କୁ ସାଥିରେ ନେବା ପାଇଁ କଥା ଦିଅନ୍ତି । ହେଲେ ପରିସ୍ଥିତି ସବୁକିଛି ବଦଳେଇ ଦିଏ ।



ପୁଅଟିଏ ଜନ୍ମ ଦେବା ପରେ ଲଜୌଙ୍କ ମୃତ୍ୟୁ ହୁଏ । ତେବେ ସେ ମରିବା ପୂର୍ବରୁ ପୁଅର ଧ୍ୟାନ ରଖିବାକୁ ନେଇ ଗୋବିନ୍ଦଙ୍କୁ ଏକ ଶେଷ ଚିଠି ଲେଖିନ୍ତି । ଏହାପରେ ପିଲାଟି ମୁମ୍ବାଇରେ ରାସ୍ତାରେ କିପରି ହଜିଯାଏ ତାହା ଦର୍ଶାଯାଇଛି । ସେଠାରେ ତାଙ୍କ ପିତା ତାଙ୍କୁ କିପରି ଖୋଜୁଛନ୍ତି, ତାହା ପ୍ରଦର୍ଶିତ ହୋଇଛି । ଏହି ଫିଲ୍ମକୁ ସୁଟ୍ କରିବା ଖୁବ୍ କଠିନ ଥିଲା । ■






## ■ ୭୧ ସେକେଣ୍ଡରେ ଗୋଲ୍ ଦେଲେ ସାଇବାରି
# ମରୋକ୍କୋ ଆଶା ଉଜ୍ଜୀବିତ

ଫର୍କବର୍ଗ,୨୦।୬(ଏଜେନ୍ସି): ମାତ୍ର ୭୧ ସେକେଣ୍ଡରେ ଗୋଲ ଦେଇ ମରକ୍କୋର ଇସ୍‌ମାଏଲ ସାଇବାରୀ ଚଳିତ ଫିଫା ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ଗୋଲ ଦେବାର ରେକର୍ଡ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଲ ଦେଇଥିବା ଚେକିଆର ମିକାଲ ସାଦିଲେକଙ୍କ ନାମରେ ଥିଲା। ସେ ୫ମିନିଟ୍ ୮ ସେକେଣ୍ଡରେ ଏହି ଗୋଲ ଦେଇଥିଲେ। ସାଇବାରିଙ୍କ ଦ୍ରୁତତମ ଗୋଲ ବଳରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରି ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ଦଳ ୨ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ବ୍ରାଜିଲ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଦୁର୍ବଳ ହାଇତିକୁ ଭେଟିବ। ଏହି ମ୍ୟାଚ୍ ଡ୍ର ରଖିଲେ ମଧ୍ୟ ମରୋକ୍କୋ ନକ୍‌ଆଉଟକୁ ଉନ୍ନୀତ ହେବ। ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ଗୋଲ ଦେଇ ସାଇବାରି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଗୋଲ ଦେବାରେ ମରୋକ୍କୋର ପ୍ରଥମ ଖେଳାଳି ହୋଇଛନ୍ତି। ସେ ମଧ୍ୟ ଫିଫା ବିଶ୍ୱକପ୍‌ର କ୍ରମାଗତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଗୋଲ ଦେଇ ମହମ୍ମଦ ସାଲାଙ୍କ ସହ ସମକକ୍ଷ ହୋଇଛନ୍ତି। ମରୋକ୍କୋ ଏହି ମ୍ୟାଚ୍ ଜିତିବା ଫଳରେ ନକ୍‌ଆଉଟକୁ ଉନ୍ନୀତ ହେବା ଆଶା ଉଜ୍ଜୀବିତ ରଖିଛି।

## ■ ମୁହଁ ଲୁଚାଇ କଥା ହେବାରୁ ଆଲମିରନ୍‌ଙ୍କୁ ରେଡ୍‌କାର୍ଡ
# ତୁର୍କୀକୁ ହରାଇଲା ପାରାଗୁଏ



**ସାଣ୍ଟା କ୍ଲାରା,୨୦।୬(ଏଜେନ୍ସି):** ମୁହଁ ଲୁଚାଇ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ କଥା ହୋଇ ପାରାଗୁଏର ମିଗୁଏଲ ଆଲମିରନଙ୍କୁ ମିଳିଛି ରେଡକାର୍ଡ। ପ୍ରଥମାର୍ଦ୍ଧ ଖେଳର ଷ୍ଟପେଜ୍ ଟାଇମ୍‌ରେ ପାରାଗୁଏର ଆଲମିରନ ପ୍ରତିପକ୍ଷ ତୁର୍କୀର ଜଣେ ଖେଳାଳି ମର୍ଟ ମୁଲରଙ୍କ ସହ କଥା ହେଉଥିଲେ। ଏହି ଘଟଣାକୁ ତୁର୍କୀର ଜଣେ ଖେଳାଳି ନିକଟରେ ଥିବା ଫିଫା ଅଫିସିଆଲଙ୍କୁ ଜଣାଇଥିଲେ। ଏହି ଅଫିସିଆଲ ଜଣଙ୍କ ଭିଡିଓ ଆସିଷ୍ଟାଣ୍ଟ ରେଫରୀଙ୍କୁ ନିଷ୍ପତ୍ତି ନେବାକୁ କହିଥିଲେ। ଭିଏଆର୍ ଏହାକୁ ଦେଖିବା ପରେ ଆଲମିରନ ମୁହଁକୁ ହାତରେ ଲୁଚାଇ କଥା ହେଉଥିବାରୁ ଚଳିତ ବିଶ୍ୱକପ୍‌ରେ ଲାଗୁ ହୋଇଥିବା ନୂଆ ନିୟମ ଅନୁଯାୟୀ ରେଡ୍‌କାର୍ଡ ଦେଇଥିଲେ। ଫଳରେ ପାରାଗୁଏ ଦ୍ୱିତୀୟାର୍ଦ୍ଧରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଖେଳର ଦ୍ୱିତୀୟ ମିନିଟ୍‌ରେ ବା ୬୪ତମ ସେକେଣ୍ଡରେ ମାଟିଆସ୍ ଗାଲର୍‌ଜାଙ୍କ ଗୋଲ ବଳରେ ପାରାଗୁଏ ଏହି ମ୍ୟାଚ୍‌କୁ ଜିତିଥିଲା। ଚଳିତ ବିଶ୍ୱକପ୍‌ରେ ଏହା ଦ୍ରୁତତମ ଗୋଲ୍। ଅନ୍ୟ ପକ୍ଷରେ କ୍ରମାଗତ ପରାଜୟ ସହ ତୁର୍କୀ ମଧ୍ୟ ହାଇତି ସହ ବିଶ୍ୱକପ୍‌ରୁ ବାଦ୍ ପଡଛି। ଏହି ଗ୍ରୁପ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ଜିତିଛନ୍ତି।

## ଅଷ୍ଟ୍ରେଲିଆ ୦-୨ ଗୋଲ୍‌ରେ ପରାସ୍ତ
# ୯୬ ବର୍ଷ ପରେ ଆମେରିକାର କ୍ରମାଗତ ବିଜୟ

ସିଆଟଲ,୨୦।୬(ଏଜେନ୍ସି)

ସ୍ଥାନୀୟ ସିଆଟଲ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ଆମେରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ମେକ୍ସିକୋ ପରେ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଏହା ସହ ଦୀର୍ଘ ୯୬ ବର୍ଷ ପରେ ଆମେରିକା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ କ୍ରମାଗତ ବିଜୟ ହାସଲ କରିଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଆମେରିକା ୪-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର କାମେରନ୍ ବୁର୍ଜେସ (ଓନ୍ ଗୋଲ) ଆତ୍ମଘାତୀ ଗୋଲ ଓ ଆମେରିକା ପକ୍ଷରୁ ଆଲେକ୍ସ ଫ୍ରି ମ୍ୟାନ୍ ଗୋଟିଏ ଗୋଲ ସ୍କୋର କରିଥିଲେ। ୧୯୩୦ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଆମେରିକା ପ୍ରଥମେ ବେଲଜିୟମକୁ ୩-୦ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରାଗୁଏକୁ ୩-୦ ଗୋଲରେ ପରାସ୍ତ କରି କ୍ରମାଗତ ବିଜୟ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ତୃତୀୟସ୍ଥାନ ଅଧିକାର କରି ବିଶ୍ୱକପ୍ ଇତିହାସରେ ଶ୍ରେଷ୍ଠ ସଫଳତା ହାସଲ କରିଥିଲା। ଗ୍ରୁପ୍‌ର ତୃତୀୟ ତଥା ଶେଷ ରାଉଣ୍ଡ ମୁକାବିଲାରେ ତୁର୍କୀ ସହ ଆମେରିକା ଓ ପାରାଗୁଏ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ଏହି ମୁକାବିଲା ପରେ ଗ୍ରୁପ୍‌ରୁ କେଉଁ ଦୁଇ କିମ୍ବା ୩ ଦଳ ନକ୍‌ଆଉଟ୍‌କୁ ଉନ୍ନୀତ ହେବେ ତାହା ସ୍ପଷ୍ଟ ହେବ।



ସିଆଟଲ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିପଜ୍ଜନକ ଅଷ୍ଟ୍ରେଲିଆକୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ମାଂସପେସୀ ଟାଣି ହୋଇଯାଇଥିବାରୁ ଆମେରିକା ଅଧିନାୟକ କ୍ରିଷ୍ଟିଆନ ପୁଲିସିଚ୍ ଏହି ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଆଲଜେରିଆ ମାତା/ପିତାଙ୍କଠାରୁ ଜନ୍ମିତ ଓ ଇଂଲଣ୍ଡରେ ଖେଳଜୀବନ ଆରମ୍ଭ କରିଥିବା ବାଲୋଗାନ୍‌ଙ୍କ ଚମତ୍କାର ଆକ୍ରମଣ ଫଳରେ ଅଷ୍ଟ୍ରେଲିଆର ଡିଫେନ୍ସ ହଡବଡେଇ ଯାଇଥିଲା। ଆମେରିକା ମଧ୍ୟ ସଂଗଠିତ ଭାବେ ଆକ୍ରମଣ ରଚନା କରିଥିଲା। ଖେଳର ୧୧ତମ ମିନିଟ୍‌ରେ ୱେଷ୍ଟନ ମ୍ୟାକ୍‌କେନୀଙ୍କଠାରୁ ପାସ୍ ପାଇ ଫ୍ଲୋରିଆନ୍ ବାଲୋଗୁନ୍ ଏକାକୀ ୩ଜଣ ଖେଳାଳିଙ୍କୁ ଅତିକ୍ରମ କରି ବକ୍ସକୁ ସଟ୍ ମାରିଥିଲେ। ଅଷ୍ଟ୍ରେଲିଆର ଡିଫେଣ୍ଡର କାମେରନ ବର୍ଜେସ ବଲକୁ ନିୟନ୍ତ୍ରଣ କରି ନ ପାରି ବଲକୁ ନିଜ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଦଳକୁ ଏହି ଆଡଭାଣ୍ଟେଜ୍ ମିଳିଲା ପରେ ଅଧିକ ଉତ୍ସାହିତ ହୋଇ ଖେଳିଥିଲା ଘରୋଇ ଦଳ। ଖେଳର ୪୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଗୋଲ ପୋଷ୍ଟ ଆଗରେ ମେଳି ହୋଇଯାଇଥିଲା। ବଲକୁ ବାହାର କରିବାକୁ ଯାଇ ଅଷ୍ଟ୍ରେଲିଆ ଡିଫେଣ୍ଡର ସର୍ଗିନୋ ଡେଷ୍ଟ ବଲକୁ ଜୋରରେ ସଟ୍ ମାରିଥିଲେ। ବଲ୍‌ଟି ବାହାରକୁ ଯିବା ପରିବର୍ତ୍ତେ ପୋଷ୍ଟ ନିକଟରେ ପଡିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆମେରିକାର ଆଲେକ୍ସ ଫ୍ରିମ୍ୟାନ୍ ତୁରନ୍ତ ବଲକୁ ପୋଷ୍ଟ ମଧ୍ୟକୁ ପଠାଇ ଦଳଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହା ପରେ ଉଭୟ ଦଳ ଗୋଲ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ କେହି ସଫଳ ହୋଇପାରି ନ ଥିଲେ।

**ହୋମ୍ ଅଫିସ୍ ପ୍ଲେୟର:** ଚଳିତ ଫିଫା ବିଶ୍ୱକପ୍‌ରେ ଆଘାତ ଯୋଗୁଁ ପ୍ରଥମ ୨ଟି ମ୍ୟାଚ୍ ଖେଳିପାରି ନ ଥିବା ନେମାରଙ୍କୁ 'ହୋମ୍ ଅଫିସ ପ୍ଲେୟର' କହି ପରିହାସ କରିଛନ୍ତି ବ୍ରାଜିଲ ରାଷ୍ଟ୍ରପତି ଲୁଲା। ନେମାର କିନ୍ତୁ ସ୍କଟ୍‌ଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍ ଖେଳିବେ ବୋଲି କୋଚ୍ କାର୍ଲୋ ଆନ୍‌ସେଲୋଟି ସ୍ପଷ୍ଟ କରିଛନ୍ତି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୧, ରବିବାର ରାତି |
| ସ୍ପେନ୍-ସାଉଦି ଆରବ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲ୍‌ଜିୟମ-ଇରାନ |
| ଲସ୍‌ଏଞ୍ଜେଲସ, ରାତି ୧୨.୩୦ |
| ଜୁନ୍-୨୨ ସୋମବାର ସକାଳ |
| ଉରୁଗୁଏ-କେପ୍ ଭର୍ଡ |
| ମିଆମି, ରାତି ୩.୩୦ |
| ନ୍ୟୁଜିଲାଣ୍ଡ-ଇଜିପ୍ଟ |
| ଭାଙ୍କୋଭର, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ବ୍ରାଜିଲ ୩-୦ରେ ଜିତିଲା, ହାଇତି ବିଦା

**ଫିଲାଡେଲଫିଆ,୨୦।୬(ଏଜେନ୍ସି):** ଦୁଇ ଫରୱାର୍ଡ ଖେଳାଳି ମାଥିୟସ କୁନାଙ୍କ ଡବଲ ଗୋଲ ଓ ଭିନିସିଅସ ଜୁନିଅରଙ୍କ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଗୋଲ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍-ସି' ମୁକାବିଲାରେ ବ୍ରାଜିଲ ୩-୦ ଗୋଲରେ ହାଇତିକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ସି'ରେ ବ୍ରାଜିଲ ପ୍ରଥମସ୍ଥାନ ଅଧିକାର କରିଛି। ବ୍ରାଜିଲ ତାହାର ପ୍ରଥମ ମୁକାବିଲାରେ ମରୋକ୍କୋ ସହ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଥିଲା। ଏହି ମ୍ୟାଚ୍‌ରେ ଭିନିସିଅସ ଜୁନିଅର ଗୋଲ ଦେଇ ବ୍ରାଜିଲ୍‌କୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ଏଠାରେ ଦୁର୍ବଳ ହାଇତି ବିପକ୍ଷରେ ବ୍ରାଜିଲ ଅଧାଡଜନେ ଗୋଲରେ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳ ପ୍ରଥମାର୍ଦ୍ଧରେ ୩-୦ ଗୋଲରେ ଜିତିବା ପରେ ଦ୍ୱିତୀୟାର୍ଦ୍ଧରେ ମନ୍ଥର ଖେଳିଥିଲା। ଫଳରେ ଆଉ ଗୋଲ ସ୍କୋର ହୋଇ ନ ଥିଲା। ହାଇତି ମଧ୍ୟ ଭଲ ଖେଳିଥିଲା। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିବା ଫଳରେ କ୍ରମାଗତ ପରାଜୟ ସହ ହାଇତି ପ୍ରତିଯୋଗିତାରୁ ବିଦା ହୋଇଛି। ବ୍ରାଜିଲ ଓ ମରୋକ୍କୋ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ଏବଂ ସ୍କଟଲାଣ୍ଡ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।



ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ବ୍ରାଜିଲ ନିୟନ୍ତ୍ରଣରେ ରହିଥିଲା। ଖେଳର ୨୩ତମ ଓ ୩୬ତମ ମିନିଟ୍‌ରେ କୁନା ୨ଟି ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଉଭୟ ଗୋଲ ଦେବାରେ ବ୍ରାଜିଲକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା। ପ୍ରଥମାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ଭିନିସିଅସ୍ ଜୁନିଅର ଆଉ ଏକ ଗୋଲ ଦେବା ଫଳରେ ମ୍ୟାଚଟି ଏକତରଫା ଭାବେ ବ୍ରାଜିଲ ନିକଟକୁ ଚାଲିଯାଇଥିଲା।

# ନେଦରଲ୍ୟାଣ୍ଡସ ବଡ଼ ବିଜୟ

**ହ୍ୟୁଷ୍ଟନ, ୨୦।୬ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଶନିବାର ରାତିରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ୫-୧ ଗୋଲରେ ଏକପାଖିଆ ଭାବେ ସ୍ୱିଡେନକୁ ପରାସ୍ତ କରିଛି। ବ୍ରାଏନ ବୋବେ (୫ମ ଓ ୧୭ତମ ମିନିଟ) ଏବଂ କୋଡି ଗାକପୋ (୪୭ତମ ଓ ୫୪ତମ ମିନିଟ) ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୮୯ତମ ମିନିଟରେ କ୍ରିସେନସିଓ ସମରଭିଲ୍ଲେ ଦଳ ପାଇଁ ୫ମ ଗୋଲ୍‌ସ୍କୋର କରିଥିଲେ। ଅପରପକ୍ଷରେ ବିଶ୍ୱ ମାନ୍ୟତାର ୩୮ତମ ସ୍ଥାନରେ ଥିବା ସ୍ୱିଡେନ ପକ୍ଷରୁ ଆନ୍ଥୋନୀ ଏଲାଙ୍ଗା ୫୯ତମ ମିନିଟରେ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ। ଦ୍ୱିତୀୟ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ନେଦରଲ୍ୟାଣ୍ଡସ ୪ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷକୁ ଉଠିଛି।

## ନେସନ୍ସ କପ୍ ମହିଳା ହକି
# ଚିଲିକୁ ହରାଇ ଫାଇନାଲରେ ଭାରତ

**ଅକ୍‌ଲାଣ୍ଡ, ୨୦।୬ (ଏଜେନ୍ସି):** ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଅନୁଷ୍ଠିତ ଏକପାଖିଆ ସେମିଫାଇନାଲ ମୁକାବିଲାରେ ଭାରତ ୬-୦ ଗୋଲରେ ଚିଲି ମହିଳା ଦଳକୁ ହରାଇଥିଲା। ବିଜୟୀ ଭାରତୀୟ ଦଳ ପକ୍ଷରୁ ନବନୀତ କୌର ଓ ଦୀପିକା ସେରାୱତ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ତେବେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅଧିନାୟିକା ସାଲିକା ଟେଟେଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ଗ୍ରାଣ୍ଡଫାଇନାଲରେ ଟାଇଟଲ୍ ପାଇଁ ଭାରତ ସହ ଆୟୋଜକ ନ୍ୟୁଜିଲାଣ୍ଡର ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ (୧-୧) ଗୋଲରେ ଆମେରିକାକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ଆଗାମୀ ଏଫଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିବ।

# କୋଚ୍ ରାଜେଶଙ୍କ ପରଲୋକ

**ଭୁବନେଶ୍ୱର, ୨୦।୬ (ସମିସ):** ଜଣାଶୁଣା ତୀରନ୍ଦାଜୀ କୋଚ୍ ରାଜେଶ ହାସଦାଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ରାଜେଶ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ତୀରନ୍ଦାଜ ଥିଲେ। ୧୯୯୮ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ସେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡରେ ୬ଷ୍ଠ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଥିଲେ। ଅବସର ପରେ ରାଜେଶ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ତୀରନ୍ଦାଜୀ କୋଚ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଗଭୀର ଶୋକପ୍ରକାଶ କରିଛନ୍ତି।

## ■ ଆଇସିସି ମହିଳା ଟି-୨୦ ବିଶ୍ୱକପ୍
# ପାକିସ୍ତାନକୁ ହରାଇଲା ବାଂଲାଦେଶ

**ସାଉଥାମ୍ପଟନ, ୨୦।୬ (ଏଜେନ୍ସି):** ଶୋରନା ଅକତରଙ୍କ ୨୨ ବଲରୁ ଅପରାଜିତ ୩୯ ଓ ନାହିଦା ଅକତଙ୍କ ୧୮ ରନ୍‌ରେ ୩ ୱିକେଟ ସଫଳତା ବଳରେ ଏଠାରେ ଶନିବାର ଖେଳାଯାଇଥିବା ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୨୩ ରନ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୬ ୱିକେଟରେ ୧୨୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮ ୱିକେଟରେ ୧୦୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯୮ ରନ୍‌ରେ ନେଦରଲ୍ୟାଣ୍ଡସକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ୭୪ ରନ୍ କରିଥିବା ବେଥ୍ ମୁନୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଆଜି ଦ.ଆଫ୍ରିକାକୁ ଭେଟିବ ଭାରତ

ଭାରତୀୟ ମହିଳା ଦଳ ଏହାର ୩ୟ ମ୍ୟାଚରେ ରବିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ହରମନପ୍ରୀତ୍ କୌରଙ୍କ ଦଳ ପୂର୍ବରୁ ପ୍ରଥମ ମ୍ୟାଚରେ ୬୪ ରନରେ ପାକିସ୍ତାନକୁ ଓ ପରେ ୯୫ ରନରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ତେଣୁ ରବିବାର ମ୍ୟାଚରେ ବିଜୟୀ ହୋଇ ଭାରତ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟବରଣ କରିଛି। ତେଣୁ ଏକାଧିକ ଅଲ୍‌ରାଉଣ୍ଡରଙ୍କୁ ନେଇ ଖଚିତ ଦକ୍ଷିଣ ଆଫ୍ରିକା ଏଠାରେ ବିଜୟୀ ହୋଇ ପଏଣ୍ଟ ଟେବୁଲରେ ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ତୃତୀୟ ଦିନିକିଆ: ପ୍ରସିଦ୍ଧ, ଯଶସ୍ୱୀଙ୍କ କମାଲ; ଆଫଗାନିସ୍ତାନର ହ୍ୟାଟ୍ରିକ୍ ହାର୍
# ଗିଲ୍‌ଙ୍କ ନେତୃତ୍ୱରେ ଭାରତର ପ୍ରଥମ ସିରିଜ୍ କବ୍‌ଜା

ଚେନ୍ନାଇ, ୨୦।୬ (ଏଜେନ୍ସି)

ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଞ୍ଚ ୱିକେଟ୍ ସଫଳତା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆରେ ଭାରତ ୯ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ଭାରତ ଗୋଟିଏ ୱିକେଟ୍ ହରାଇ ୨୮.୪ ଓଭରରେ ହାସଲ କରିନେଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୧୭୦ ରନରେ ଜିତିଥିବା ଘରୋଇ ଦଳ ଏଥିସହ ସିରିଜକୁ କ୍ଲିନସୁଇପ୍ କରିନେଇଛି। ଶୁବମନ ଗିଲ୍ ଦିନିକିଆ ଦଳର ନେତୃତ୍ୱ ନେବାପରେ ଭାରତର ଏହା ପ୍ରଥମ ସିରିଜ ବିଜୟ ହୋଇଛି। ଭାରତ ଏବେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଜୁନ୍ ୨୬ ଓ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେଠାରୁ ଇଂଲଣ୍ଡ ଗସ୍ତ କରି ଭାରତ ଜୁଲାଇ ୧ରୁ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବ।




### ଷଷ୍ଠ ଇନିଂସରୁ ଦ୍ୱିତୀୟ ଶତକ

ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ପାଇଁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଭେଟେରାନ ରୋହିତ୍ ଶର୍ମା ଦମ୍‌ଦାର ଆରମ୍ଭ କରିଥିଲେ। ଓପନିଂ ୱିକେଟ୍ ଭାଗୀଦାରିରେ ଏହି ଯୋଡ଼ି ୧୩୭ ବଲରୁ ୧୭୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୬୯ ବଲରେ ୭୯ ରନ (୯ ଚୌକା ଓ ୩ ଛକା) କରିଥିବାବେଳେ ରୋହିତ୍ ଆଉଟ୍ ହୋଇଥିଲେ। ଏହାପରେ ଜୟସ୍ୱାଲଙ୍କ ସହ ଶ୍ରେୟସ ଆୟର ଯୋଗଦେଇ ଦଳକୁ ୧୨୮ ବଲ୍ ବଳକା ଥାଇ ବିଜୟ ଭେଟି ଦେଇଥିଲେ। ଜୟସ୍ୱାଲ ୧୪ ଚୌକା ଓ ୩ ଛକା ବଳରେ ୮୬ ବଲରୁ ୧୧୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଷଷ୍ଠ ଇନିଂସରୁ ଜୟସ୍ୱାଲଙ୍କ ଏହା ଦ୍ୱିତୀୟ ଦିନିକିଆ ଶତକ ଥିଲା। ସେହିଭଳି ଆୟର ୧୯ ବଲରେ ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସୁଇଂ ଓ ବାଉନ୍ସକୁ ବୁଝି ନ ପାରି ୪୪.୨ ଓଭରରେ ୨୧୮ ରନରେ ସୀମିତ ରହିଥିଲା। ଅଧିନାୟକ ହସମତୁଲ୍ଲା ଶାହିଦୀ (୧୩୧ ବଲରେ ୧୦୨ ରନ)ଙ୍କ ଶତକ ଓ ଆଜମତୁଲ୍ଲା ଓମାରଜାଇ (୫୦ରନ)ଙ୍କ ଅର୍ଦ୍ଧଶତକକୁ ଛାଡ଼ିଦେଲେ ଅନ୍ୟକୌଣସି ଆଫଗାନ ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। କ୍ୟାରିୟରର ପ୍ରଥମଥର ଲାଗି ପାଞ୍ଚ ୱିକେଟ୍ ସଫଳତା ପାଇଥିବା ପ୍ରସିଦ୍ଧ (୮.୨-୨-୨୩-୫) ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ■ ତ୍ରିରାଷ୍ଟ୍ରୀୟ 'ଏ' ଦିନିକିଆ ସିରିଜ୍
# ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଦାମ୍ବୁଲା,୨୦।୬(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ 'ଏ' କ୍ରିକେଟ ସିରିଜ୍‌ର ଫାଇନାଲ ମୁକାବିଲା ଆସନ୍ତାକାଲି ଏଠାରେ ଅନୁଷ୍ଠିତ ହେବ। ଉଭୟ ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ପରାସ୍ତ କରି ଦମ୍‌ର ସହ ଫାଇନାଲ ମୁକାବିଲାକୁ ଆସିଛନ୍ତି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ୨ଟି ଲିଗ୍ ମ୍ୟାଚ୍‌ରୁ ଭାରତ ପ୍ରଥମଟିରେ ଏବଂ ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ସୁପର ଓଭରରେ ଜିତିଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଲେଜିଂ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ସ୍ଲେଜିଂ କରିଥିବା ଶ୍ରୀଲଙ୍କା ଖେଳାଳି ବିଶେନଙ୍କ ବଡ଼ି ଟଚ୍ କରିଥିବାରୁ ସୂର୍ଯ୍ୟବଂଶୀଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ ଉଭୟ ଦଳର ଅଧିନାୟକ ହାଲକା ଭାବେ ନେଇଥିଲେ ମଧ୍ୟ ଖେଳାଳିମାନେ ଖୁବ୍ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ସୂର୍ଯ୍ୟବଂଶୀଙ୍କ ଲାଗି ଭାରତ ଏହି ମ୍ୟାଚ୍ ଜିତୁ ବୋଲି ସମର୍ଥନ ମାନେ ଟିମ୍‌କୁ ଖୋଲା ଆହ୍ୱାନ ଦେଇଛନ୍ତି। ଫଳରେ ଏହି ମ୍ୟାଚ୍‌ର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି।

**ଖେଳ ଆରମ୍ଭ : ପୂର୍ବାହ୍ଣ ୧୦ଟା**
**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS